R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୫
ତିଥି: ତ୍ରୟୋଦଶୀ
୦୯ ସେପ୍ଟେମ୍ବର ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 335
09 September 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆବୁଧାବିରେ ମୁଖ୍ୟମନ୍ତ୍ରୀ : ନିବେଶକ ଆଲୋଚନା ପ୍ରସ୍ତୁତିର ତଦାରଖ

ଆବୁଧାବି/ଭୁବନେଶ୍ୱର, ୮।୯ (ସବ୍ୟୁ) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆବୁଧାବିରେ ପହଞ୍ଚିଛନ୍ତି। ଏହାସହ ସଂଯୁକ୍ତ ଅରବ ଏମିରେଟ୍ସ (ୟୁଏଇ)ରେ ଓଡ଼ିଶାର ଉଚ୍ଚସ୍ତରୀୟ ନିବେଶ ଅଭିଯାନର ଶୁଭାରମ୍ଭ ହୋଇଛି। ସେପ୍ଟେମ୍ବର ୯ ରୁ ୧୧ ପର୍ଯ୍ୟନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ସେପ୍ଟେମ୍ବର ୧୨ରେ ସେ ଭାରତ ଫେରିବାର କାର୍ଯ୍ୟକ୍ରମ ରହିଛି। ୟୁଏଇ ସହିତ ଓଡ଼ିଶାର ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିବେଶ, ମାନୁଫ୍ୟାକଚରିଂ, ଭିତ୍ତିଭୂମି, ଶକ୍ତି ଓ ଏମର୍ଜିଂ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଭାଗିଦାରୀ ଗଢ଼ି ତୋଳିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ।



ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗ ଓ ଇପିକଲର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଆବୁଧାବିରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ୟୁଏଇରେ ଥିବା ଅଧିକାରୀ ଏବଂ ପ୍ରତିନିଧିମାନେ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। ୟୁଏଇରେ ଥିବା ଭାରତୀୟ ଦୂତାବାସର ପ୍ରତିନିଧିମାନେ ମଧ୍ୟ ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇଥିଲେ। ସେଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଆବୁଧାବି ଗସ୍ତ ସମୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଏବଂ ନିବେଶକ ଆଲୋଚନାର ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ୟୁଏଇର ନିବେଶକ, ଅନୁଷ୍ଠାନ ଏବଂ ଶିଳ୍ପପତିମାନଙ୍କ ସହ ହେବାକୁ ଥିବା ବୈଠକଗୁଡ଼ିକ ଯେପରି ଫଳପ୍ରଦ ହେବ, ସେଥିପାଇଁ ସେ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ।

ଏହି ସମୟରେ ମୁଖ୍ୟମନ୍ତ୍ରୀ ୟୁଏଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଆର୍ଥିକ ଏବଂ ଜନସାଧାରଣଙ୍କ ସ୍ତରରେ ସମ୍ପର୍କକୁ ଆହୁରି ମଜବୁତ କରିବାର ସୁଯୋଗଗୁଡ଼ିକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସେଠାରେ ରହୁଥିବା ଏବଂ କାର୍ଯ୍ୟରତ ଓଡ଼ିଆମାନଙ୍କୁ ଓଡ଼ିଶା ଏବଂ ୟୁଏଇରେ ମଧ୍ୟରେ (୯ ପୃଷ୍ଠାରେ)

## ବିଚିତ୍ରପୁର ଜଙ୍ଗଲରୁ ୫ ଓରାଙ୍ଗଉଟାନ୍ ଉଦ୍ଧାର

ବାଲେଶ୍ୱର, ୮।୯ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଭୋଗରାଇ ସଂରକ୍ଷିତ ବନାଞ୍ଚଳ ବିଚିତ୍ରପୁର ଜଙ୍ଗଲରୁ ବିରଳପ୍ରଜାତିର ୫ ବିଦେଶୀ ପ୍ରାଣୀ ଓରାଙ୍ଗଉଟାନ୍ ଉଦ୍ଧାର ହୋଇଛି । ଏହି ଜନ୍ତୁଗୁଡ଼ିକ ସାଧାରଣତଃ ଆଫ୍ରିକା, ଇଣ୍ଡୋନେସିଆ, ଜାଭା, ଥାଇଲାଣ୍ଡ ଭଳି ଦେଶର ଘଞ୍ଚ ଜଙ୍ଗଲରେ ଦୃଶ୍ୟମାନ ହୋଇଥାନ୍ତି । ଘଟଣାରୁ ପ୍ରକାଶ ଭୋଗରାଇ ବ୍ଲକ ଅଧିନସ୍ଥ ରଣକଠା ଅଞ୍ଚଳରେ ଏହି ଜନ୍ତୁମାନେ ବୁଲୁଥିବାର ଦେଖି ଗ୍ରାମବାସୀମାନେ ବନବିଭାଗକୁ ଖବର ଦେଇଥିଲେ ।



ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଉଦୟପୁର ସେକ୍ସନର କର୍ମଚାରୀମାନେ ବାଲେଶ୍ୱର ଡିଭିଜନର ଭୋଗରାଇ ସି.ଡି. ବ୍ଲକ ଅନ୍ତର୍ଗତ ବଡ଼ପାଇ ଗ୍ରାମ ନିକଟ ରଣକଠା ସଂରକ୍ଷିତ ଜଙ୍ଗଲ ଭିତରେ ୫ଟି ଓରାଙ୍ଗଉଟାନ୍‌ଙ୍କ ଉପସ୍ଥିତି ଚିହ୍ନଟ କରିଥିଲେ । ପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିରୁ ଓରାଙ୍ଗଉଟାନ୍‌ଗୁଡ଼ିକୁ ତୁରନ୍ତ ଉଦୟପୁର ସେକ୍ସନ କାର୍ଯ୍ୟାଳୟ କ୍ୟାମ୍ପସକୁ ସ୍ଥାନାନ୍ତରିତ କରାଯାଇଥିଲା। ସେମାନଙ୍କୁ ନିରନ୍ତର ପର୍ଯ୍ୟବେକ୍ଷଣରେ ରଖାଯାଇଛି ଏବଂ ବାରିପଦାର ସର୍କଲ୍ ପଶୁଚିକିତ୍ସା ଦଳଙ୍କ ଦ୍ୱାରା ଆବଶ୍ୟକ ଚିକିତ୍ସା ଆରମ୍ଭ କରାଯାଇଛି। ପ୍ରାଣୀଗୁଡ଼ିକ ବର୍ତ୍ତମାନ ସ୍ୱାଭାବିକ ଅବସ୍ଥାରେ ଥିବା ରିପୋର୍ଟ କରାଯାଇଛି ।କେଉଁ ପରିସ୍ଥିତିରେ (୯ ପୃଷ୍ଠାରେ)

### ବିଏପିଏସ୍ ପ୍ରତିନିଧିଙ୍କ ଗସ୍ତବେଳେ ମହିଳା କର୍ମଚାରୀଙ୍କୁ ହଟାଇବା ଘଟଣା

## ଏଫିଲ୍ ଟାୱାର କର୍ମଚାରୀଙ୍କ ଧର୍ମଘଟ

ନୂଆଦିଲ୍ଲୀ, ୮।୯ : ପ୍ୟାରିସ୍‌ର ଏଫିଲ୍ ଟାୱାରରେ ସୋମବାର ପ୍ରବେଶ ବନ୍ଦ ଥିଲା। ଫଳରେ ବହୁ ପର୍ଯ୍ୟଟକ ନିରାଶ ହୋଇଛନ୍ତି। ଏଠାରେ ଲିଙ୍ଗଗତ ବୈଶମ୍ୟକୁ ନେଇ ବନ୍ଦ କରାଯାଇଥିବା ସୂଚନା ମିଳିଛି। ଘଟଣା ଅନୁଯାୟୀ ବୋଚାସଣବାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା (ବିପିଏସ୍)ର ସଦସ୍ୟ ଏଫିଲ ଟାୱାର ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ମହିଳା କର୍ମଚାରୀଙ୍କୁ ଡ୍ୟୁଟିରୁ ହଟାଯାଇଥିଲା। ବିପିଏସ୍ ପକ୍ଷରୁ ଏହି ସର୍ତ୍ତ ରଖାଯାଇଥିଲା।



ତାଙ୍କ ଗସ୍ତ ସମୟରେ ମହିଳାମାନେ ସେମାନଙ୍କ କାର୍ଯ୍ୟସ୍ଥଳରେ ନ ରହିବା ପାଇଁ କୁହାଯାଇଥିଲା, ଯାହାକୁ ନେଇ ସେମାନେ ଅପମାନିତ ଅନୁଭବ କରିଥିଲେ। ବିପିଏସ୍ ହେଉଛି ଅଷ୍ଟାଦଶ ଶତାବ୍ଦୀର ମୂଳ ତତ୍ତ୍ୱରେ ବିଶ୍ୱାସ କରନ୍ତି ଏବଂ ଖୋଲାଖୋଲି ଭାବେ ସେମାନେ ପୁରୁଷ ଓ ମହିଳାଙ୍କୁ ପୃଥକ ରଖିଥାନ୍ତି। ଏଭଳି ଘଟଣା ପରେ କର୍ମଚାରୀମାନେ ଆନ୍ଦୋଳନ କରି ବନ୍ଦ କରିଦେଇଥିଲେ। ଏଫିଲ ଟାୱାର ପରିଚାଳନା ଦାୟିତ୍ୱ ଏସ୍‌ଇଟିଇ କମ୍ପାନୀ ପାଖରେ ରହିଛି। ଯେତେବେଳେ ଏହି ଗୋଷ୍ଠୀ ଗସ୍ତ କରିଥିଲେ ମହିଳାମାନଙ୍କୁ ସେଠାରୁ ବାଦ୍

### ନିରାଶ ହେଲେ ପର୍ଯ୍ୟଟକ

### ଧର୍ମଘଟ କାରଣର ତଦନ୍ତ ଆରମ୍ଭ

ଦିଆଯାଇଥିଲା। ଏହି ଘଟଣା ନେଇ ଏକ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। ପାରିସ୍ ଓ ବିଶ୍ୱର ଅନ୍ୟ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି। ଖବର ଅନୁଯାୟୀ ମହିଳା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଯେତେବେଳେ ଏହି ପ୍ରତିନିଧି ଦଳ ଆସିବେ (୯ ପୃଷ୍ଠାରେ)

## ଚିହ୍ନଟ ହେବ ଅସୁରକ୍ଷିତ କୋଠା

ଭୁବନେଶ୍ୱର, ୮।୯ (ସବ୍ୟୁ) : ଦିଲ୍ଲୀର ସତ୍ୟନିକେତନରେ ବିପଦସଙ୍କୁଳ କୋଠାଟି ଭୁଶୁଡ଼ିବା ପରେ ୭ ଛାତ୍ରଙ୍କ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାର ଚେତିଛନ୍ତି। ରାଜ୍ୟରେ ଥିବା ସମସ୍ତ ବିପଦଶଙ୍କୁଳ ଓ ଅସୁରକ୍ଷିତ କୋଠାଗୁଡ଼ିକ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସରକାରୀ ଓ ଘରୋଇ କୋଠାଗୁଡ଼ିକୁ ଚିହ୍ନଟ କରି ଯାଞ୍ଚ, ମୂଲ୍ୟାଙ୍କନ ଓ ଆଇନାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।



### ୧୫ ଦିନରେ ଚିହ୍ନଟ କରିବେ ତଦନ୍ତକାରୀ ଦଳ

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିପଦପୂର୍ଣ୍ଣ ସରକାରୀ କୋଠାଗୁଡ଼ିକର ମୂଲ୍ୟାଙ୍କନ ପୂର୍ବରୁ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ନୋଟିସ୍ ମଧ୍ୟ ଜାରି ହୋଇଛି । ଏହି ପ୍ରସଙ୍ଗରେ ଗତକାଲି ବିଭାଗ ସହ ଆଉ ଏକ ସମୀକ୍ଷା ବୈଠକ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

"ମୂଲ୍ୟାଙ୍କନ ଆଧାରରେ ବିପଦସଙ୍କୁଳ ଭାବେ ଚିହ୍ନଟ ସମସ୍ତ ସରକାରୀ କୋଠା ଯାଞ୍ଚ କରାଯାଇଛି ଏବଂ ନୋଟିସ୍ ମଧ୍ୟ ପଠାଯାଇଛି । ଗତକାଲି ସେ ବିଭାଗ ସହିତ ଆଉ ଏକ ସମୀକ୍ଷା କରିଛି । ଖୁବ୍ ଶୀଘ୍ର ବିପଦପୂର୍ଣ୍ଣ ପ୍ରମାଣିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ," ବୋଲି ଡଃ ମହାପାତ୍ର କହିଛନ୍ତି ।


ମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ବିଭାଗ ଅଧୀନରେ ଥିବା ବିପଦପୂର୍ଣ୍ଣ କୋଠାଗୁଡ଼ିକ ବିରୋଧରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଅନ୍ୟ ସରକାରୀ ବିଭାଗ ଅଧୀନରେ ଥିବା କୋଠାଗୁଡ଼ିକ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମନ୍ୱୟ ରକ୍ଷା କରାଯିବ ।

ଏହି ଅଭିଯାନର ପରିସରକୁ ଘରୋଇ କୋଠା ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଚଳିତ ଆଇନ ଓ ନିୟମ ଅନୁଯାୟୀ ବିପଦଜନକ ବା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ଘରୋଇ କୋଠାଗୁଡ଼ିକର ଯାଞ୍ଚ କରାଯିବ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଜାରି କରାଯାଇ ଆଇନାନୁଯାୟୀ ପଦକ୍ଷେପ ନିଆଯିବ। ଏଥିପାଇଁ ୧୫ ଦିନିଆ ଯାଞ୍ଚ ଓ ପରିଦର୍ଶନ ଅଭିଯାନ (୯ ପୃଷ୍ଠାରେ)

## ବିଦ୍ୟୁତ ତାର ଲାଗି ମା' ଓ ଝିଅ ମୃତ

### ଶବ ଧରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭବାନୀପାଟଣା, ୮।୯ (ସବ୍ୟୁ) : ବିଦ୍ୟୁତ୍ ତାର ଲାଗି ମା ଓ ଝିଅ ମୃତ । ଆମ୍ବୁଲାନ୍ସ ବିଳମ୍ବରେ ଆସିବା ଯୋଗୁଁ ଦୁଇ ଜଣଙ୍କ ମୃତ୍ୟୁ ଅଭିଯୋଗ ହୋଇଛି । ଶବ ଧରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ



ପରିବାରବର୍ଗଙ୍କ ହଙ୍ଗାମା ଦେଖିବାକୁ ମିଳିଥିଲା । ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାଶୋଡା ଗାଁର ଘଟଣା । ମୃତା ହେଲେ ମା ଲଳିତା ନାଏକ, ଓ ଝିଅ ଶୀତଳ ନାଏକ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି ।

## ଦିଲ୍ଲୀରେ ମଣିପୁର ସଙ୍ଗୀତଜ୍ଞଙ୍କୁ ପିଟିପିଟି ହତ୍ୟା

### ଆଇନ୍‌ଶୃଙ୍ଖଳା ନେଇ ପ୍ରଶ୍ନ ଉଠାଇଲେ ରାହୁଲ \ ୭ ଗିରଫ, ନାବାଳକ ଅଟକ

ନୂଆଦିଲ୍ଲୀ, ୮।୯ : ମଣିପୁରର ଗିଟାର ବାଦକ ତଥା ସଙ୍ଗୀତ ଶିକ୍ଷକ ଚୋଙ୍ଗଥାମ୍ ବିକ୍ରମ ସିଂହଙ୍କୁ ମାଡ ମାରି ହତ୍ୟା କରାଯାଇଛି। ଏହି ଘଟଣାରେ ୭ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଜଣେ ୧୫ ବର୍ଷୀୟ ନାବାଳକକୁ ଅଟକ ରଖିଛି। ଦକ୍ଷିଣ ଦିଲ୍ଲୀର କିଲୋକୋରି ଠାରେ ମୈଥୀ ସମ୍ପ୍ରଦାୟର ଏହି ସଙ୍ଗୀତ ଶିକ୍ଷକ ରହୁଥିଲେ। ଅଭିଯୋଗ ଅନୁଯାୟୀ ତଳେ କିଛି ଯୁବକ ହୋହଲ୍ଲା କରୁଥିବା ସମୟରେ ଶ୍ରୀ ସିଂହ ତୃତୀୟ ମହଲାରୁ ତଳକୁ ଆସିଥିଲେ। ଅଳିଆ ପକାଇବା



ପାଇଁ ତଳକୁ ଯାଉଥିବା ବେଳେ ତାଙ୍କ ଘର ନିକଟରେ କିଛିଲୋକ ପାଟିତୁଣ୍ଡ କରୁଥିବା ଦେଖି ସେ ଏଥିରେ ଆପତ୍ତି କରିବା ପରେ ବିବାଦ ଦେଖାଦେଇଥିଲା।

ରାତିରେ କାହିଁକି ପାଟି କରୁଛନ୍ତି ବୋଲି ଶ୍ରୀ ସିଂହ ତାଙ୍କୁ କହିଥିଲେ। ଯୁବକମାନେ ତାଙ୍କ ନିକଟରେ ଥିବା ଏକ ଘରପାଖ ଡ୍ରାବାରେ ମଦ ପିଇ ଆସିଥିବା ସୂଚନା ମିଳିଥିଲା। ୧୦ ବର୍ଷ ଧରି ସେ ସେଠାରେ ରହି ସଙ୍ଗୀତ ଶିକ୍ଷା ଦେଉଥିଲେ। ବିବାଦ (୯ ପୃଷ୍ଠାରେ)

### ଭତ୍ତା ପାଣ୍ଠିରୁ ଟଙ୍କା ହେରଫେର

## ୩ ପଞ୍ଚାୟତ ଅଧିକାରୀ ଗିରଫ

ବାଲେଶ୍ୱର, ୮।୯ (ସବ୍ୟୁ): ସାମାଜିକ ସୁରକ୍ଷା ଯୋଜନାରେ ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବୃଦ୍ଧ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଭତ୍ତା ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ବାଲେଶ୍ୱର ଜିଲ୍ଲାର ୩ ଜଣ ପଞ୍ଚାୟତ ସ୍ତରୀୟ ଅଧିକାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ପ୍ରାୟ ୧୬.୭୬ ଲକ୍ଷରୁ ଅଧିକ ସରକାରୀ ଅର୍ଥ ହେରଫେର କରିଥିବା ଜଣାପଡ଼ିଛି । ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଅଧିକାରୀମାନେ ହେଲେ ବର୍ତ୍ତମାନ କୁସୁଡ଼ା ପଞ୍ଚାୟତରେ କାର୍ଯ୍ୟରତ ଥିବା କଖରା ପଞ୍ଚାୟତର ପୂର୍ବତନ ପିଇଓ ସୁବ୍ରତ କୁମାର ପତ , ବର୍ତ୍ତମାନ ଖଇରା ବ୍ଲକରେ କାର୍ଯ୍ୟରତ କୁମ୍ଭାରମୁଳି ପଞ୍ଚାୟତର ପୂର୍ବତନ ପିଇଓ ଚିତ୍ତରଞ୍ଜନ ବାଗସିଂ ଓ ଜଳେଶ୍ୱରପୁର ପଞ୍ଚାୟତ ଆକାଉଣ୍ଟାଣ୍ଟ-କମ-ଡାଟା ଏଣ୍ଟ୍ରି ଅପରେଟର ଗୌତମ ଦଳାଇ ବୋଲି ଜଣାପଡ଼ିଛି ।

ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୨ରୁ ୨୦୨୫ ମସିହା ମଧ୍ୟରେ ଏହି ଅଧିକାରୀମାନେ ଭୋଗରାଇ ବ୍ଲକ ଉନ୍ନୟନ ଅଧିକାରୀଙ୍କ (୯ ପୃଷ୍ଠାରେ)

### ଦାରା ସିଂ ମୁକ୍ତି ମାମଲା

## ନିଷ୍ପତ୍ତି ନ ଜଣାଇଲେ ସଚିବଙ୍କୁ ହେବ ନୋଟିସ୍

ନୂଆଦିଲ୍ଲୀ, ୮।୯ : ଅଷ୍ଟ୍ରେଲିଆ ମିଶନାରୀ ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କ ତାଙ୍କ ଦୁଇ ନାବାଳକ ପୁଅ ହତ୍ୟା ମାମଲାରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ ରବୀନ୍ଦ୍ର ପାଲ୍‌ର ଆଗୁଆ ମୁକ୍ତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ସୁପ୍ରିମ୍‌କୋର୍ଟ ବର୍ଷିଛନ୍ତି। ଏହି ମାମଲାରେ ରାଜ୍ୟର ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ତୁରନ୍ତ ଫଇସଲା ନ କଲେ ସମ୍ପୃକ୍ତ ସଚିବ ବା ଦାୟିତ୍ୱରେ ଥିବା ବରିଷ୍ଠ ଅଫିସରଙ୍କୁ କୋର୍ଟ ତଲବ କରିବ। ଦୁଇବର୍ଷ ଧରି ଏ ପ୍ରସଙ୍ଗରେ କୌଣସି ଫଇସଲା ନ କରି ମାମଲାକୁ ଝୁଲାଇ ରଖାଯାଇଥିବାରୁ ସୁପ୍ରିମ୍‌କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।



ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ମନୋଜ ମିଶ୍ର ଓ ଜଷ୍ଟିସ୍ ବିଜୟ ବିଶୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ଶୁଣାଣି ସମୟରେ ସରକାରଙ୍କ ଆଡ୍‌ଭୋକେଟ୍ ଅନ୍ ରେକର୍ଡ ଅସୁସ୍ଥ ଥିବା ଦର୍ଶାଇ ସରକାରୀ ଓକିଲ ଅଧିକ ସମୟ ମାଗିଥିଲେ। ଏଥିରେ ଜଷ୍ଟିସ୍ ମିଶ୍ର କ୍ଷୁବ୍ଧ ହୋଇ ଦଣ୍ଡ ସମୀକ୍ଷା ବୋର୍ଡକୁ ନିଷ୍ପତ୍ତି ନେବାପାଇଁ ପୂର୍ବରୁ ବହୁ ସମୟ ଦିଆଯାଇଛି। ଅଗଷ୍ଟ ୧୯ ମଧ୍ୟରେ କୋର୍ଟ ସ୍ପଷ୍ଟ ଭାବେ ବୋର୍ଡକୁ ନିଷ୍ପତ୍ତି ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଶୁଣାଣି ସ୍ଥଗିତ ରଖିବା ଛଡା କୌଣସି ଅଗ୍ରଗତି ହେଉନାହିଁ। ଦୁଇବର୍ଷ ଧରି ଏହି ପ୍ରକ୍ରିୟା ଏଡାଇବା ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ପରବର୍ତ୍ତୀ ଶୁଣାଣିରେ ସ୍ଥଗିତାଦେଶ ଗ୍ରହଣ କରାଯିବନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ୧୯୯୯ ମସିହାରେ କେନ୍ଦୁଝରର ମନୋହରପୁର ଠାରେ ଗାଡ଼ି ଭିତରେ ଶୋଇଥିବା ସମୟରେ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ଜିଅନ୍ତା ଜାଳି ହତ୍ୟା କରିଥିଲା। ନିମ୍ନ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ, ଓଡ଼ିଶା ହାଇକୋର୍ଟ ଆଜୀବନ ଜେଲ୍ ଦଣ୍ଡରେ ପରିଣତ କରିଥିଲେ। ୨୦୧୧ରେ ସୁପ୍ରିମ୍‌କୋର୍ଟ ବଳବତ୍ତର ରଖିଥିଲେ। ତେବେ ଦାରା ସିଂ ପକ୍ଷରୁ ତାଙ୍କ ଓକିଲ ଦର୍ଶାଇଥିଲେ ଯେ ତାଙ୍କୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଛି। ୨୪ ବର୍ଷରୁ ଅଧିକ ସମୟ ଜେଲ୍‌ରେ କାଟି ସାରିଛନ୍ତି। ଯୁବ ଅବସ୍ଥାରେ ଉତ୍ତେଜିତ ହୋଇ ସେ ଏହି ଅପରାଧ ଘଟାଇଥିଲେ। ଏଥିଲାଗି ସେ ଅନୁତପ୍ତ। ତାଙ୍କ ଆଚରଣରେ ସୁଧାର ଆସିଛି।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

## ମୃତଦେହ ରଖି ପରିବାର ଲୋକଙ୍କ ପ୍ରତିବାଦ

ମାଲକାନଗିରି, ୮।୯ (ସବ୍ୟୁ) : ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଛି। ମୃତ କଏଦୀ କବିରାଜ ରାଉତ ବୋଲି ଜଣାପଡ଼ିଛି । ମୃତକଙ୍କ ଘର ଗଞ୍ଜାମର ଚିଙ୍ଗୁଡିଖୋଳ ଗ୍ରାମ ବୋଲି ଜଣାପଡ଼ିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇବାକୁ ନେଇ ପରିବାର ଲୋକ ଆପତ୍ତି ଉଠାଇବା ସହ ମୃତ୍ୟୁର ସଠିକ କାରଣ ନଜଣାଇବା ପର୍ଯ୍ୟନ୍ତ ପରିବାର ଲୋକେ ହସ୍ପିଟାଲ ସମ୍ମୁଖରେ ପ୍ରତିବାଦ କରିଥିବା ଜଣାପଡ଼ିଛି ।

କବିରାଜ ରାଉତ ପ୍ରାୟ ଚାରି ବର୍ଷ ଧରି ମାଲକାନଗିରି ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ସୋମବାର ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ତେବେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟକୁ ପଠାଇବା ନେଇ ପରିବାର ଲୋକ ଆପତ୍ତି ଉଠାଇଥିଲେ। ବ୍ୟବଚ୍ଛେଦ ଓ ମୃତ୍ୟୁର ପ୍ରକୃତ କାରଣ ନେଇ ସ୍ୱଷ୍ଟତା ଦାବି କରି ପରିବାର ପକ୍ଷରୁ ହସ୍ପିଟାଲ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା ।

ପରେ ଜାତୀୟ ରାଜପଥ ମଧ୍ୟ ଅବରୋଧ କରାଯାଇଥିଲ । ପରେ ସ୍ଥାନୀୟ ଏସଡିପିଓ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ । ଯେହେତୁ ବିଚାରଧୀନ କୈଦୀର ମୃତ୍ୟୁ ହୋଇଛି । ତେଣୁ ନୀତି ନିୟମ ଅନୁସାରେ କୋରାପୁଟରେ ହିଁ ଶବର ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ବୁଝାଇବା ପରେ ସମସ୍ତେ ଶାନ୍ତ ପଡିଥିଲେ । ଏହି ଘଟଣାକୁ ନେଇ ପୋଲିସ ଓ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘଟଣାର ତଦନ୍ତ ଓ ଆବଶ୍ୟକ ପ୍ରକ୍ରିୟା ଜାରି ରହିଥିବା କୁହାଯାଇଛି ।

ଅନ୍ୟପକ୍ଷରେ ପରିବାର ପକ୍ଷରୁ କଏଦୀଙ୍କ ମୃତ୍ୟୁର ସଠିକ କାରଣ ଜଣାଇବା ସହ ବ୍ୟବଚ୍ଛେଦ ପ୍ରକ୍ରିୟା ନିୟମାନୁସାରେ କରିବାକୁ ଦାବି କରିଛନ୍ତି । ତେବେ ଏନେଇ ଜେଲ ସୁପରିଟେଣ୍ଡେଣ୍ଟ ଦିଲୀପ କୁମାର ଜେନାଙ୍କୁ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇନପାରିଥିବାରୁ ତାଙ୍କ ପ୍ରତିକ୍ରିୟା ଦିଆଯାଇପାରି ନାହିଁ ।

## ସୋସିଆଲ କୋଟ୍ସ



ରାମାୟଣରେ ରଣବୀରଙ୍କୁ ରାମ ଚରିତ୍ରରେ ଗ୍ରହଣ କରିପାରୁ ନାହଁ । ତାଙ୍କ କାନ୍ଧରେ ଆନିମଲ ଚରିତ୍ରର ବୋଝ ରହିଛି । ମୋତେ ଲାଗୁଛି କୌଣସି ନୂଆ ଚେହେରାକୁ ନେବାର ଥିଲା ।

ଶିବ ସାଗର, ପ୍ରଯୋଜକ



ମୁଁ ମରାଠି ଶିଖିବାକୁ ଅନେକ ଚେଷ୍ଟା କରିଛି । ହେଲେ ଶିଖି ପାରିନାହିଁ। ଜେଲରେ ଥିବା ସମୟରେ ମଧ୍ୟ ଅନେକ ଚେଷ୍ଟା କରିଛି କିଭଳି ମରାଠି ଶିଖିଯିବି ହେଲେ ପାରିଲି ନାହିଁ ।

ସଞ୍ଜୟ ଦତ୍ତ, ଅଭିନେତା




ଦି ୱାନ କାହାଣୀ ଲେଖିବା ସମୟରେ ଅନେକ ଘଟଣା ମୋ ସହ ଘଟିଛି । ସେହି ସମୟରେ ମୋ ଜିଭ ମଧ୍ୟ କଟିଥିଲା । ସେହି ସମୟରେ ମୁଁ ଆମିଷ ଖାଇବା ମଧ୍ୟ ଛାଡିଥିଲି ।

ଅରୁଣାଭ କୁମାର , ସ୍କ୍ରିପ୍ଟ ରାଇଟର

## ଇତିହାସ

୧୫୫୩- ବ୍ରିଟେନ୍‌ର ଲିଚ୍‌ଫିଲ୍ଡ ସହର ସ୍ଥାପିତ ।

୧୭୭୬-ୟୁନାଇଟେଡ୍ କଲୋନିଜ୍ ନାଁରୁ ପରିବର୍ତ୍ତିତ ହୋଇ ୟୁନାଇଟେଡ୍ ଷ୍ଟେଟ୍ସ ଆମେରିକା କରାଗଲା ।

୧୭୯୧- ଆମେରିକାର ରାଷ୍ଟ୍ରପତି ଜର୍ଜ ୱାଶିଙ୍ଗଟନ୍‌ଙ୍କ ନାମକ୍ରମେ ଆମେରିକାର ରାଜଧାନୀ (ୱାଶିଙ୍ଗଟନ୍)ର ନାମକରଣ କରାଗଲା ।

୧୮୨୮ - ମହାନ ଋଷ ଔପନ୍ୟାସିକ ଲିଓ ଟଲ୍‌ଷ୍ଟୟଙ୍କ ଜନ୍ମ ।

୧୮୫୦- ଆମେରିକାର ୩୧ତମ ରାଜ୍ୟ ରୂପେ କାଲିଫର୍ଣ୍ଣିଆ ସ୍ୱତନ୍ତ୍ର ପରିଚିତି ହାସଲ କଲା ।

୧୮୫୦- ପ୍ରସିଦ୍ଧ ହିନ୍ଦୀ ଲେଖକ ଏବଂ ନାଟ୍ୟକାର ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ଜନ୍ମ ।

୧୮୭୪- ପ୍ରସିଦ୍ଧ ଓଡିଆ ସାହିତ୍ୟିକ ତଥା ଭାଷାବିଦ୍ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜନ୍ମ ।

୧୯୧୫- ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ଜତିନ୍ଦ୍ରନାଥ ସାନ୍ୟାଲ ଏବଂ ଇଂରେଜଙ୍କ ମଧ୍ୟରେ ଓଡିଶାରେ ସଂଘର୍ଷ ।

୧୯୪୦- ଜର୍ଜ ଷ୍ଟିବିଜ୍‌ଙ୍କ ଦ୍ୱାରା କମ୍ପ୍ୟୁଟରର ପ୍ରଥମ ରିମୋଟ ଅପରେସନ୍ ଆରମ୍ଭ ।

୧୯୪୯- ହିନ୍ଦୀକୁ ରାଷ୍ଟ୍ରୀୟ ଭାଷା ରୂପେ ଭାରତୀୟ ସମ୍ବିଧାନର ସ୍ୱିକାର ।

୧୯୭୪- କାରଗିଲ ଯୁଦ୍ଧରେ ଶହିଦ ହୋଇଥିବା ଭାରତୀୟ ସୈନିକ ବିକ୍ରମ ବାତ୍ରାଙ୍କ ଜନ୍ମ ।

## ଖାଦ୍ୟ ରୋକିବ ବ୍ରଣ ସମସ୍ୟା

ଯେତେବେଳେ ଆମ ସ୍କିନ୍‌ରେ ଥିବା ଛିଦ୍ର ବ୍ୟାକ୍ଟେରିଆ କାରଣରୁ ବ୍ଲକ ହୋଇଯାଏ ସେତେବେଳେ ବ୍ରଣ ହେବାର ଆଶଙ୍କା ବଢିଥାଏ । କେବଳ ବ୍ୟାକ୍ଟେରିଆ ନୁହେଁ ଏହି ତାଲିକାରେ ମୃତ କୋଷିକା ମଧ୍ୟ ସାମିଲ ରହିଛି । ତେବେ ଏଥିପାଇଁ ସମସ୍ତେ ବିଭିନ୍ନ ପ୍ରକାରର ଉପାୟ ଆପଣାଇଥାଆନ୍ତି । ଏଥିପାଇଁ ଅନେକ ଉପଚାର ରହିଛି, ଯେଉଁଥିରେ ଖାଦ୍ୟ ସବୁଠାରୁ ଆଗରେ ରହିଥାଏ । ତେଣୁ ଆମକୁ ଏକ ଆଣ୍ଟି ଆକନେ ଡାଏଟ୍ ଫଲୋ କରିବାର ଅଛି, ଯାହା ଆମକୁ ବ୍ରଣ ସମସ୍ୟାରୁ ମୁକ୍ତି ଦେବ । ଆସନ୍ତୁ ଜାଣିବା ସେହିଭଳି କିଛି ଡାଏଟ୍ ବିଷୟରେ`

**ଡାଲିଜାତୀୟ-** ଡାଲିଜାତୀୟ ଖାଦ୍ୟରେ ଲୋ-ଗ୍ରେକେମିକ୍ ରହିଛି, ତେଣୁ ଏହା ଆମର ବ୍ଲଡ ସୁଗାର ଲେବଲ୍‌କୁ ମ୍ୟାନେଜ କରିଥାଏ । ଏଥିସହ ବ୍ରଣ ହେବାରୁ ରୋକିଥାଏ । ତେଣୁ ନିଜର ପ୍ରତିଦିନ ଖାଦ୍ୟରେ ଡାଲିଜାତୀୟ ସାମଗ୍ରୀ ଆଡ କରନ୍ତୁ ।

**କନ୍ଦମୂଳ-** କନ୍ଦମୂଳରେ ଜିଙ୍କ୍‌ର ପରିମାଣ ଖୁବ ଅଧିକ ରହିଥାଏ, ଯାହା ବ୍ରଣ ସମସ୍ୟାକୁ ଦୂର କରିଥାଏ । ତେଣୁ ଦିନକୁ ଗୋଟିଏ କନ୍ଦମୂଳ ଖାଇବା ତ୍ୱଚା ପାଇଁ ଲାଭ ଦାୟକ ।

**କଖାରୁ-** କଖାରୁରେ ଥିବା ଜିଙ୍କ ଆମ ତ୍ୱଚାରେ ବ୍ରଣ ଉଠିବାକୁ ଦେଇନଥାଏ । ଏହା ଆମ ତ୍ୱଚାକୁ ଏକ ବ୍ରଣ ନିରୋଧୀ କରିବାରେ ସାହାଯ୍ୟ କରିଥାଏ ।

**ଘିକୁଆଁରୀ-** ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ମୁହଁରେ ବ୍ରଣ ଉଠିବାକୁ ଦେଇ ନଥାଏ । ତେଣୁ ସବୁଦିନ ଖଣ୍ଡେଖଣ୍ଡେ ଘିକୁଆଁରୀ ମୁହଁରେ ଘଷନ୍ତୁ ଏହା ଲାଭ ଦାୟକ ହୋଇଥାଏ ।





## ମାଛର ମୂଲ୍ୟ ୫ ଲକ୍ଷ

ଜାପାନର ହୋକାଇଡୋସ୍ଥିତ ହିଦାକା ଅଞ୍ଚଳରେ ଚାଲିଥିବା ସିଜନ୍‌ର ପ୍ରଥମ ସାଲମନ୍ ନିଲାମୀରେ 'ଗିନ୍‌ସେଇ' ନାମକ ଏକ ପ୍ରିମିୟମ୍ ବ୍ରାଣ୍ଡର ମାଛ ପ୍ରାୟ ୫ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି । ସାପୋରୋ ସହରର ଏକ ପାଇକାରୀ ବଜାରକୁ ଆସିଥିବା ପ୍ରାୟ ୧.୫ ଟନ୍ ସାଲମନ୍ ମଧ୍ୟରୁ ଏହି ଗୋଟିଏ ମାଛର ଓଜନ ପ୍ରାୟ ସାଢ଼େ ୪ କିଲୋଗ୍ରାମ୍ ଥିବା ବେଳେ ଏହାର ପ୍ରତି କିଲୋଗ୍ରାମ୍ ପିଛା ଦାମ୍ ୧,୨୦୦ ଡଲାର (ପ୍ରାୟ ୧ ଲକ୍ଷ ଟଙ୍କା) ହିସାବରେ ମୋଟ ମୂଲ୍ୟ ୫,୪୦୦ ଡଲାର (ପ୍ରାୟ ୫ ଲକ୍ଷ ଟଙ୍କା) ହୋଇଥିଲା । ନିଲାମୀରେ ଏହାକୁ କିଣିଥିବା ବ୍ୟବସାୟୀଙ୍କ ଅନୁଯାୟୀ, ଏହି ସିଜନ୍‌ରେ ମିଳୁଥିବା ମାଛର ରଙ୍ଗ, ଗୁଣବତ୍ତା ଏବଂ ସ୍ୱାଦ ବହୁତ ଭଲ ଥାଏ । ଏହାର ଲାଲ୍ ମାଂସ ସହ ଅଧିକ ଫ୍ୟାଟ୍ ଥିବାରୁ ଏହାର ଚାହିଦା ଓ ମୂଲ୍ୟ ଏତେ ଅଧିକ ରହିଛି ।

## ମହୁମାଛି କାମୁଡାରେ କୁକୁରର ଚିକିତ୍ସା



ଚୀନରେ ବୃଦ୍ଧ ପୋଷା ଜୀବଜନ୍ତୁଙ୍କ ଚିକିତ୍ସା ପାଇଁ ପାରମ୍ପରିକ ଚାଇନିଜ୍ ମେଡିସିନର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ଏକ ଅନନ୍ୟ ଘଟଣା ସାମ୍ନାକୁ ଆସିଛି । ଯେଉଁଥିରେ କ୍ୟାନ୍ସରରେ ପୀଡ଼ିତ ଏକ ୧୭ ବର୍ଷୀୟ କୁକୁରର ଯନ୍ତ୍ରଣା ଓ ଫୁଲା କମାଇବା ପାଇଁ ଡାକ୍ତର ତାକୁ ମହୁମାଛି ଦ୍ୱାରା କାମୁଡାଇ ଚିକିତ୍ସା କରିଛନ୍ତି । ପୋଷା ଜୀବଙ୍କ ଜୀବନଶୈଳୀ ସୁଧାରିବା ପାଇଁ ଏହି ପଦ୍ଧତି ସହ ମସାଜ, ମୋକ୍ସିବଷ୍ଟନ୍ ଏବଂ ହର୍ବାଲ ଔଷଧର ସାହାରା ନିଆଯାଉଛି । ଏହି ୭ ବର୍ଷର କୁକୁରକୁ ନାଡ଼ି, ଜିଭ ଓ ଆଖି ପରୀକ୍ଷା ପରେ ହର୍ବାଲ ଔଷଧ ଏବଂ ଡାଏଟ୍ ଥେରାପି ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଚୀନରେ ୭ ବର୍ଷରୁ ଅଧିକ ବୟସର ପ୍ରାୟ ୨ କୋଟି କୁକୁର ଓ ବିରାଡ଼ି ରହିଥିବାରୁ ଏହିପରି ପାରମ୍ପରିକ ଟିସିଏମ ଚିକିତ୍ସା ପଦ୍ଧତିର ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି ।

## ହାଃ ହାଃ



ଶିକ୍ଷକ : ତୁମେ ବିଦ୍ୟାଳୟକୁ କାହିଁକି ଆସୁଛ ?

ଛାତ୍ର: ସାର୍, ଜ୍ଞାନ ଆହରଣ କରିବା ପାଇଁ !

ଶିକ୍ଷକ: ତା'ହେଲେ ବେଞ୍ଚରେ ଶୋଉଛ କାହିଁକି ?


ଛାତ୍ର : ସାର୍! ଜ୍ଞାନ ଶାନ୍ତିରେ ଆସେ, କୋଳାହଳରେ ନୁହେଁ !

## ରୋବଟର ନୃତ୍ୟ ଭିଡ଼ିଓ ଭାଇରାଲ



ବିହାରରେ ଆୟୋଜିତ ଏକ କୃଷ୍ଣ ଜନ୍ମାଷ୍ଟମୀ ମେଳାରେ ଜଣେ ହ୍ୟୁମାନଏଡ୍ ରୋବୋଟ୍ ଗାମୁଛା ଓ ଫୁଲ ମାଳ ପିନ୍ଧି ଭୋଜପୁରୀ ଗୀତର ତାଳେ ତାଳେ ନାଚୁଥିବାର ଏକ ମଜାଦାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯାହାକୁ ଏପର୍ଯ୍ୟନ୍ତ ୨୫ ଲକ୍ଷରୁ ଅଧିକ ଭ୍ୟୁଜ୍ ଏବଂ ୧ ଲକ୍ଷରୁ ଅଧିକ ଲାଇକ୍ସ ମିଳିସାରିଛି । ଭିଡିଓରେ ରୋବୋଟ୍‌ଟି ଗୀତର ବିଟ୍ ସହ ହାତ-ଗୋଡ଼ ହଲାଇ ଡ୍ୟାନ୍ସ କରୁଥିବା ଦେଖି ମଞ୍ଚ ନିକଟରେ ଉପସ୍ଥିତ ଲୋକେ ବେଶ୍ ଉପଭୋଗ କରୁଛନ୍ତି । ନେଟିଜେନ୍ସ ମଧ୍ୟ ବିହାରୀ ଅନ୍ଦାଜ୍ ଓ ରୋବୋଟ୍‌ର ପରଫରମାନ୍ସକୁ ନେଇ ରୋଚକ ପ୍ରତିକ୍ରିୟା ଦେଉଛନ୍ତି । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଇନ୍ଦୋରରେ ଏକ ଦୋକାନ ଉଦ୍‌ଘାଟନ ସମୟରେ ଏବଂ କେରଳରେ ଓଣମ୍ ପର୍ବ ଅବସରରେ ମଧ୍ୟ ରୋବୋଟ୍‌ର ଡ୍ୟାନ୍ସ ଭିଡିଓ ସାମ୍ନାକୁ ଆସି ଚର୍ଚ୍ଚାର ବିଷୟ ପାଲଟିଥିଲା ।

## ନୋରାଙ୍କ ବିରୋଧରେ ମାନହାନି ମାମଲା



ମାନହାନି ମାମଲାରେ ଫସିଥିବା ବଲିଉଡ ଅଭିନେତ୍ରୀ ନୋରା ଫତେହୀଙ୍କ ବିରୋଧରେ 'ଡ୍ୟୁନ୍ସ ଏଭିଏସନ୍' ନାମକ ଏକ ବିମାନ ସଂସ୍ଥା ଗାନ୍ଧୀନଗର କୋର୍ଟରେ ୩ କୋଟି ଟଙ୍କାର ମାମଲା ରୁଜୁ ହୋଇଥିବା ଜଣାପଡିଛି । ଏହାସହ ସାଧାରଣରେ ସ୍ପଷ୍ଟୀକରଣ ଓ ସୋସିଆଲ ମିଡିଆରୁ ସମ୍ପୃକ୍ତ କଣ୍ଟେଣ୍ଟ ହଟାଇବାକୁ ଏଥିରେ ଦାବି କରାଯାଇଛି । ଅଭିଯୋଗ ଅନୁଯାୟୀ, ଗତବର୍ଷ ଡିସେମ୍ବରରେ ମୁମ୍ବାଇରୁ ଜୟପୁର ଯାତ୍ରା ସମୟରେ ନୋରା ନିଜ ଇନଷ୍ଟାଗ୍ରାମରେ ସେସନା ସାଇଟେସନ୍ ସିଜେ ୨ ବିମାନର ଭିଡିଓ ସେୟାର କରି ତାହାକୁ 'ଛୋଟ', ଖେଳନା ଓ 'ଲେଗୋ ଏୟାରପ୍ଲେନ୍' ବୋଲି କହି ପ୍ରତିଷ୍ଠା ହାନି କରିଥିଲେ । ୪.୬ କୋଟିରୁ ଅଧିକ ଫଲୋଅର୍ସ ଥିବା ନୋରାଙ୍କ ଏହି ମନ୍ତବ୍ୟ ଯୋଗୁଁ ବିମାନ ବୁକିଂରେ ୧୫ - ୨୦% ହ୍ରାସ ଘଟିବା ସହ କ୍ୟାନ୍ସଲେସନ୍ ବଢ଼ି ବ୍ୟବସାୟିକ କ୍ଷତି ହୋଇଥିବା କମ୍ପାନୀ ଦାବି କରିଛି । ଯଦିଓ ଉକ୍ତ ବିମାନଟି ସମ୍ପୂର୍ଣ୍ଣ ସଠିକ୍ ଆକାରର, ଡିଜିସିଏ ସାର୍ଟିଫାଇଡ୍ ଏବଂ ବୈଧ ଏନଏସଓପି ଅଧୀନରେ ଚାଲୁଥିଲା । ଏହି ମାମଲାର ଶୁଣାଣି ସିନିୟର ସିଭିଲ ଜଜ୍ ଆର. ଅଗ୍ରୱାଲଙ୍କ ଅଦାଲତରେ ସେପ୍ଟେମ୍ବର ୨୫ରେ ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ ନୋରାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ସୂଚନାଯୋଗ୍ୟ ଯେ, ନୋରା ପୂର୍ବରୁ 'ସରକେ ଚୁନର' ଗୀତ, ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଟଙ୍କା ମନି ଲଣ୍ଡରିଂ ମାମଲା , ଜାକଲିନ୍ ଫର୍ଣ୍ଣାଣ୍ଡିଜ୍‌ଙ୍କ ବିରୋଧରେ ମାନହାନି ମାମଲା, କାତାର ଫିଫା ବିଶ୍ୱକପ୍‌ରେ ଓଲଟା ଜାତୀୟ ପତାକା ଧରିବା ବିବାଦ ଏବଂ ନୃତ୍ୟଶିଳ୍ପୀ ଟେରେନ୍ସ ଲୁଇସ୍‌ଙ୍କ ସହ ଭିଡିଓ ଟେମ୍ପରିଂ ବିବାଦ ପାଇଁ ଚର୍ଚ୍ଚାରେ ରହିସାରିଛନ୍ତି ।



**ମେଷ:** ସମ୍ପର୍କହାନି, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ଅଶାନ୍ତି, ଅଯଥା ଖର୍ଚ୍ଚ, ବନ୍ଧୁ ସାହାଯ୍ୟ, ଅନୁଷ୍ଠାନରୁ ଲାଭ, ଶରୀରସୁସ୍ଥ, ଶତ୍ରୁସମସ୍ୟା । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ବଡ଼ କାର୍ଯ୍ୟରେ ଆଶ୍ୱସ୍ତି, ସମ୍ପର୍କରେ ସୁଧାର, ଲୋକସମ୍ପର୍କ ବୃଦ୍ଧି, ଦେବକାର୍ଯ୍ୟରେ ଶାନ୍ତି, ଅର୍ଥଲାଭ, ଗୃହେ ସହାୟତା, ଶରୀର ସୁସ୍ଥ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**ମିଥୁନ:** ଅଯଥା ବ୍ୟୟ, ଲୋକସମ୍ପର୍କରେ ଉନ୍ନତି, ଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ପାରିବାରିକ ସମ୍ପର୍କରେ ଉନ୍ନତି, ଦ୍ରବ୍ୟଲାଭ, ବାଣିଜ୍ୟଲାଭ । ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**କର୍କଟ:** ଶୁଭଖବର, କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ସମ୍ପତ୍ତିଲାଭ, ବିବାଦ ସମାଧାନ, ଶରୀର ସୁସ୍ଥ, ଦେବଦର୍ଶନ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୨, ଆରାଧନା-ପ୍ରଭୁ ଗଣେଶ ।

**ସିଂହ:** ସନ୍ତାନସମସ୍ୟା, ପରିବାରରେ ଉତ୍ସବକୁ ନେଇ ଆଲୋଚନା, ବନ୍ଧୁଲାଭ, ଅର୍ଥସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅଶାନ୍ତି, ଅଯଥା ବିବାଦ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ମା' କାଳୀ ।

**କନ୍ୟା:** ବନ୍ଧୁ ସାହାଯ୍ୟ, ଅର୍ଥଲାଭ, ସମସ୍ୟା ସମାଧାନ, ଶୁଭକାର୍ଯ୍ୟରେ ବ୍ୟସ୍ତ, ନୂତନ କର୍ମନିଯୁକ୍ତି, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ସମ୍ମାନଲାଭ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୦, ଆରାଧନା-ମା' ସରସ୍ୱତୀ ।

**ତୁଳା:** କର୍ମକ୍ଷେତ୍ରେ ସମ୍ମାନ, ଶୁଭଖବର, ବ୍ୟବସାୟରେ ଉନ୍ନତି, ଦାମ୍ପତ୍ୟସୁଖ, ସନ୍ତାନଲାଭ, ମାନସିକ ଶାନ୍ତି, ଶରୀର ସୁସ୍ଥ, ଦୂରଯାତ୍ରାରେ ସତର୍କ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବନ୍ଧୁ ବିଦ୍ୱେଷ, ଅର୍ଥଚିନ୍ତା, ସାମାନ୍ୟ ଶରୀର ଅସୁସ୍ଥ, ଗୃହେ ସହାୟତା, ସୁମିଷ୍ଟ ଭୋଜନପ୍ରାପ୍ତି, ଅର୍ଥଖର୍ଚ୍ଚ, ନୂତନ ନିଯୁକ୍ତିରେ ବିଳମ୍ବ, ସନ୍ତାନଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଯାତ୍ରାରେ ସତର୍କ, ପାରିବାରିକ ଚିନ୍ତା, ଅଯଥା ଅଶାନ୍ତି, ବନ୍ଧୁସାହାଯ୍ୟ, ଶୁଭଆଲୋଚନା ସଫଳ, ଶାରୀରିକ କଷ୍ଟ, ସମ୍ପର୍କରେ ସୁଧାର, ଦାମ୍ପତ୍ୟ କଳହ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ମକର:** ପ୍ରୀତିଲାଭ, ବ୍ୟବସାୟରେ ଉନ୍ନତି, ବନ୍ଧୁଲାଭ, ଶୁଭ ଆଲୋଚନା, ଯାତ୍ରାରେ ସଫଳ, ଅର୍ଥଲାଭ, ଦେବଦର୍ଶନ, ବିଦେଶଗସ୍ତ, ଶରୀର ସୁସ୍ଥ । ଧନିଷ୍ଠା ନକ୍ଷତ୍ର-ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ମା' ଦୁର୍ଗା ।

**କୁମ୍ଭ:** ଅର୍ଥଲାଭ, କଥାବାର୍ତ୍ତା ସଫଳ, ମାନସିକ ଶାନ୍ତି, ଶରୀର ସୁସ୍ଥ, ଦେବକାର୍ଯ୍ୟ ହେତୁ ଧନବ୍ୟୟ, ବନ୍ଧୁଲାଭ, ନୂତନ କର୍ମନିଯୁକ୍ତି, ଦୂରଯାତ୍ରାରେ ଖୁସି । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ମୀନ:** କାର୍ଯ୍ୟରେ ଉତ୍ସାହ, ମାନସିକ ଶାନ୍ତି, ସମ୍ମାନମିଳିବ, ଅର୍ଥପ୍ରାପ୍ତି, ସମ୍ପତ୍ତିଲାଭ, ଦୂରଯାତ୍ରା ସଫଳ, ନୂତନ ନିଯୁକ୍ତି, ସ୍ୱଜନ ବିରୋଧ, ଶାରୀରିକ ସୁସ୍ଥ, ଶତ୍ରୁ ପରାଜିତ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ତାରା ।

ଭାଦ୍ରବ କୃଷ୍ଣ ପକ୍ଷ ତ୍ରୟୋଦଶୀ
୯.୯.୨୦୨୬, ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ବସୁନ୍ଧରା ଯୋଜନାରେ ବାସହୀନଙ୍କୁ ଜମି ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ଗୁରୁତ୍ୱ

# ବର୍ତ୍ତମାନ ସୁଦ୍ଧା ୩୪,୨୫୧ ଯୋଗ୍ୟ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଜମି ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଘରବାରିହୀନ ପରିବାରଗୁଡ଼ିକୁ ସର୍ଭେ ମାଧ୍ୟମରେ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀଙ୍କୁ ଘରବାରି ନିମନ୍ତେ ଜମି ଯୋଗାଇଦେବା ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା ବସୁନ୍ଧରା ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ଗତିଶୀଳ କରିବା ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି ।

୨୦୨୪ ମସିହାରେ କରାଯାଇଥିବା ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ରାଜ୍ୟରେ ମୋଟ ୪୨,୯୧୫ ଘରବାରିହୀନ ବ୍ୟକ୍ତି ଗଣନା ହୋଇଥିବା ବେଳେ ତନ୍ମଧ୍ୟରୁ ତଦନ୍ତ ପରେ ୩୩,୦୮୨ ଜଣ ଯୋଗ୍ୟ ଘରବାରିହୀନ ବ୍ୟକ୍ତି ଚିହ୍ନଟ ହୋଇଥିବାବେଳେ ୩୦,୬୫୩ ଜଣଙ୍କ ସପକ୍ଷରେ ଜମି ଆବଣ୍ଟନ କରାଯାଇଛି। ସେହିପରି, ୨୦୨୫ ମସିହାର



ପ୍ରାରମ୍ଭିକ ସର୍ଭେରେ ୫୮,୬୨୦ ଘରବାରିହୀନ ବ୍ୟକ୍ତି ଚିହ୍ନଟ ହୋଇଥିବାବେଳେ ତଦନ୍ତ ପରେ ୧୧,୮୨୭ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩,୫୯୮ ଜଣଙ୍କୁ ଜମି ପ୍ରଦାନ କରାଯାଇଛି ଏବଂ ବକେୟା ୮,୨୨୯ ଜଣଙ୍କୁ ଜମି ପ୍ରଦାନ ପାଇଁ ପ୍ରକ୍ରିୟା ଚାଲୁରହିଛି ।

ବିଗତ ଦୁଇ ବର୍ଷରେ ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ରାଜ୍ୟରେ ମୋଟ ୧,୦୧,୫୩୫ ଘରବାରିହୀନ ବ୍ୟକ୍ତି ଗଣନା ହୋଇଥିବାବେଳେ ତଦନ୍ତ ପରେ ୪୪,୯୦୯ ଜଣ ଯୋଗ୍ୟ ବାସହୀନ ବ୍ୟକ୍ତି ଭାବେ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଅଦ୍ୟାବଧି ୩୪,୨୫୧ ଜଣଙ୍କ ସପକ୍ଷରେ ଜମି ଆବଣ୍ଟନ ହୋଇଥିବାବେଳେ ବକେୟା ୧୦,୬୫୮ ଜଣଙ୍କୁ ପର୍ଯ୍ୟାୟକ୍ରମେ ଜମି ଆବଣ୍ଟନ କରାଯିବ। ଏହି ପରିପ୍ରେକ୍ଷୀରେ, ଜମି ଆବଣ୍ଟନରେ ଥିବା ସମସ୍ୟା ଦୂର କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି । ବସୁନ୍ଧରା ଯୋଜନାରେ ଜମି ଆବଣ୍ଟନ ପ୍ରକ୍ରିୟାରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଛି।

ଏଥିସହିତ, ବର୍ତ୍ତମାନ ଯୋଗ୍ୟ ଘରବାରିହୀନ ହିତାଧିକାରୀଙ୍କ ନିମନ୍ତେ ବାର୍ଷିକ ପରିବାର ଆୟ ସୀମା ୧ ଲକ୍ଷ ଟଙ୍କା ରହିଥିବା ବେଳେ ଉକ୍ତ ଆୟ ସୀମାର ପୁନଃନିର୍ଦ୍ଧାରଣ ଆବଶ୍ୟକତା ଉପରେ ମଧ୍ୟ ବିଚାର କରାଯାଉଛି । ଘରବାରିହୀନ ପରିବାରଗୁଡ଼ିକୁ ସମ୍ମାନଜନକ ଜୀବନଯାପନର ସୁଯୋଗ ଦେବା ସହିତ ସେମାନଙ୍କ ନିଜସ୍ୱ ଘର ନିର୍ମାଣର ସ୍ୱପ୍ନକୁ ସାକାର କରିବା ଦିଗରେ ବସୁନ୍ଧରା ଯୋଜନା ରାଜ୍ୟସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ଅବଶିଷ୍ଟ ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ଜମି ଯୋଗାଇଦେବା ଏବଂ ଜିଲ୍ଲାସ୍ତରରେ ରହିଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ପ୍ରକାଶ କରିଛନ୍ତି ।

### ରୁପା ବ୍ୟବସାୟୀଙ୍କ ଘରୁ ଗହଣା ଚୋରି

# ୩ ଗିରଫ, ୩ଲକ୍ଷ ଟଙ୍କାର ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ରୁପା ବ୍ୟବସାୟୀଙ୍କ ଘରୁ ଚୋରି ହୋଇଥିବା ୩ଲକ୍ଷ ଟଙ୍କାର ଗହଣା ଭରତପୁର ଥାନା ପୋଲିସ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାର କରିଛି । ଗିରଫ ୩ଜଣ ହେଲେ ଅଭିନାଶ ମହାନ୍ତି (୩୦), ରଞ୍ଜିତା ସେଠୀ (୩୦) ଓ ରାକେଶ ସେଠୀ (୩୦) ।

ରୂପା ବ୍ୟବସାୟୀ ପ୍ରଦୀପ୍ତ କୁମାର ଦାସ ବିଭିନ୍ନ ସ୍ଥାନରୁ ରୂପା କିଣାବିକା କରି ଆଣି ନିଜ ଘରେ ରଖନ୍ତି । ଅଭିଯୁକ୍ତ ଅବିନାଶ ମହାନ୍ତି ତାଙ୍କର ପରିଚିତ ଥିଲା ଏବଂ ସେ ଅଭିଯୋଗକାରୀଙ୍କ ସହ ରୂପା ବ୍ୟବସାୟ ପାଇଁ ବିଭିନ୍ନ ସ୍ଥାନକୁ ଯାଉଥିଲା । ତାଙ୍କ ସହ ସମ୍ପର୍କ ଥିବାରୁ ଘରେ କେଉଁଠାରେ ରୂପା ରୁହେ, ଚାବି କେଉଁଠାରେ ରଖାଯାଏ ସେ ସମ୍ପର୍କରେ ମଧ୍ୟ ଜାଣିଥିଲା । ଜୁନ୍ ମାସ ୯ ତାରିଖ ଅପରାହ୍ନ ୪ଟାରେ ଅଭିଯୋଗକାରୀ ନିଜ ଘର ଛାତ ଉପରେ ଚାବି ଲୁଚାଇ ବାହାରକୁ ଯାଇଥିଲେ । ଏହି ସୁଯୋଗରେ ଅଭିଯୁକ୍ତ ଅନିନାଶ ଚାବି ଆଣି ତାଲା ଖୋଲି ଘର ଭିତରୁ ପ୍ରାୟ ୩ଲକ୍ଷ ଟଙ୍କାର ରୂପା ଅଳଙ୍କାର ଚୋରି କରି ଫେରାର ହୋଇଯାଇଥିଲା । ସେହି ରୂପା ଅଳଙ୍କାରକୁ ଖଣ୍ଡଗିରି ବାରି ଅଞ୍ଚଳରେ ରହୁଥିବା ରାକେଶ



କୁମାର ସେଠୀ ଓ ତାଙ୍କ ପତ୍ନୀକୁ ବିକ୍ରି କରିଥିଲା । ଥାନାରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିବାରୁ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଥିଲା । ସୋମବାର ରାତି ସାଢେ ୮ଟା ସମୟରେ ପୋଲିସ ଖଣ୍ଡିଗିରି ବାରିର ଚିଲିକା ଫ୍ରେସ୍ ନିକଟରୁ ମୁଖ୍ୟ ଅଭିଯୁକ୍ତ ଅବିନାଶ ମହାନ୍ତିଙ୍କୁ ଗିରଫ କରିବା ପରେ ରାକେଶ ଓ ତା'ସ୍ତ୍ରୀ ରଞ୍ଜିତାକୁ ଗିରଫ କରାଯାଇଥିଲା । ଦମ୍ପତିଙ୍କ ଘରୁ ଚୋରି ହୋଇଥିବା ୩ଲକ୍ଷ ଟଙ୍କାର ରୂପା ଅଳଙ୍କାର ଜବତ ହୋଇଛି । ଦମ୍ପତିଙ୍କ ଘର ଜଗତସିଂହପୁର ବାଲିକୁଦା ଥାନା ଅଞ୍ଚଳ ନହରଣା ଗ୍ରାମରେ ହୋଇଥିବା ବେଳେ ସେ ଖଣ୍ଡଗିରି ବାରିରେ ଭଡାକୁ ରୁହନ୍ତି ବୋଲି ପୋଲିସ କହିଛି । ଅବିନାଶ ଘର ଖଣ୍ଡଗିରି ବାରିରେ ହୋଇଥିବା ସୂଚନା ମିଳିଛି ।

# କାର୍, ୫୪ଲକ୍ଷ ଚୋରି ଟଙ୍କା ଜବତ, ଚୋର ଫେରାର

ଭୁବନେଶ୍ୱର, (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ଘରୁ ଚୋରି ହୋଇଥିବା କାର୍ ଓ ୫୪ଲକ୍ଷ ଟଙ୍କା ପୋଲିସ ଜବତ କରିଛି । ପୋଲିସ ଚଢାଉ କରିବା ସୂଚନା ପାଇ ଫେରାର ହାଇଯାଇଥିବା ସୂଚନା ମିଳିଛି । ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ଘରେ ଅସ୍ତରଙ୍ଗ ବାହୁଡିହ ଗ୍ରାମର ଜଣେ ଯୁବକ କେୟାରଟେକର ଭାବେ କାମ କରୁଥିଲା । ଘରେ କେହି ନଥିବାର ସୁଯୋଗ ଉଣ୍ଡି ଯନ୍ତ୍ରୀ ଘରେ ରଖିଥିବା ୬୫ଲକ୍ଷ ଟଙ୍କା ଓ ତାଙ୍କ କାର୍ କେୟାରଟେକର ଚୋରି କରିନେଇ ପଳାଇଥିଲା । କେୟାରଟେକରକୁ ସନ୍ଦେହ କରି ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ପୋଲିସ ମାମଲା ରୁଜୁ କରି ଚୋରକୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳର ସେହି ଗାଁରୁ ଟଙ୍କା ଜବତ ହୋଇଛି । ଦୁଇବର୍ଷ ପରେ ପୁଅ କାର୍ ଧରି ଘରକୁ ଫେରିଥିଲା । ଖାଲି କାର୍ ନୁହେଁ, ୫୪ଲକ୍ଷ ଟଙ୍କା ସାଙ୍ଗରେ ନେଇଥିବା ମା' ଜାଣିଥିଲେ । କେୟାରଟେକର ଭାବେ କାମ କରୁଥିବା ପୁଅ କାର୍ ଓ ଏତେଗୁଡିଏ ଟଙ୍କା କେଉଁଠୁ ଆଣିଲା ବୋଲି ମା' ମନରେ ପ୍ରଶ୍ନ ଉଠିବାରୁ ସେ ପୁଅକୁ ପଚରାଉଚରା କରିଥିଲେ । ପୁଅଠାରୁ ସଠିକ୍ ଉତ୍ତର ନପାଇବାରୁ ସେ ପୋଲିସ କଣ୍ଟ୍ରୋଲ ୧୧୨କୁ ଫୋନ୍ କରିଥିଲେ । ଫୋନ୍ ପାଇବା ପରେ ଅସ୍ତରଙ୍ଗ ପୋଲିସ ବାହୁଡିହ ଗ୍ରାମରେ ଚଢାଉ କରି ଟଙ୍କା ଓ କାର୍ ଜବତ କରିଥିଲା । ପୋଲିସ ଚଢାଉ କରିବା ସମୟରେ ଚୋର କେୟାରଟେକର ଫେରାର ହୋଇଯାଇଥିଲା । ଅସ୍ତରଙ୍ଗ ପୋଲିସଠାରୁ ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ପହଞ୍ଚି ଟଙ୍କା ଓ କାର୍‌କୁ ଜବତ କରି ଫେରାର ଚୋରକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି ।

# ଅସଦାଚରଣ ଅଭିଯୋଗ, ଭଣ୍ଡବାବା ଗିରଫ


ଭୁବନେଶ୍ୱର, (ସବ୍ୟୁ) : ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଭଣ୍ଡବାବାକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ଅଞ୍ଚଳରେ ରୁହେ ବିଷ୍ଣୁଚରଣ ଦାସ ଘର । ସେ ନିଜକୁ ବାବା ବୋଲି ପରିଚୟ ଦେଇ ଲୋକଙ୍କୁ ଭଣ୍ଡାଉଥିଲା । କେବଳ ଲୋକଙ୍କୁ ଭଣ୍ଡାଇବା ନୁହେଁ ମହିଳା ଓ ଯୁବତୀମାନଙ୍କୁ ଅସଦାଚରଣ କରେ ବୋଲି ଚର୍ଚ୍ଚା ହୁଏ । ଅଭିଯୋଗ ହେଉନଥିବାରୁ ବିଷ୍ଣୁ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନଥିଲା । ତାଙ୍କ ଗାଁର ଜଣେ ଯୁବତୀ ଗାଧୋଉଥିବା ବେଳେ ବିଷ୍ଣୁଚରଣ ଦାସ ଠିଆ ହୋଇ ତାଙ୍କୁ ଦେଖିବା ସହ ତାଙ୍କୁ ଖରାପ ଇଙ୍ଗିତ ପ୍ରଦର୍ଶନ କରିଥିଲା । ଯୁବତୀ ତାକୁ ଏ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହେଲା । ଉପାୟଶୂନ୍ୟ ହୋଇ ପୀଡିତା ଯୁବତୀ ଏୟାରଫିଲ୍ଡ ଥାନାରେ ଅଭିଯୋଗ କଲେ । ଅଭିଯୋଗ ଅନୁଯାୟୀ ପୋଲିସ ମାମଲା ରୁଜୁ କରି ବିଷ୍ଣୁଚରଣ ଦାସକୁ ଗିରଫ କରିବା ସହ ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ବିଷ୍ଣୁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ୧୦ରେ ପ୍ରତିଭା ରାୟଙ୍କୁ ସାହିତ୍ୟ ଅକାଦେମିର ଫେଲୋସିପ ପ୍ରଦାନ ଉତ୍ସବ

ଭୁବନେଶ୍ୱର,(ସବ୍ୟୁ): ଆସନ୍ତା ୧୦ ତାରିଖ ଗୁରୁବାର ସାହିତ୍ୟ ଅକାଦେମି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଖ୍ୟାତ ଲେଖିକା ପ୍ରତିଭା ରାୟଙ୍କୁ ଅକାଦେମିର ସର୍ବୋଚ୍ଚ ସମ୍ମାନ ମହତ୍ତର ସଦସ୍ୟତା (ଫେଲୋସିପ) ପ୍ରଦାନ କରାଯିବ । ଅପରାହ୍ନ ୩:୩୦ ରେ ଆରମ୍ଭ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଅକାଦେମିର ସଭାପତି ଡକ୍ଟର ମାଧବ କୌଶିକ ଅଧ୍ୟକ୍ଷତା କରିବା ପୂର୍ବକ ପ୍ରତିଭା ରାୟଙ୍କୁ ଫେଲୋସିପ ପ୍ରଦାନ କରିବେ । ସ୍ୱାଗତ ଭାଷଣ ପ୍ରଦାନ ସହିତ ପ୍ରଶସ୍ତି ପାଠ କରିବେ ସାହିତ୍ୟ ଅକାଦେମିର ସଚିବ ଡକ୍ଟର ବରୁଣ ଗୁଲାଟି । ଏହି ଉପଲକ୍ଷେ ଆୟୋଜିତ ସଂବାଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ଗୌରହରି ଦାସ । ବକ୍ତା ଭାବରେ



ଯୋଗ ଦେବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ସଂଘମିତ୍ରା ମିଶ୍ର ଏବଂ କଥାକାର ଦେବପ୍ରସାଦ ଦାଶ । ଶେଷରେ ସମ୍ମାନ ସ୍ୱୀକାରୋକ୍ତି ପ୍ରଦାନ କରିବେ ପଦ୍ମଭୂଷଣ ପ୍ରତିଭା ରାୟ । କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଲେଖକ, ଗବେଷକ, ସାହିତ୍ୟପ୍ରେମୀ ଓ ଛାତ୍ରଛାତ୍ରୀମାନେ ଯୋଗଦେବା ପାଇଁ ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ତରଫରୁ ଅନୁରୋଧ କରାଯାଇଛି ।

### ଏମ୍‌ଏମ୍‌ଡ଼ିଆର ଆଇନ ବିରୋଧରେ ଇଣ୍ଡିଆ ବ୍ଲକର ଐକ୍ୟବଦ୍ଧ ଲଢ଼େଇ

# ଆଇନ ରଦ୍ଦ ନହେବା ଯାଏଁ ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ ଛକ ନିକଟସ୍ଥ କଂଗ୍ରେସ ଭବନ ସମ୍ମୁଖରେ ଇଣ୍ଡିଆ ବ୍ଲକର ଆହ୍ୱାନରେ ରାଜ୍ୟସ୍ତରୀୟ ମିଳିତ କନଭେନସନ ଅନୁଷ୍ଠିତ ହୋଇଥିଲା । ଏଥିରେ ଏମଏମଡ଼ିଆର ସଂଶୋଧନ ଆଇନ, ୨୦୨୬ ରଦ୍ଦ କରିବାକୁ ଦାବି କରାଯିବା ସହ ଏହାକୁ ଓଡ଼ିଶା ଲୁ=ନ ପାଇଁ ପ୍ରଧାନମନ୍ତ୍ରୀଙ୍କ ନକ୍ସା ବୋଲି ବର୍ଣ୍ଣନା କରି ଏହାକୁ ରଦ୍ଦ କରିବାକୁ ସର୍ବସମ୍ମତ ଦାବି କରାଯାଇଥିଲା ।

ସଭାକୁ ଏକ ସଭାପତି ମଣ୍ଡଳୀ କାନୁନଗୋ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ । ସିପିଆଇ ଓଡ଼ିଶା ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର ଏବଂ ପିସିସି ସଭାପତି ଶ୍ରୀ ଦାସ ଆଗାମୀ ଆନ୍ଦୋଳନର କାର୍ଯ୍ୟସୂଚୀ ସମ୍ପର୍କିତ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ଜୟଦେବ ଜେନା ଓ ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଉଦବୋଧନ ଦେଇଥିଲେ ।

କନଭେନସନରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା । ୨୯ ସେପେଫମ୍ବରରେ ସମଗ୍ର ଓଡ଼ିଶାର ଜନସାଧାରଣ ବିଧାନସଭା ଅଭିମୁଖେ ଯାଇ ଘେରାଉ କରିବେ । ବିଧାନସଭା ଘେରାଉ ପରେ ଓଡ଼ିଶା ବନ୍ଦ ସମେତ ଆହୁରି ତୀବ୍ର ଆନ୍ଦୋଳନ କାର୍ଯ୍ୟକ୍ରମ ଘୋଷଣା କରାଯିବ ବୋଲି ମିଳିତ ଭାବେ ଘୋଷଣା କରାଯାଇଥିଲା ।

କନଭେନସନରେ ଏମଏମଡ଼ିଆର ସଂଶୋଧନ ଆଇନ,



ପରିଚାଳନା କରିଥିଲେ । ଏହି ମଣ୍ଡଳୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ(ଏମ)ର ପୂର୍ବତନ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ(ଏମଏଲ) ଲିବରେସନର ତିରୁପତି ଗମାଙ୍ଗୋ, ଅଲ ଇଣ୍ଡିଆ ଫରଓ୍ୱାର୍ଡ ବ୍ଲକ୍ର କମଳା ସାହୁ, ସମାଜବାଦୀ ପାର୍ଟିର ରାଜ୍ୟ ନେତା ଶିବ ହାତୀ ଯାଦବ, ଆରଜେଡିର ହେମନ୍ତ କୁମାର ଏବଂ ଏନସିପିର ବିକ୍ରମ ସ୍ୱାଇଁ ପ୍ରମୁଖ ଥିଲେ । ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ ସିପିଆଇ(ଏମଏଲ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରଓ୍ୱାର୍ଡ ବ୍ଲକ୍ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସମାଜବାଦୀ ପାର୍ଟିର ରାଜ୍ୟ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ନେତ୍ରୀ ସୈଦାମିନୀ ସାମନ୍ତରାୟ, ସିପିଆଇର ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ) ନେତ୍ରୀ ପୁଷ୍ପା ଦାଶ ଏବଂ ସିପିଆଇ(ଏମଏଲ) ନେତା ରାଧାକାନ୍ତ ସେଠୀଙ୍କ ସମେତ ବହୁ ନେତା କନଭେନସନରେ ୨୦୨୬କୁ ବିରୋଧ କରିବାର କାରଣ ଗୁଡ଼ିକ ଉପସ୍ଥାପନ କରାଯାଇଥିଲା । କନଭେନସନରେ ସର୍ବସମ୍ମତ ଭାବେ ଘୋଷଣା କରାଯାଇଥିଲା ଯେ, ଓଡ଼ିଶା ସମେତ ୧୫ରୁ ଅଧିକ ରାଜ୍ୟର ଖଣି, ଜମି, ଜଳ, ଜଙ୍ଗଲ, ଘରବାଡ଼ି ଓ ଜୀବିକାକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏମଏମଡ଼ିଆର ସଂଶୋଧନ ଆଇନ - ୨୦୨୬ ଅଣାଯାଇଥିବାରୁ, ଏହି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଏହା ବିରୋଧରେ ରାଜ୍ୟବ୍ୟାପୀ ପ୍ରତିରୋଧ ଆନ୍ଦୋଳନ ଜାରି ରହିବ ବୋଲି ସର୍ବସମ୍ମତ ଘୋଷଣା କରାଯାଇଛି ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଯୋଜନା ନେଇ ପ୍ରସ୍ତୁତି କର୍ମଶାଳା

ଭୁବନେଶ୍ୱର,(ସବ୍ୟୁ): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୨୦୨୬-୨୭ ବର୍ଷ ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନେଇ ମଙ୍ଗଳବାର ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରଦ ଓ ଲକ୍ଷ୍ୟଭିତ୍ତିକ ଭାବେ କାର୍ଯ୍ୟାନ୍ୱୟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ହେଉଛନ୍ତି ରାଜ୍ୟର ସ୍ୱାସ୍ଥ୍ୟ ନେତୃବୃନ୍ଦ । ସେମାନଙ୍କ ନେତୃତ୍ୱ ଓ କାର୍ଯ୍ୟଦକ୍ଷତା ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାର ଫଳପ୍ରଦତାକୁ ନି ର୍ଦ୍ଧାରଣ କରିବ । ତେଣୁ ଯୋଜନାର ସଠିକ ପ୍ରସ୍ତୁତି ସହ ତାହାର ସମୟୋପଯୋଗୀ ଓ ଗୁଣାତ୍ମକ କାର୍ଯ୍ୟାନ୍ୱୟନ ପ୍ରମୁଖ ଦାୟିତ୍ୱ ବୋଲି କହିଛନ୍ତି ।

ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ୨୦୧୪ରୁ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ବିକାଶ ହୋଇଛି । ଜାତୀୟ ସ୍ୱାସ୍ଥ୍ୟ ନୀତି, ୨୦୧୭ର ଉଦ୍ଦେଶ୍ୟ ଓ ଦୃଷ୍ଟିକୋଣ




ଅନୁଯାୟୀ ଲୋକଙ୍କୁ ସୁଲଭ, ଗୁଣାତ୍ମକ ଓ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଦେଶ ଆଗେଇ ଚାଲିଛି । ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ଆଗକୁ ନେବା ପାଇଁ ଜିଲ୍ଲାସ୍ତରରେ ନିରନ୍ତର ମନିଟରିଂ ଓ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି । ମାତୃଓ ଶିଶୁ ମୃତ୍ୟୁହାର ହ୍ରାସ, ଆନିମିଆ ନିରାକରଣ, ଯକ୍ଷ୍ମା ମୁକ୍ତ ଓଡ଼ିଶା ଏବଂ ଅନ୍ୟାନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ ଲକ୍ଷ୍ୟ ହାସଲ ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ମନ୍ତ୍ରୀ ଆହୁରି କହିଥିଲେ ଯେ, ଶିଶୁ ମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ଅନୁପାତ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ରାଜ୍ୟର ପ୍ରାୟ ୮୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବାରୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ପହଞ୍ଚ ଓ ଗୁଣବତ୍ତା ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ । ବିଭିନ୍ନ ଜାତୀୟ ଓ ରାଜ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଆମେ ସ୍ୱାସ୍ଥ୍ୟ ସୂଚକାଙ୍କରେ ଆହୁରି ଉନ୍ନତି ଆଣିପାରିବା । "ଟିବି ମୁକ୍ତ ଭାରତ' ଅଭିଯାନକୁ ଆହୁରି ଗତିଶୀଳ କରିବା ସହ ଅଧିକ ଲୋକଙ୍କୁ ନିକ୍ଷୟ ବ୍ୟବସ୍ଥାରେ ଚିହ୍ନଟ ଓ ପଞ୍ଜୀକୃତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଯକ୍ଷ୍ମା ରୋଗୀଙ୍କ ଶୀଘ୍ର ଚିହ୍ନଟ, ଚିକିତ୍ସା ଓ ନିରନ୍ତର ଅନୁସରଣ ମାଧ୍ୟମରେ ଯକ୍ଷ୍ମା ନିରାକରଣ ଲକ୍ଷ୍ୟ ହାସଲ କରିବାକୁ ସେ ଆହ୍‌ୱାନ ଦେଇଥିଲେ । ସେହିପରି "ଆନିମିଆ ମୁକ୍ତ ଭାରତ' ଅଭିଯାନକୁ ଅଧିକ ଫଳପ୍ରଦ କରିବା ପାଇଁ ନିୟମିତ ସ୍କ୍ରିନିଂ, ଚିହ୍ନଟ, ଚିକିତ୍ସା ଓ ଫଲୋଅପ ଉପରେ ଗୁରୁତ୍ୱ ଦେବା ସହ ପ୍ରଚଳିତ ଅନିମିଆ ପ୍ରବଣ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ରଣନୀତି ଗ୍ରହଣ କରିବାକୁ ସେ କହିଥିଲେ ।

କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଅଶ୍ୱତୀ ଏସ. ବକ୍ତବ୍ୟ ପ୍ରଦାନ କରି ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବୃଦ୍ଧି, ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ନାଗରିକଙ୍କ ନିକଟରେ ସମାନ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଆଲୋକପାତ କରିଥିଲେ । ୨୦୩୬ ସୁଦ୍ଧା ସ୍ୱାସ୍ଥ୍ୟ କ୍ଷେତ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ନିଜକୁ ଭିଜନ ଦେବାକୁ ପଡିବ । ଏହି ଅବସରରେ ମିଶନ ଡାଇରେକଟର ବୃନ୍ଦା କାର୍ଯ୍ୟାନ୍ୱୟନ ଯୋଜନା୨୦୨୬-୨୭ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଛନ୍ତି । ଏଥିରେ ସାମଗ୍ରିକ ରୂପରେଖା, ପ୍ରମୁଖ ସର୍ତ୍ତାବଳୀ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ୀକରଣ ଅଧୀନରେ ଗ୍ରହଣ କରାଯିବାକୁ ଥିବା ପ୍ରମୁଖ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ମହେଶ ମୋହନ ପଣ୍ଡା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର ନାଥ ମିଶ୍ର , ପରିବାର କଲ୍ୟାଣ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ ।

## ଜିନ୍ଦଲ ଷ୍ଟେନଲେସ୍ ଏବଂ ଜେଏଫ୍‌ଇ ଷ୍ଟିଲ୍ ମଧ୍ୟରେ ଫେରିଟିକ୍ ବୈଷୟିକ ସହାୟତା ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍ ବିଶ୍ୱର ଅଗ୍ରଣୀ ଇସ୍ପାତ ନିର୍ମାତା ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ୍ ସହିତ ଏକ ବୈଷୟିକ ସହାୟତା ଚୁକ୍ତି ସ୍ୱାକ୍ଷରିତ କରିଛି। ଯାହା ମନୋନୀତ ଫେରିଟିକ୍ ଷ୍ଟେନଲେସ୍ ଷ୍ଟିଲ୍ ଗ୍ରେଡ୍ ପାଇଁ ଏହାର ଉତ୍ପାଦନ କ୍ଷମତାକୁ ମଜଭୁତ କରିବ । ଏହି ସହଯୋଗ ବୈଷୟିକ ସହାୟତା ମାଧ୍ୟମରେ ଉତ୍ପାଦର ଗୁଣବତା, ଉତ୍ପାଦନ ଅଭ୍ୟାସ ଏବଂ ପ୍ରକ୍ରିୟା ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେବ । ଏହି ଚୁକ୍ତିନାମା ଏପରି ଏକ ସମୟରେ ହୋଇଛି ଯେତେବେଳେ ଷ୍ଟେନଲେସ୍ ଷ୍ଟିଲ୍ ପାଇଁ ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି ପାଉଛି। ଏହାର କ୍ଷୟ ପ୍ରତିରୋଧ, ସ୍ଥାୟୀତ୍ୱ ଏବଂ କମ୍ ଜୀବନଚକ୍ର ଖର୍ଚ୍ଚ ହେତୁ ଅଟୋମୋଟିଭ୍, ଭିତିଭୂମି, ରେଳବାଇ, ପ୍ରକ୍ରିୟା ଶିଳ୍ପ ଏବଂ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ପ୍ରୟୋଗରେ ଗ୍ରହଣୀୟତା ବୃଦ୍ଧି ପାଇବା ଦ୍ୱାରା ଏବେ ଏହା ପରିଚାଳିତ ହେଉଛି।

### ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

# ଜିଲ୍ଲା ପ୍ରଶାସନ, ଯୁବଗୋଷ୍ଠୀ ଓ ବନ ରକ୍ଷା ସମିତି କର୍ମକର୍ତ୍ତାଙ୍କ ସହ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇ ଦିନିଆ ରାଜ୍ୟ ଗସ୍ତରେ ଆସି ଅନୁସୂଚିତ ଜନଜାତିଙ୍କ ବିକାଶ ଓ କଲ୍ୟାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶ୍ରୀ ଆର୍ଯ୍ୟ ପୁରୀ ଗସ୍ତ କରିଥିବା ବେଳେ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ସହ ଭାବ ବିନିମୟ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଆଦିବାସୀ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଓ ନିର୍ଦ୍ଦିଷ୍ଟ ଅନୁଶାସନ ଆଧାରିତ ହୋଇଥିବାରୁ ଏହାର ସୁରକ୍ଷା ଓ ମୌଳିକତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଆଦିବାସୀ ଅଞ୍ଚଳର ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ସେ ପ୍ରାଧାନ୍ୟ ଦେବା ସହ ବନ ରକ୍ଷା ସମିତି ଓ ବନ ଅଧିକାର ହିତାଗ୍ରାହୀ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।

ଅନୁରୂପ ଭାବେ ଖୋରଧା ଜିଲ୍ଲାରେ ଅନୁସୂଚିତ ଜନଜାତି କଲ୍ୟାଣ, ବିକାଶ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆୟୋଗଙ୍କୁ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ




ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହାପୂର୍ବରୁ ଏକ ପେଡ ମା କେ ନାମ ଅଭିଯାନର ଅଂଶ ସ୍ୱରୂପ ବୃକ୍ଷ ରୋପଣ କରିବା ସହ ରକ୍ତଶିକୁଳି ସମ୍ପର୍କିତ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିଲେ । ଏଥିସହ ବିଭିନ୍ନ ଉଦ୍ୟୋଗ ଓ ସଂସ୍ଥାରେ କାର୍ଯ୍ୟରତ ଅନୁସୂଚିତ ଜନଜାତି ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ ।

ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା,ଆୟୋଗଙ୍କ ନିର୍ଦ୍ଦେଶକ ପୁର୍ଣ୍ଣେନ୍ଦୁ କାନ୍ତ, ଖୋରଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ,ଖୋରାଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ,ବିଏମସି ଅତିରିକ୍ତ କମିଶସନର ସସ୍ମିତା ନାୟକ, କୈଳାଶ ଚନ୍ଦ୍ର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାଶ, ରାଜ୍ୟ ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଶାନ୍ତିପୂର୍ଣ୍ଣ ଗଣେଶ ପୂଜା ପାଇଁ ଖୋର୍ଦ୍ଧା ପ୍ରଶାସନର କଡ଼ା ନଜର

# ଥାନାରେ ପୂଜା କମିଟି ପଞ୍ଜୀକରଣ ବାଧ୍ୟତାମୂଳକ

ଖୋର୍ଦ୍ଧା, (ସବ୍ୟୁ): ଆଗାମୀ ଗଣେଶ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ କରିବା ଲାଗି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ପୂଜା ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍‌ଠାରେ ଗଣେଶ ପୂଜା-୨୦୨୬ର ସୁପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଆଦର୍ଶ ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏସ୍‌ଡିପିଓ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ଖୋର୍ଦ୍ଧା ଅତିରିକ୍ତ ତହସିଲଦାରଙ୍କ ସମେତ ଖୋର୍ଦ୍ଧାର ବିଭିନ୍ନ ଗଣେଶ ପୂଜା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଗଣେଶ ପୂଜା ଅବସରରେ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ବୈଠକରେ ଆଇନଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ପୁଲିସ ଓ ପ୍ରଶାସନ ସହ ସମନ୍ୱୟ, ଭକ୍ତ ଓ ସ୍ଥାନୀୟ ଲୋକଙ୍କ ସୁରକ୍ଷା ଏବଂ ସାଧାରଣ ଜନଜୀବନ ଯେପରି ବାଧାପ୍ରାପ୍ତ ନହୁଏ, ସେ



ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ପ୍ରଶାସନ ଓ ପୁଲିସ ପକ୍ଷରୁ ପୂଜା କମିଟିଗୁଡ଼ିକୁ ନିଜ ନିଜ ଅଞ୍ଚଳର ସମ୍ପୃକ୍ତ ଥାନା ସହ ନିୟମିତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଥିଲା। ପୂଜା ପରିଚାଳନା ସମୟରେ କୌଣସି ସମସ୍ୟା କିମ୍ବା ଆଇନଶୃଙ୍ଖଳା ସମ୍ପର୍କିତ ଆଶଙ୍କା ଦେଖାଦେଲେ ତୁରନ୍ତ ପୁଲିସ ଓ ପ୍ରଶାସନକୁ ଅବଗତ କରିବାକୁ କମିଟି ସଦସ୍ୟମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଖୋର୍ଦ୍ଧାର ସମସ୍ତ ଗଣେଶ ପୂଜା କମିଟିକୁ ସମ୍ପୃକ୍ତ ଥାନାରେ ଅନିବାର୍ଯ୍ୟ ଭାବେ ପଞ୍ଜୀକରଣ କରିବାକୁ କୁହାଯାଇଛି। ପୂଜା ଆୟୋଜକଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ପୁଲିସ ନିକଟରେ ଉପଲବ୍ଧ ରହିବା ସହ ପୂଜା ସମୟରେ ପୁଲିସ-ଆୟୋଜକଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ପୂଜା ସମୟରେ ଶବ୍ଦ ପ୍ରଦୂଷଣ ରୋକିବା ଲାଗି ଡିଜେ ସିଷ୍ଟମ୍ ଓ ଲାଉଡସ୍ପିକରରେ ଉଚ୍ଚଶବ୍ଦରେ ସଙ୍ଗୀତ ପରିବେଷଣ ଉପରେ କଟକଣା ଜାରି କରାଯାଇଛି। କୌଣସି ପୂଜା କମିଟି ଏହି ନିର୍ଦ୍ଦେଶର ଉଲ୍ଲଙ୍ଘନ କଲେ ତାହାକୁ ଗୁରୁତ୍ୱର ସହ ନିଆଯିବ ବୋଲି ପ୍ରଶାସନ ଓ ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି ଗଣେଶ ପୂଜା ସମୟରେ ବାଣ ଫୁଟାଇବା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଅଗ୍ନିକାଣ୍ଡ, ଦୁର୍ଘଟଣା, ଶବ୍ଦ ପ୍ରଦୂଷଣ ଓ ଅନ୍ୟାନ୍ୟ ଅପ୍ରୀତିକର ଘଟଣାକୁ ଏଡ଼ାଇବା ଲାଗି ଏହି ନିଷେଧାଦେଶ ଜାରି କରାଯାଇଥିବା ଜଣାପଡ଼ିଛି। ପୂଜା କମିଟିଗୁଡ଼ିକ ନିଜ ନିଜ ପୂଜା ମଣ୍ଡପ ଓ ଆୟୋଜନସ୍ଥଳରେ ଶୃଙ୍ଖଳା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ମଧ୍ୟ କୁହାଯାଇଥିଲା। ବୈଠକରେ ପୂଜା କମିଟିର ପ୍ରତିନିଧିମାନେ ପ୍ରଶାସନିକ ଅଧିକାରୀଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ଓ ପୂଜା ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଶାନ୍ତି, ଶୃଙ୍ଖଳା ଓ ଆଇନଶୃଙ୍ଖଳା ବଜାୟ ରଖିବାରେ ପ୍ରଶାସନ ଓ ପୁଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କମିଟି ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ଗଣେଶ ପୂଜାକୁ ଭକ୍ତି, ଏକତା ଓ ସାମ୍ପ୍ରଦାୟିକ ସଦ୍‌ଭାବର ସହ ପାଳନ କରିବାକୁ ଖୋର୍ଦ୍ଧାବାସୀଙ୍କୁ ପ୍ରଶାସନ ଓ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ପୂଜା କମିଟି ଓ ସାଧାରଣ ଲୋକେ ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବାରେ

### ଡିଜେ, ଲାଉଡ ସ୍ପିକର ଓ ବାଣ ଫୁଟାଇବା ଉପରେ କଟକଣା

ପୁଲିସ ଓ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି କୁହାଯାଇଛି। ପୂଜା ସମୟରେ ଶାନ୍ତି, ଆଇନଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ପ୍ରଶାସନ ଓ ପୁଲିସ ପକ୍ଷରୁ ପୁନର୍ବାର ସ୍ପଷ୍ଟ କରାଯାଇଛି।

ବଜାୟ ରଖିବା ସହ ସାଧାରଣ ଲୋକଙ୍କ ଯାତାୟାତ ଓ ଦୈନନ୍ଦିନ ଜୀବନ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏଥିସହ ଭକ୍ତମାନଙ୍କ ସୁରକ୍ଷିତ ଓ ସୁବିଧାଜନକ ଦର୍ଶନ

## କମ୍ପାନୀ ସେକ୍ରେଟାରିଜ୍‌ର ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): କମ୍ପାନୀ ସେକ୍ରେଟାରିଜ୍‌ର ୫୪ତମ ଜାତୀୟ ସମ୍ମିଳନୀ ଭୁବନେଶ୍ୱର ଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିସହିତ ବ୍ୟାପକ ବିମର୍ଷ, ନବୋନ୍ମେଷୀ ଚିନ୍ତାଧାରା ଏବଂ ରଣନୈତିକ ନେଟଓ୍ୱର୍କ ଉପରେ ଚାଲିଥିବା ତିନିଦିନ ବ୍ୟାପୀ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। "ନେକ୍ସଟ୍‌ଜେନ୍ ସିଏସ୍- କାଟାଲିଷ୍ଟ ଅଫ୍ ଗ୍ରୋଥ୍ ଆଣ୍ଡ ଗାର୍ଡିଆନ୍ ଅଫ୍ ଗଭର୍ଣ୍ଣାନ୍ସ" ଶୀର୍ଷକ ବିଷୟ ଉପରେ ଆୟୋଜିତ ଚଳିତ ବର୍ଷର ସମ୍ମିଳନୀ ପରବର୍ତ୍ତୀ ପିଢି (ନେକ୍ସଟ୍‌ଜେନ୍) କମ୍ପାନୀ ସେକ୍ରେଟାରିଜ୍ ନିମନ୍ତେ ଏକ ନିର୍ଣ୍ଣାୟକ ରୋଡମ୍ୟାପ୍ ସ୍ଥାପନ କରିବା ନିମନ୍ତେ ଆଲୋଚନା ସମ୍ମୁଖ ଭାଗକୁ ଆଣିଥିଲା। ସ୍ଥିତପ୍ରଜ୍ଞ ବୃତ୍ତିଧାରୀ, ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିଗଣ, ନିୟାମକ ଏବଂ ସମଗ୍ର



ଦେଶରୁ ନୀତି ବିଶାରଦମାନେ ନିମ୍ନଲିଖିତ ଅଧିବେଶନଗୁଡିକ ଜରିଆରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ, ଦୀର୍ଘସ୍ଥାୟିତା, ବଜାର ସ୍ଥାନାନ୍ତରଣ ଏବଂ ବୋର୍ଡରୁମ୍ ନୈତିକତା ଆଦି ବିଷୟ ଉପରେ ଆଲୋଚନା କରିବାକୁ ଏକତ୍ରିତ ହୋଇଥିଲେ। ଉକ୍ତ ବିଷୟଗୁଡିକ ହେଉଛି:ରେଗ୍‌ଟେକ୍ ରିଭୋଲ୍ୟୁସନ: ଡିଜିଟାଲାଇଜେସନ୍ ସହିତ ଅନୁପାଳନକୁ ମେଳ ଖୁଆଇବା ବିଶ୍ୱାସ ଓ ସ୍ୱଚ୍ଛତା ସୃଷ୍ଟି: ଦୀର୍ଘସ୍ଥାୟିତାରେ ବିଶ୍ୱସ୍ତରୀୟ ସମନ୍ୱୟକୁ ଆଗେଇନେବା।

### ଯୁଗ୍ମ ମାଟ୍ରିକ ଟପ୍ପରଙ୍କୁ "ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି

# ଆଶୁତୋଷ ଏବଂ ପାର୍ଥସାରଥିଙ୍କୁ "ଗୋପବନ୍ଧୁ ଦାସ ମେଧାବୃତ୍ତି

ଭୁବନେଶ୍ୱର, (ସବ୍ୟୁ): ମେଧାକୁ ସମ୍ମାନ, ପ୍ରତିଭାକୁ ପ୍ରୋତ୍ସାହନ ଏବଂ ଶିକ୍ଷାର ପଥରେ ଆଗେଇବାକୁ ଛାତ୍ରଛାତ୍ରୀଙ୍କୁ



ଉତ୍ସାହିତ କରିବାର ଉଦ୍ଦେଶ୍ୟ ନେଇ ପ୍ରଦାନ କରାଯାଇଛି "ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୬' । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଯୁଗ୍ମ ଭାବେ ଶୀର୍ଷ ସ୍ଥାନ ହାସଲ କରିଥିବା ଦୁଇ ମେଧାବୀ ଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯାଇଛି । ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳର କେସି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଆଶୁତୋଷ ନାୟକ ଏବଂ ବାରିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ପାର୍ଥସାରଥି ମହନ୍ତ ଉଭୟ ନିଜ ମେଧା ଓ ପରିଶ୍ରମ ବଳରେ ମାଟ୍ରିକ ପରୀକ୍ଷାରେ ଯୁଗ୍ମ ଭାବେ ଶୀର୍ଷ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଉଭୟ କୃତୀ ଛାତ୍ରଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କାର ସ୍ୱରୂପ ସେମାନଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।

ସିଙ୍ଗାପୁରରେ ରହୁଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଫକୀରପୁରର ନିବାସୀ ସତ୍ୟ ସୁତାର ଏହି ମେଧାବୃତ୍ତି ପ୍ରଦାନ କରି ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହଦେବ ସାହୁ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ସମ୍ମାନୀୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନମ୍ରତା ଚଢ଼ା, ଲେଖିକା ଓ ସ୍ତମ୍ଭକାର ଶ୍ରୀମତୀ ଶ୍ରୁତକୀର୍ତ୍ତି ତ୍ରିପାଠୀ, ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ଆର୍ଯ୍ୟ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ କମ୍ପ୍ୟୁଟର ସାଇନ୍ସର ପ୍ରିନ୍ସପାଲ ଡ. ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ "ଶିକ୍ଷା ହିଁ ସମାଧାନ' ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଡ. ତ୍ରିଲୋଚନ ନାୟକ ପରିଚାଳନା କରିଥିଲେ।

# ଆଧ୍ୟାତ୍ମିକ ଗୁରୁ ସାଧ୍ୱୀ ରିତମ୍ଭରାଙ୍କ କିଟ୍ ଓ କିସ୍ ପରିଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ସାଧ୍ୱୀ ରିତମ୍ଭରା ମଙ୍ଗଳବାର କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି। ସେ କିଟ୍‌ର ସମସ୍ତ କ୍ୟାମ୍ପସ ବୁଲିବା ସହ ଓ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରିଥିଲେ। କିସ୍ ପରିଦର୍ଶନ କରି ସେ ଆଶ୍ଚର୍ଯ୍ୟ ହେବା ସହ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ କିସ୍ ଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରି ସେ କହିଲେ ସେ ଶିକ୍ଷା କ୍ଷେତ୍ରରେ ବହୁଦିନ ଧରି କାର୍ଯ୍ୟ କରିଆସୁଛନ୍ତି। ମାତ୍ର ମଧ୍ୟ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ କିସ୍ ଦେଶର ବହୁତ ବଡ଼ ଅନୁଷ୍ଠାନ। ସେ କହିଲେ, ମୁଁ ଏଠାକୁ ଆସି ଏତେ ଆନନ୍ଦିତ ଯେ ଏହାକୁ ପରିପ୍ରକାଶ କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ। କିସ୍ ହେଉଛି ସମସ୍ତ ତୀର୍ଥର ତୀର୍ଥତ୍ୱ ଓ ସବୁ ଦେବଙ୍କ ଦେବତ୍ୱ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟଧାରାର ପ୍ରଶଂସା କରି ସେ କହିଲେ, ଜଣେ ବ୍ୟକ୍ତିଙ୍କ ନିଷ୍ଠା ଓ ତପସ୍ୟାର ପ୍ରତିଫଳନ ହେଉଛି କିସ୍। ତପସ୍ୟା



କ'ଣ, ପରିଶ୍ରମ କ'ଣ, ନିଷ୍ଠା କ'ଣ ତାହା ଆଜି ମୁଁ ଏଠି ଦେଖିବାକୁ ପାଇଲି। କିସ୍ ରେ ପିଲାମାନଙ୍କ ଶୃଙ୍ଖଳା ଓ ସଂସ୍କାର ଦେଖି ମୁଁ ଅନୁଭବ କରୁଛି ଏହା ହିଁ ହେଉଛି ପ୍ରକୃତ ଭାରତ। ସେ କହିଲେ, କିସ୍‌ରେ ଛାତ୍ରଛାତ୍ରୀମାନେ ଗର୍ବ ଅନୁଭବ କରିବା ଉଚିତ। କାରଣ ସେମାନେ ଏଠାରେ ଅଚ୍ୟୁତ ସାମନ୍ତଙ୍କ ତତ୍ତ୍ୱାବଧାନରେ ରହି ଶିକ୍ଷାଲାଭ କରୁଛନ୍ତି। ଅନ୍ୟକୁ ପରାମର୍ଶ ଅପେକ୍ଷା ସାହାଯ୍ୟର ହାତ ବଢ଼ାଇବା ଉଚିତ ବୋଲି ସେ କହିଥିଲେ। ଏଠାରେ ପିଲାମାନଙ୍କୁ କେବଳ ସ୍ୱାଭିମାନୀ ହେବାକୁ ଶିକ୍ଷା ଦିଆଯାଉନାହିଁ, ତା ସହିତ ସ୍ୱାବଲମ୍ବୀ ହେବାକୁ ମଧ୍ୟ ଶିକ୍ଷା ଦିଆଯାଉଛି। ଜଣେ ସ୍ୱାବଲମ୍ବୀ ହେଲେ ସ୍ୱାଭିମାନୀ ହୋଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଅଶୋକ ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆର୍ଯ୍ୟପଲ୍ଲୀରେ ସାମୁହିକ ସଫେଇ କାର୍ଯ୍ୟକ୍ରମ

# ହାତରେ ଝାଡୁ ଓ କୋଡ଼ି ଧରି ସଫେଇ କଲେ ଜିଲ୍ଲାପାଳ

ଛତ୍ରପୁର, (ସବ୍ୟୁ): ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ଆନୁକୂଲ୍ୟରେ ଜିଲ୍ଲାରେ ପ୍ରତ୍ୟେକ ମଙ୍ଗଳବାର ସାମୁହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ମଙ୍ଗଳାବର ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଅଞ୍ଚଳରେ ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାଷନଙ୍କ ସହ ପ୍ରଶାସନିକ ଅଧିକାରୀ, ପୌର ଓ ବ୍ଲକ କର୍ମଚାରୀ, ସଫେଇ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀ ସାମିଲ ହୋଇଥିଲେ ।



ଜିଲ୍ଲାପାଳ ନିଜେ ହାତରେ ଝାଡୁ ଓ କୋଡ଼ି ଧରି ସଫେଇ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ସ୍ୱଚ୍ଛତା ଅଭିଯାନରେ ସାମିଲ ହେବାକୁ ପ୍ରେରଣା ଦେଇଥିଲେ । ବାତ୍ୟା ଆଶ୍ରୟସ୍ଥଳୀ ଠାରୁ ଆରମ୍ଭ କରି ବିଦ୍ୟାଳୟ ପରିସର, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଓ ରାସ୍ତାଘାଟ ସମେତ ବିଭିନ୍ନ ସ୍ଥାନରେ ସାମୁହିକ ଭାବେ ସଫେଇ କରାଯାଇଥିଲା । ଏହା ସହିତ ନିଜ ଘର ଓ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହ ସ୍ୱଚ୍ଛତା ପ୍ରତି ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଛତ୍ରପୁର ପୌର ପରିଷଦର ଇଓ ପ୍ରସନ୍ନ କୁମାର ଦାଶ, ବିପିଏମ୍ ମାନିନୀ ଜେନାଙ୍କ ସମେତ ବହୁ ସଫେଇ କର୍ମଚାରୀ, ମହିଳା, ବ୍ଲକ ଓ ପୌର ପରିଷଦ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ । ସାମୁହିକ ସଫେଇ ମାଧ୍ୟମରେ ଆର୍ଯ୍ୟପଲ୍ଲୀ ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ଏହି ଅଭିଯାନ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛି ।

## ସୁଭଦ୍ରା ଶକ୍ତି କାଫେ ଓ ଅଶୋକ ସ୍ତମ୍ଭ ପ୍ରତିକୃତି ଉଦ୍‌ଘାଟିତ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସଦର ଛତ୍ରପୁରରେ ମଙ୍ଗଳବାର ଏକ "ସୁଭଦ୍ରା ଶକ୍ତି କାଫେ' ଓ ଅଶୋକ ସ୍ତମ୍ଭର ପ୍ରତିକୃତି ଉଦଘାଟିତ ହୋଇଛି । ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସୁଭଦ୍ରା ଶକ୍ତି କାଫେକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାଷନ ଓ ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା ଉଦଘାଟନ କରିଥିଲେ ।

ଏହି ଅବସରରେ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଛତ୍ରପୁର ପୌରପରିଷଦର ଇଓ ପ୍ରସନ୍ନ କୁମାର ଦାଶ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଜୟ ଲକ୍ଷ୍ମୀ ବେହେରା, ମିଶନ ଶକ୍ତିର ଜିଲ୍ଲା



ସଂଯୋଜକ ଜୟକୃଷ୍ଣ ମହାପାତ୍ର ଓ ଓଡିଶା ଜୀବିକା ମିଶନର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ରଥଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲାପାଳଙ୍କ ବାସଭବନ ସମ୍ମୁଖରେ ନିର୍ମିତ ଅଶୋକ ସ୍ତମ୍ଭର ପ୍ରତିକୃତି ମଧ୍ୟ ଉଦଘାଟନ କରାଯାଇଛି । ଏହି ଅବସରରେ ସୁଭଦ୍ରା ଶକ୍ତି କାଫେ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକଙ୍କ ପାଇଁ ଉପଯୋଗୀ ହେବ ବୋଲି ଜିଲ୍ଲାପାଳ କହିଥିଲେ । ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ସହ ଲୋକଙ୍କୁ ସୁବିଧାଜନକ ଭାବେ ଖାଦ୍ୟ ଓ ପାନୀୟ ଉପଲବ୍ଧ କରାଇବାରେ ଏହି କାଫେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

# ୬୦୩ ଦୁର୍ଘଟଣାରେ ୩୫୯ ମୃତ, ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

ଛତ୍ରପୁର, (ସବ୍ୟୁ): ଜିଲ୍ଲାରେ ସଡ଼କ ଦୁର୍ଘଟଣା ରୋକିବା ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଏନ୍‌ଫୋର୍ସମେଣ୍ଟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଚଳିତବର୍ଷ ଜାନୁଆରୀରୁ ଅଗଷ୍ଟ ମଧ୍ୟରେ ଜିଲ୍ଲାରେ ୬୦୩ଟି ସଡ଼କ ଦୁର୍ଘଟଣା ଘଟି ୩୫୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୭୨ ଜଣ ଗୁରୁତର ଆହତ ହୋଇଛନ୍ତି ।

ଦୁର୍ଘଟଣା ସଂଖ୍ୟା ୨.୧ ପ୍ରତିଶତ କମିଥିଲେ ମଧ୍ୟ ମୃତ୍ୟୁହାର ୧୪.୬୯ ପ୍ରତିଶତ ବୃଦ୍ଧି ହୋଇଥିବା ବୈଠକରେ ଆଲୋଚନା ହୋଇଛି । ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସମୀକ୍ଷା ବୈଠକ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକ, ଗଞ୍ଜାମ ଏସପି ହରିଶ ବିଶି, ଗଞ୍ଜାମଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଗଞ୍ଜାମ ଆରଟିଓ ଦେବାଶିଷ ସ୍ୱାଇଁ, ଭଞ୍ଜନଗର ଆରଟିଓ ଭାଗିରଥି ନାୟକ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷିକ ଡା. ଅଲେଖ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କମିଟି ସଦସ୍ୟ ଏବଂ ଘରୋଇ ବସର ମାଲିକ ମାନେ ଉପସ୍ଥିତ ଥିଲେ ।

## ଶ୍ରୀହରି ଫାଉଣ୍ଡେସନର ଚତୁର୍ଥ ବାର୍ଷିକ ଉତ୍ସବ

କଟକ, (ସ୍ୱପ୍ର): କଟକର ଅଗ୍ରଣୀ ସାମାଜିକ ସେବା ସଙ୍ଗଠନ ଶ୍ରୀହରି ଫାଉଣ୍ଡେସନର ଚତୁର୍ଥ ବାର୍ଷିକ ଉତ୍ସବ ଚହଟାସ୍ଥିତ ରଶ୍ମି ପ୍ୟାଲେସରେ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଶ୍ୟାମମଣି ଦେବୀ ଯୋଗ ଦେଇଥିଲେ । ଅନ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ୍, ନ୍ୟୁରୋସର୍ଜନ ଡ. ନିହାର ରଞ୍ଜନ ବିଶ୍ୱାଳ, ଓଡ଼ିଶା ଯାଦବ ସମାଜର ସଭାପତି ଇଂ ପ୍ରଦୀପ କୁମାର ବେହେରା, ମଙ୍ଗଳାବାଗ ଆଇଆଇସି ଉମାକାନ୍ତ ସାହୁ, ବିଡ଼ାନାସୀ ଆଇଆଇସି ଅସିତ କୁମାର ବଳବନ୍ତରାୟ, ରଘୁନାଥ ଜିଉ କଲେଜର ଅଧ୍ୟକ୍ଷା ସ୍ନେହା ମିଶ୍ର, ସମାଜସେବୀ ପୁଷ୍ପିତା ମହାପାତ୍ର ଓ ଅଭିମନ୍ୟୁ ଦାଶ, ଡ. ଦେବାଶିଷ ଜେଠୀ ଏବଂ ଗୀତିକାର ଅରୁଣ ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

ଏ ଅବସରରେ ଫାଉଣ୍ଡେସନ ପକ୍ଷରୁ ପୂର୍ବରୁ ବିଭିନ୍ନ ସ୍କୁଲ ଓ କଲେଜରେ ଆୟୋଜିତ ପୁସ୍ତକ ପଠନ ଆଧାରିତ ପ୍ରତିଯୋଗିତାର ବିଜୟୀ




ଛାତ୍ରଛାତ୍ରୀଙ୍କୁ ପଦ୍ମଶ୍ରୀ ଡ. ଶ୍ୟାମମଣି ଦେବୀ ସମ୍ମାନିତ କରିଥିଲେ । ଏଥିସହ ସମାଜରେ ଉଲ୍ଲେଖନୀୟ ସେବାକାର୍ଯ୍ୟ କରୁଥିବା ବିଭିନ୍ନ ସଙ୍ଗଠନ ଓ ସମାଜସେବୀଙ୍କୁ ମଧ୍ୟ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଅନୁଷ୍ଠାନର ମଞ୍ଚ ପରିଚାଳନା ଗୀତା ବେଉରା ଓ ପାପଲି ବେହେରା କରିଥିଲେ। ଫାଉଣ୍ଡେସନର ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ସତ୍ୟଜିତ ସେନାପତିଙ୍କ ସହ ସଦସ୍ୟ ଦେବୀ ରଞ୍ଜନ ମହାନ୍ତି, ପ୍ରଦୀପ ବିଶ୍ୱାଳ, ଆଶିଷ ଦାଶ, ଲିଟୁ ବେହେରା ଓ ସଙ୍କେତ ପଟ୍ଟନାୟକଙ୍କ ଓ ସମସ୍ତ ସଦସ୍ୟ ସଦସ୍ୟା ଓ ଉପଦେଷ୍ଟା ମଣ୍ଡଳୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ଶେଷରେ ଫାଉଣ୍ଡେସନର ସଭାପତି ମମତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୁଜରାଟୀ ସମ୍ପ୍ରଦାୟର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଯୋଗ ଦେଲେ ବିଧାୟକ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଗିରିମାର୍କେଟ (ବିଜୁ ପଟ୍ଟନାୟକ ପାର୍କ ରୋଡ଼ ସ୍ଥିତ) ଗୁଜୁରାଟି ସମ୍ପ୍ରଦାୟ ଦ୍ୱାରା ଆୟୋଜିତ ବହୁ ପୁରାତନ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପୂଜାରେ ଯୋଗଦେଇ ବାଳକୃଷ୍ଣଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ଅଞ୍ଚଳବାସୀ, ବ୍ରହ୍ମପୁରବାସୀଙ୍କ ମଙ୍ଗଳ କାମନା କରିଥିଲେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର । ଏହି ଅବସରରେ ଗୁଜରାଟି ସମ୍ପ୍ରଦାୟ ଦ୍ୱାରା ଆୟୋଜିତ ପ୍ରସାଦ ସେବନର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ବିଧାୟକ ।

## ବଳାତ୍କାରୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ ପିଡ଼ିତାଙ୍କୁ ୫ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର, (ସବ୍ୟୁ): ଫାଷ୍ଟଟ୍ରାକ ପୋକସ ଜଜ ରୋହିତ ଲାଲ ପଣ୍ଡା ମଙ୍ଗଳବାର ନାବାଳିକା ଛାତ୍ରୀ ବାଳତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ଉପଯୁକ୍ତ ପ୍ରମାଣ ଆଧାରରେ ସେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ରମ୍ଭା ଥାନା ଅଂଚଳର ବୃନ୍ଦାବନ ପ୍ରଧାନ (୩୩) । ତାଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ଜଜ ରାୟରେ ଉଲ୍ଲେଖ କରିଛନ୍ତି । ଏଥିସହ ୭୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୯ ମାସ କାରାଦଣ୍ଡ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ସେହିପରି ପିଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ପୋକସ ଜଜ ନିର୍ଦ୍ଦେଶ ଦେଇଛନ୍ତି । ବିବରଣୀରୁ ପ୍ରକାଶ ଯେ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଜନୈକ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ଉକ୍ତ ଅଭିଯୁକ୍ତ ନିଜ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ । ପରେ ଛାତ୍ରୀଙ୍କୁ ଅଭିଯୁକ୍ତ ଜଣଙ୍କ ଘରୁ ତଡି ଦେଇଥିଲେ । ପିଡ଼ିତା ଘରକୁ ଫେରିଏନେଇ ତାଙ୍କ ମା'ଙ୍କୁ କହିଥିଲେ । ତିନିଦିନ ଧରି ଅଭିଯୁକ୍ତ ନିଜ ଘରେ ଝିଅକୁ ବଳାତ୍କାର କରିଥିଲେ ବୋଲି ପିଡ଼ିତାଙ୍କ ମା'ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ୧୯୪/୨୦ ରେ ଏକ ମାମଲା ରୁଜୁ କରିଥିଲା । ପରେ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟରେ ମାମଲାର ଶୁଣାଣି ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି ।ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ଥିବା ଉକ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀ ମାନଙ୍କ ବୟନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡା.ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ବିଶ୍ୱ ଫିଜିଓଥେରାପି ଦିବସରେ ଚିକିତ୍ସା ଓ ସଚେତନତା

# ୧୦ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର ଓ ୨ ଦୃଷ୍ଟିବାଧିତ ଛାତ୍ରଙ୍କୁ ଲାପଟପ୍ ପ୍ରଦାନ

ବାରିପଦା, (ସବ୍ୟୁ) : ବିଶ୍ୱ ଫିଜିଓଥେରାପି ଦିବସ-୨୦୨୬ ଉପଲକ୍ଷେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ବାରିପଦାଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଫିଜିଓଥେରାପି ଚିକିତ୍ସା ଓ ସଚେତନତା ଶିବିର ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ୧୦ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର ଏବଂ ୨ଜଣ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରଙ୍କୁ ମାଗଣା ଲାପଟପ୍ ପ୍ରଦାନ କରାଯାଇଥିଲା । ଏଥିସହ ୧୦୦ରୁ ଊର୍ଦ୍ଧ୍ୱର୍ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ରୋଗୀ ଶିବିରରେ ଯୋଗଦେଇ ଫିଜିଓଥେରାପି ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର



ଡା଼ ରିତାଞ୍ଜଳି ବେହେରା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦାସ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ, ବରିଷ୍ଠ ନାଗରିକ ସଂଘର ପ୍ରତିନିଧି ଡା ଶ୍ୟାମସୁନ୍ଦର ଦାସ, ଅଭିନବ ଫ୍ୟୁଚରଷ୍ଟିକ୍ ସଂସ୍ଥାର ପରିଚାଳକ ଡା କେ. ଗଣେଶନ ଏବଂ ନୋଡାଲ ଅଫିସର ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ରହି ଫିଜିଓଥେରାପି ଚିକିତ୍ସାର ଗୁରୁତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଶିବିରରେ ଡା. ରାମେଶ୍ୱର ପୁଥାଳ, ଡା. ଜୟଶ୍ରୀ ଦାସ ଓ ଡା. ସୌମ୍ୟା ବେହେରା ଉପସ୍ଥିତ ରହି ଅଂଶଗ୍ରହଣକାରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସୁପରିଚାଳନାରେ ଜିଲ୍ଲା ପୁନର୍ବାସ କେନ୍ଦ୍ର ଏବଂ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି

# ୧୮୮ ଅଭିଯୋଗ, ୧୦ର ତ୍ୱରିତ ସମାଧାନ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୀର୍ତ୍ତି ଭାସନ. ଭି. ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ ଏବଂ ଏସଡିପିଓ ଡ. ଦୀପକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ମୋଟ ୧୮୮ଟି ଅଭିଯୋଗର ଶୁଣାଣି କରିଥିଲେ ।

ମିଳିଥିବା ୧୮୮ ଟି ଅଭିଯୋଗ ମଧ୍ୟରୁ ୧୮୬ଟି ବ୍ୟକ୍ତିଗତ, ୨ଟି ସାମୂହିକ ଥିବାବେଳେ ଏଥିମଧ୍ୟରୁ ୧୦ଟି ଅଭିଯୋଗର ତୁରନ୍ତ ସମାଧାନ ଏହି ଶିବିରରେ ହିଁ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଏବଂ ଫଳପ୍ରଦ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ଜଣ ହିତାଧିକାରୀଙ୍କୁ ମୋଟ ୬୭ ହଜାର ୫ ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଉପସ୍ଥିତ ଜନସାଧାରଣ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଭତ୍ତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜୀବିକା ମିଶନ, ରାଜସ୍ୱ ଏବଂ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ।

ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ଟୁଲିଆମା, ସହାୟକ ଉପଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ତହସିଲଦାର ଅଭି«। ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ, ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ସଞ୍ଜୟ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ସନ୍ତୋଷ କୁମାର ପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ତ୍ରିଭୁବନ କହଁରଙ୍କ ସମେତ ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ଜନ ଅଭିଯୋଗ ଶୁଣାଣି ଶିବିରର ସୁପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଶିଶୁର ସର୍ବାଙ୍ଗୀନ ବିକାଶ ନେଇ ଅଭିଭାବକଙ୍କ ମତ ବିନିମୟ

ଭଞ୍ଜନଗର, (ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିହପଡ଼ାଲ, ଭଞ୍ଜନଗର ପରିସରରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ଯାଏଁ ଅଭିଭାବକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନୁଷ୍ଠାନର ଉପଦେଷ୍ଟା ତ୍ରିନାଥ ଗୌଡ଼ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠାନର ସମ୍ପାଦକ ଜ୍ୟୋତିରଞ୍ଜନ ବିଷୋୟୀ ଓ ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାଶ ମଞ୍ଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ ମଞ୍ଚାସୀନ ଅତିଥି ଓ ଅଧିକାରୀଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଝୁନୁ ରାୟଗୁରୁ ବୈଠକକୁ ସଂଯୋଜନା କରିଥିଲେ । ବୈଠକରେ ମୋଟ ୬୫ ଜଣ ଅଭିଭାବକ ଯୋଗ ଦେଇଥିଲେ । ଶିଶୁମାନଙ୍କର ଶିକ୍ଷା, ଆଚରଣ, ଶୃଙ୍ଖଳା ତଥା ସର୍ବାଙ୍ଗୀନ ବିକାଶରେ ଦେଖାଦେଉଥିବା ବିଭିନ୍ନ ବାଧା ଓ ଏହାର ସମାଧାନ ଉପରେ ଅଭିଭାବକମାନେ ସକାରାତ୍ମକ ଓ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ବିଦ୍ୟାଳୟ ଓ ଅଭିଭାବକଙ୍କ ମଧ୍ୟରେ ସୁସମନ୍ୱୟ ରହିଲେ ଶିଶୁର ସାମଗ୍ରିକ ବିକାଶ ଅଧିକ ଫଳପ୍ରଦ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଶେଷରେ ଯୁଗ୍ମ ସମ୍ପାଦକ ଦାଶ ଉପସ୍ଥିତ ସମସ୍ତ ଅତିଥି, ଅଧିକାରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକଟି ଅଭିଭାବକ, ଶିକ୍ଷକ ଓ ବିଦ୍ୟାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନର ଏକ ସଫଳ ପ୍ରୟାସ ହୋଇଥିଲା ।




# ବୁଲା କୁକୁରଙ୍କ କବଳରେ ବାରିପଦା: ଏବିସି କାର୍ଯ୍ୟକ୍ରମକୁ ଅପେକ୍ଷା

ବାରିପଦା, (ସୌମ୍ୟ ରଞ୍ଜନ ପଟ୍ଟନାୟକ) : ସକାଳୁ ଘରୁ ବାହାରିଲେ ରାସ୍ତା କଡ଼ରେ ଦଳ ଦଳ ବୁଲା କୁକୁର । ବଜାର, ଛକ, ବସଷ୍ଟାଣ୍ଡଠାରୁ ଆରମ୍ଭ କରି ସ୍କୁଲ, ହସ୍ପିଟାଲ ଓ ଆବାସିକ ଅଞ୍ଚଳ ପ୍ରାୟ ସବୁଠି ଏବେ ବୁଲା କୁକୁରଙ୍କ ଉପସ୍ଥିତି । ଯାହା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବିଶେଷକରି ସକାଳ ଓ ସନ୍ଧ୍ୟା ସମୟରେ ଦଳଦଳ ହୋଇ ବୁଲୁଥିବା କୁକୁରଙ୍କ ଯୋଗୁଁ ଶିଶୁ, ବୃଦ୍ଧ, ମହିଳା ଓ ଦୁଇଚକିଆ ଯାନ ଚାଳକମାନେ ଭୟଭୀତ ହେଉଥିବା ବେଳେ ବିଶେଷ କରି ମର୍ଣ୍ଣିଂୱାକ୍ ସମୟରେ ଭୟଭୀତ ହୋଇପଡୁଛନ୍ତି ବରିଷ୍ଠ ନାଗରିକ ।

କେତେକ ସ୍ଥାନରେ କୁକୁରମାନେ ହଠାତ୍ ରାସ୍ତା ଉପରକୁ ଦୌଡ଼ି ଆସୁଥିବାବେଳେ ଆଉ କେଉଁଠି ଦୁଇଚକିଆ ଯାନ ପଛରେ ଗୋଡ଼ାଇବା ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତିରେ ଯାନ ଚାଳକଙ୍କ ନିୟନ୍ତ୍ରଣ ହରାଇବାର ଆଶଙ୍କା ରହୁଥିବାରୁ ସଡ଼କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ସେହିପରି କୁକୁର କାମୁଡ଼ା ପରେ ରେବିସ୍ ଟିକା ନେବା ପାଇଁ ଲୋକେ ସରକାରୀ ଚିକିତ୍ସାଳୟର ଦ୍ୱାରସ୍ଥ ହେଉଥିବା ମଧ୍ୟ ଜଣାପଡୁଛି । ବୁଲା କୁକୁରଙ୍କ ବଂଶବୃଦ୍ଧି ରୋକିବା ଓ ରେବିସ୍ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଆନିମଲ ବର୍ଥ କଣ୍ଟ୍ରୋଲ୍ (ଏବିସି) କାର୍ଯ୍ୟକ୍ରମ ରହିଛି । ଏହା ଅଧୀନରେ ବୁଲା କୁକୁରଙ୍କୁ ଧରି



ନସବନ୍ଦୀ କରିବା, ଆବଶ୍ୟକ ଟିକାକରଣ କରିବା ଏବଂ ଚିକିତ୍ସା ପରେ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ପୁନର୍ବାର ଛାଡ଼ିବା ବ୍ୟବସ୍ଥା ରହିଛି । ତେବେ ବାରିପଦା ସହରରେ ଏହି ବ୍ୟବସ୍ଥା କେତେ ଦୂର ସଫଳ ହେଉଛି, ତାହାକୁ ନେଇ ସହରବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି । ସହରବାସୀଙ୍କ ଅଭିଯୋଗ ଅନୁଯାୟୀ, ବୁଲା କୁକୁରଙ୍କ ନସବନ୍ଦୀ ଓ ଟିକାକରଣ କାର୍ଯ୍ୟକ୍ରମ ନିୟମିତ ଭାବେ ହୋଇନଥିବାରୁ ସମସ୍ୟା ଧୀରେଧୀରେ ବଢୁଛି । ପୌରସଂସ୍ଥା ଓ ପଶୁ ଚିକିତ୍ସା ବିଭାଗ ମଧ୍ୟରେ ଅଧିକ ସମନ୍ୱୟ ରହିଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଅଧିକ ପଦକ୍ଷେପ ନିଆଯାଇପାରିବ ବୋଲି ନାଗରିକମାନେ ମତ ଦେଉଛନ୍ତି । ଏ ସମ୍ପର୍କରେ ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ନଭେମ୍ବର ମାସ ପୂର୍ବରୁ ସହରରେ ବୁଲା କୁକୁର ଧରିବା କାର୍ଯ୍ୟ ଆରମ୍ଭ କରାଯିବ । ବୁଲା କୁକୁରଙ୍କ ନସବନ୍ଦୀ, ଟିକାକରଣ ଓ ଆବଶ୍ୟକ ଚିକିତ୍ସା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ତଥା ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ ଅନୁଯାୟୀ ପୌରପାଳିକା ପକ୍ଷରୁ ପ୍ରସ୍ତୁତି ଚାଲିଛି । ସେ କହିଛନ୍ତି ଯେ, ମଧୁବନ ଅଞ୍ଚଳରେ ବୁଲା କୁକୁରଙ୍କ ପାଇଁ ପୂର୍ବରୁ ଏକ ସ୍ୱତନ୍ତ୍ର ଘର ନିର୍ମାଣ କରାଯାଇଥିଲା । ତେବେ କରୋନା ମହାମାରୀ ପରଠାରୁ ଏହା ବ୍ୟବହାରରେ ନଥାଇ ବନ୍ଦ ପଡ଼ି ରହିଥିଲା । ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ କେନ୍ଦ୍ରର ପୁନଃନିର୍ମାଣ ଓ ଆବଶ୍ୟକ ମରାମତି କାର୍ଯ୍ୟ ଚାଲିଛି । ଚଳିତ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି ।

ଏହାସହ ବୁଲା କୁକୁର ଧରିବା ଓ ଚିକିତ୍ସା ପାଇଁ ଆବଶ୍ୟକ ଔଷଧ, କୁକୁର ଧରିବା ଗାଡ଼ି, ପଶୁ ଚିକିତ୍ସକ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସମେତ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରାୟ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି । କେନ୍ଦ୍ରର ପୁନଃନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ଯୋଜନାବଦ୍ଧ ଭାବେ ବୁଲା କୁକୁର ଧରିବା, ନସବନ୍ଦୀ ଓ ଟିକାକରଣ କାର୍ଯ୍ୟକ୍ରମ ଅତିଶୀଘ୍ର ଆରମ୍ଭ କରାଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି । ବୁଲା କୁକୁର ସମସ୍ୟା କେବଳ ପଶୁ ନିୟନ୍ତ୍ରଣର ପ୍ରଶ୍ନ ନୁହେଁ, ଏହା ସହରର ସ୍ୱଚ୍ଛତା, ସଡ଼କ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ସହ ମଧ୍ୟ ଜଡ଼ିତ । ତେଣୁ ପଶୁଙ୍କ ପ୍ରତି ମାନବିକ ଆଚରଣ ବଜାୟ ରଖିବା ସହ ମଣିଷଙ୍କ ସୁରକ୍ଷାକୁ ସମାନ ଗୁରୁତ୍ୱ ଦେଇ ଏବିସି କାର୍ଯ୍ୟକ୍ରମକୁ ଯଦି ନିୟମିତ ଓ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଏ, ତେବେ ବାରିପଦା ସହରରେ ବୁଲା କୁକୁରଙ୍କ ସମସ୍ୟାକୁ ଅନେକ ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ସାଧାରଣରେ ମତପ୍ରକାଶ କରିଛନ୍ତି ।

### ଇଚ୍ଛାପୁର ଜଙ୍ଗଲରେ ଅବକାରୀ ବିଭାଗର ଚଢ଼ାଉ

## ଦେଶୀ ରନ୍ଧା ମଦ, ମହୁଲ ପୋଚ ଜବତ



ଅମ୍ଭାଭୋନା, (ସବ୍ୟୁ) : ବରଗଡ଼ ଅବକାରୀ ବିଭାଗ ଅଧୀକ୍ଷକ ସୁବନ କୁମାର ନାଏକଙ୍କ ନିର୍ଦ୍ଦେଶକ୍ରମେ ଅମ୍ଭାଭୋନା ଥାନା ଅଧୀନ ଇଚ୍ଛାପୁର ଦ୍ୱାରୀ ସଂରକ୍ଷିତ ଜଙ୍ଗଲରେ ଅବୈଧ ଦେଶୀ ମଦ ରନ୍ଧା ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଇଚ୍ଛାପୁର ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ଖବର ପାଇ ଭଟଲି ଅବକାରୀ ବିଭାଗ ଓ ବରଗଡ଼ ମୋବାଇଲ ଟିମର ମିଳିତ ସହଯୋଗରେ ଏହି ଚଢ଼ାଉ ହୋଇଥିଲା । ଅବକାରୀ ବିଭାଗର ଚଢ଼ାଉ ସମ୍ପର୍କରେ ସୂଚନା ପାଇ ଘଟଣାସ୍ଥଳରେ ଥିବା ଅଭିଯୁକ୍ତମାନେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଫେରାର ହୋଇଯାଇଥିଲେ । ଚଢ଼ାଉ ସମୟରେ ଘଟଣାସ୍ଥଳରୁ ପ୍ରାୟ ୯୮୦ ଲିଟର ଦେଶୀ ରନ୍ଧା ମଦ ଏବଂ ପ୍ରାୟ ୩ ହଜାର ଲିଟର ମହୁଲ ପୋଚ ଜବତ କରାଯାଇଥିଲା। ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ମଧ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଭଟଲି ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରିଣୀ ଗୀତାଞ୍ଜଳି କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଏଏସଆଇ ପ୍ରଶାନ୍ତ ପତି, କନେଷ୍ଟବଲ ପ୍ରଦୀପ ସାହୁ, ସରସ୍ୱତୀ ବନଛୋର ଓ ମଞ୍ଜୁ ସୁନା ଚଢ଼ାଉରେ ସାମିଲ ଥିଲେ । ସେହିପରି ବରଗଡ଼ ମୋବାଇଲ ଟିମରେ ଇନ୍ସପେକ୍ଟର ଗୋକୁଳ ଧର, ଏସଆଇ ପ୍ରସନ୍ନ ପଟେଲ, ଏଏସଆଇ ବିନୋଦିନୀ ମହାଲିଙ୍ଗଙ୍କ ସମେତ କନେଷ୍ଟବଲ ବେଦବ୍ୟାସ ଛନ୍ଦ, ରାଜେଶ ରାଉତ, ଆଶୁତୋଷ ସଓ୍ୱାଇଁ ଓ ଦୟାନିଧି କଣ୍ଟା ଚଢ଼ାଉରେ ସାମିଲ ହୋଇଥିଲେ । ଫେରାର ଅଭିଯୁକ୍ତମାନଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

### ଅଡିଟ ରିପୋର୍ଟରେ ଅବ୍ୟବସ୍ଥାର ଗୁମର

## ୧୭୭ ଶିଶୁ ମୃତ୍ୟୁ ପାଇଁ ଦାୟୀ କିଏ !

ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ଏକ ଆକାଂକ୍ଷୀ ଜିଲ୍ଲା । ଆଉ ଏହି ଜିଲ୍ଲାରେ କାର୍ଯ୍ୟ କରୁଥିବା ସମାଜ ମଙ୍ଗଳ ବିଭାଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଡ଼ମ୍ବନାର କଥା, ୨୦୨୬ ମେ ମାସ ୨୬ ତାରିଖରେ ଏଜି ଅଡିଟ ରିପୋର୍ଟକୁ ନେଇ ଅତ୍ୟନ୍ତ ଜରୁରୀ ଚିଠି ଡିଏସଡବ୍ଲ୍ୟୁଓଙ୍କ ନାମରେ ଜାରି ହୋଇଛି । ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗ ଠାରୁ ଏହି ଚିଠି ସିଧାସଳଖ ଡିଏସଡବ୍ଲ୍ୟୁଓ ମିନତୀ ଦେଓଙ୍କ ନାମରେ କାରଣ ଦର୍ଶାଅ ଚିଠି ଜାରି ହୋଇଛି । ଅତ୍ୟନ୍ତ ସାଂଘାତିକ ଅନୁଧ୍ୟାନ ପରେ ଲେଖାଯାଇଥିବା ଚିଠିରେ ରାୟଗଡ଼ା ସମାଜ ମଙ୍ଗଳ କାର୍ଯ୍ୟାଳୟର ବ୍ୟବସ୍ଥାଗତ ତ୍ରୁଟି, ତଥ୍ୟ ପରିଚାଳନାରେ ଗୁରୁତର ଅନିୟମିତତା, ତଦାରଖର ଅଭାବ ଭଳି ଚରମ ଅବହେଳାର କଥା ଉଲ୍ଲେଖ ରହିଛି । ଯାହାର ପରିଣାମ ସ୍ୱରୂପ ଜିଲ୍ଲାରେ ଗତ ୩ ମାସରେ ୧୭୭ ଜଣ ଶିଶୁଙ୍କ ମୃତ୍ୟୁ ଘଟି ଥାଇପାରେ ଅନୁଭବ ହେଉଛି । ମା'ଟିଏ ଗର୍ଭଧାରଣ କରିବ । ଗର୍ଭରୁ ସୁସ୍ଥ ସନ୍ତାନଟିଏ ଜନ୍ମ ନେବ । ଏହି ଆଶା ନେଇ ସମାଜ ମଙ୍ଗଳ ବିଭାଗର ଜନ୍ମ । ସରକାରଙ୍କ ରହିଛି ବିସ୍ତୃତ ଯୋଜନା । କିନ୍ତୁ ଶିଶୁଟିର ଶାରୀରିକ ବୃଦ୍ଧି ମିଥ୍ୟା ତଥ୍ୟ ପ୍ରଦାନ କରାଯାଇଥିବା ଉଲ୍ଲେଖ ରହିଛି । ଉଚ୍ଚତା ଓ ଓଜନ ଅସଙ୍ଗତି ଦେଖାଯିବା ଦ୍ୱାରା ପ୍ରକୃତରେ ମାପ ନକରି ଅନୁମାନ ଆଧାରରେ ତଥ୍ୟ ରେକର୍ଡ କରାଯାଇ ରିପୋର୍ଟ ଦିଆଯାଉଛି । ଶାରୀରିକ ବୃଦ୍ଧି ମାପକ ଉପକରଣ ଉପଲବ୍ଧ ନଥିବା ସତ୍ତ୍ୱେ ଏହା କିପରି ସମ୍ଭବ ହୋଇପାରୁଛି ବୋଲି କାରଣ ଦର୍ଶାଅ ନୋଟିସ୍ରେ ପ୍ରଶ୍ନ କରାଯାଇଛି । ବିଡ଼ମ୍ବନାର କଥା, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ମଧ ଅବଗତ କରାଯାଇନାହିଁ । ଟେକ ହୋମ ରେସନ (ଟିଏଚଆର୍) ବଣ୍ଟନ ଓ ରେକର୍ଡ ରକ୍ଷଣରେ ସନ୍ଦେହଜନକ ତଥ୍ୟ ଯୋଗୁଁ ଭୁଲ ରିପୋର୍ଟିଂକୁ ଦର୍ଶାଉଛି । ଖାଦ୍ୟର ଗୁଣବତ୍ତା ନିୟନ୍ତ୍ରଣରେ ବିଫଳତା, ଆର୍ଥିକ ଅନିୟମିତତା ଦର୍ଶାଉଛି ବୋଲି ନୋଟିସରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଗୁରୁତର ରୂପେ ଭିତ୍ତିଭୂମି ତ୍ରୁଟି ଯୋଗୁଁ ସଠିକ ସମୟରେ ପିଲା ଏବଂ ମା'ଙ୍କୁ ସେବା ପ୍ରଦାନ ଅନୁପାଳନକୁ ପ୍ରଭାବିତ କରୁଛି । ଅନୁଧ୍ୟାନ କମିଟି ବା ସ୍କ୍ୱାଡ ଗଠନ ନହେବା ବିଭାଗର ପ୍ରଶାସନିକ ଅବହେଳା ଜଣାପଡୁଛି । ପୋଷଣ ଟ୍ରାକର୍ ତଥ୍ୟ ପରିଚାଳନାରେ ତ୍ରୁଟି, କମ ତଥ୍ୟ ପ୍ରଦାନ, ଅବିଶ୍ୱସନୀୟ ତଥ୍ୟ ପ୍ରଦାନ ସ୍ଥିତିକୁ ଦେଖିଲେ ଅବାସ୍ତବ ରିପୋର୍ଟିଂ କରାଯାଉଥିବା ସ୍ପଷ୍ଟ କରି କହୁଛି । ପ୍ରତ୍ୟେକ ଅବହେଳା ସିଧାସଳଖ ହିତାଧିକାରୀଙ୍କ ଉପରେ ପ୍ରଭାବ ପକାଉଥିବା ବେଳେ ବିଭାଗର ପ୍ରଶାସନିକ ତ୍ରୁଟି, ଯଥୋଚିତ ସତର୍କତାର ଅଭାବ, ସରକାରୀ କର୍ତ୍ତବ୍ୟ ପାଳନରେ ବ୍ୟାପକ ଅବହେଳା ଏବଂ ସରକାରୀ ନିୟମାବଳୀକୁ ଉଲ୍ଲଂଘନ କରାଯାଇଥିବା ଦର୍ଶାଉଛି ବୋଲି କାରଣ ଦର୍ଶାଅ ନୋଟିସ୍ରେ ଉଲ୍ଲେଖ ରହିଛି। ତେବେ ଜିଲ୍ଲାରେ ଯେଉଁ ଶିଶୁ ମୃତ୍ୟୁ ଭଳି ଘଟଣା ନଜରକୁ ଆସିଛି, ତା'ର କାରଣ ଏହି ଚରମ ଅବହେଳା ବୋଲି ଧରିନେବାକୁ ପଡ଼ିବ । ଶିଶୁ ଓ ମା'ଙ୍କ ସ୍ୱାସ୍ଥ୍ୟକୁ ନେଇ ଅବ୍ୟବସ୍ଥା, ଏହା ଗ୍ରହଣୀୟ ନୁହେଁ। ଏ ନେଇ ମୁଁ ବିଧାନସଭାରେ ପ୍ରଶ୍ନ କରିବି ବୋଲି ବିଧାୟକ କାଡ୍ରାକା ଆପାଲାସ୍ୱାମୀ ମତବ୍ୟକ୍ତ କରିଛନ୍ତି । ତେବେ ଡିଏସଡବ୍ଲ୍ୟୁଓ ମିନତୀ ଦେଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ବ୍ଲକସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ଉଦଯାପିତ

ଜୟପାଟଣା,(ସବ୍ୟୁ): ଜୟପାଟଣାବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନସ୍ଥ ସମସ୍ତ ବିଦ୍ୟାଳୟ ମାନଙ୍କୁ ଚାରି ଗୋଟି ଜୋନ ରେ ଭାଗ କରାଯାଇ ଜୋନସ୍ତରୀୟ ବାର୍ଷିକ ଖେଳ ଓ କ୍ରୀଡା ଉତ୍ସବ ଅନୁଷ୍ଠିତ ହେବାପରେ ପ୍ରତ୍ୟେକ ଜୋନ ମାନଙ୍କରୁ ମନୋନୀତ ହୋଇଥିବା କୃତିପୋଯୋଗୀ ଛାତ୍ର ଛାତ୍ରୀ ଙ୍କୁ ନେଇ ବ୍ଲକସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଜୟପାଟଣା ଉମାଶଙ୍କର ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ଉତ୍ସବରେ ଚାରିଗୋଟି ଜୋନରୁ ୩୨୬ଜଣ ଛାତ୍ର ଛାତ୍ରୀ ଯୋଗଦେଇ, ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରିଥିବାବେଳେ ତନ୍ମଧ୍ୟରୁ ଖୋ ଖୋ, କବାଡି, ବେଡ଼ମିଣ୍ଟନ, ଫୁଟବଲ ପ୍ରତିଯୋଗିତା ରେ ୮୫ଜଣ ଛାତ୍ର ଛାତ୍ରୀ ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବ ରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି ।

ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବ ସଭା ପ୍ରଧାନ ଶିକ୍ଷକ ବିକ୍ରମସିଂ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ପଣ୍ଡା, ସମ୍ମାନୀୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତକୁମାର ନାଏକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ଦଳପତି, ସାମ୍ବାଦିକ ଅସରଫ ଅଲ୍ଲୀ, ଯୋଗଦେଇ ଖେଳ, କ୍ରୀଡା, ଯୋଗ ବ୍ୟାୟାମ ଉପରେ ବକ୍ତୃତା ପ୍ରଦାନ କରିଥିଲେ । କର୍ମେଲି ବିଦ୍ୟାଳୟର ଖେଳ ପ୍ରଶିକ୍ଷକ ସରୋଜ କୁମାର ଠାକୁର, ପ୍ରତିଯୋଗିତା ର ଧାରା ବିବରଣୀ, ମଞ୍ଚ ପରିଚାଳନା କରିଥିବାବେଳେ ରାମକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## କଣ୍ଟେନର ସହ ୧୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ଗଞ୍ଜେଇ ଚୋରା ଚାଲାଣ ବେଳେ ଉତ୍ତରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ସମ୍ବଲପୁର ଏକ କଣ୍ଟେନର ଜବତ କରିଛି । ଏଥିସହ ୧୩କ୍ୱିଣ୍ଟାଲ ଗଞ୍ଜେଇ, ୨ଟି ମୋବାଇଲ ଫୋନ ସହ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କୁ ପଚରାଉଚରା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

ସୂଚନାଯୋଗ୍ୟ, କଣ୍ଟେନର ଭିତରେ ସ୍ୱତନ୍ତ୍ର ସିକ୍ରେଟ୍ ଚାମ୍ବର ତିଆରି କରି ଗଞ୍ଜେଇ ଚାଲାଣ କରାଯାଉଥିବା ଖବର ପାଇ ଅବକାରୀ ଗୁଇନ୍ଦା ବିଭାଗ ଶାସନ ଟୋଲଗେଟ୍ ନିକଟରେ ଗାଡି ନମ୍ବର( ଜେଏଚ୍ ୦୨ବିୟାଇ-୫୩୧୮ )କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଗୁପ୍ତ ଚାମ୍ବରରୁ ୫୨ବସ୍ତା ଗଞ୍ଜେଇ ବାହାରିଥିଲା । ଯାହାର ଓଜନ ପ୍ରାୟ ୧୩କ୍ୱିଣ୍ଟାଲ ହୋଇଥିଲା। ଏହି ଅଭିଯୋଗରେ ମଧ୍ୟପ୍ରଦେଶ ଭାଗଡେବାର ରାକେଶ ଆଦିବାସୀ(୨୩) ଓ ବେହେରାଦନାର ଅଞ୍ଚଳର ଅରୁଣ କୌର(୧୯)ଙ୍କୁ ଗିରଫ କରାଯାଇଛି। ପଚରାଉଚରା ବେଳେ ବରଗଡ଼ରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୁକ୍ତ ମାନେ କହଥିଲେ । ତେବେ ବିପୁଳ ପରିମାଣ ଗଞ୍ଜେଇ ଜବତ ହେବା ପରେ ଏକ ରାକେଟ୍ ସକ୍ରୀୟ ଥିବା ଆଶଙ୍କା କରାଯାଉଛି ।

## ଟ୍ରଲର ଧକ୍କାରେ ବାଇକ୍ ଆରୋହୀ ମୃତ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର -କଟକ ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ କଲେଜ ଛକରେ ଟ୍ରଲର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ ଚାଲାକ ଜଣକ ହେଲେ ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡବହାଲ ପଞ୍ଚାୟତ ଅନ୍ତର୍ଗତ ବଡକୁଡା ଗ୍ରାମର କାଳନ୍ଦୀ ଭୋଇ। ସେ କୌଣସି କାମରେ ବାଇକ ଯୋଗେ ଆସୁଥିବା ବେଳେ ଏକ ଟ୍ରାଲର ସହିତ ଧକ୍କା ହୋଇଥିଲା , ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା। ତେବେ ମୃତ ଦେହ ଟି ଖଣ୍ଡ ବି ଖଣ୍ଡିତ ହୋଇଯାଇଥିଲା। ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ଉତେଜନା ସୃଷ୍ଟି ହୋଇଥିଲା, କ୍ଷତି ପୂରଣ ଦାବି ନେଇ ସ୍ଥାନୀୟ ଲୋକେ ରାସ୍ତା ରୋକ କରିଥିଲେ ।

### ମା' ସର୍ବ ମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଡଙ୍ଗର ଯାତ୍ରା

## ଆସ୍ଥା ଓ ଶ୍ରଦ୍ଧାରେ ମା'ଙ୍କୁ ମନାସିଲେ ଶ୍ରଦ୍ଧାଳୁ



କୋକସରା,(ସବ୍ୟୁ): ଆଦିବାସୀ ପରମ୍ପରା ଅନୁସାରେ ମାଟି, ପାଣି, ପବନ ସହ ଦେବାଦେବୀ ପୂଜାର୍ଚ୍ଚନା ନେଇ ଅନେକ ସ୍ଥାନରେ ଆସ୍ଥା ଓ ବିଶ୍ୱାସର ଆଧ୍ୟାତ୍ମିକ ଉପାସନା ଦେଖିବାକୁ ମିଳିଥାଏ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେ କୌଣସି କାର୍ଯ୍ୟ ସମ୍ପାଦନ ପୂର୍ବରୁ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ଓ ସୁମରଣା ନ କଲେ କୌଣସି କାର୍ଯ୍ୟ ସିଦ୍ଧି ହୁଏନାହିଁ ବୋଲି ବିଶ୍ୱାସ ରହିଛି । ଆସ୍ଥା ଓ ଦେବାଦେବୀ ପ୍ରତି ରହିଥିବା ସମର୍ପିତ ମନୋଭାବ ହିଁ ଏକ ସୂତ୍ରରେ ପ୍ରକୃତି ଦେବାଦେବୀଙ୍କ ସହ ଆଦିମ ସଂସ୍କୃତିରେ ଆଦିବାସୀଙ୍କୁ ବାନ୍ଧି ରଖିଛି । ତାର ଏକ ନିଛକ ପରମ୍ପରା ହେଉଛି କୃଷି ଓ କୃଷକଙ୍କ ପାଇଁ ଉପାସନାର ପର୍ବ ହେଉଛି ମା ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଡଙ୍ଗର ଯାତ୍ରା । କୋକସରା ବ୍ଲକ ଜଙ୍ଗଲ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ଗୋତମୁଣ୍ଡାର ସାହାଜଖୋଲ ଜଙ୍ଗଲ ଅଠର ନାଲା ପାଦଦେଶରେ ଥିବା ମା ସର୍ବମଙ୍ଗଳା ଘାଟି ମୁଣ୍ଡିଆଣି ଦେବୀଙ୍କ ପୀଠରେ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦିନ ଏହି ଯାତ୍ରା ଦୀର୍ଘ ବର୍ଷ ଧରି ପାଳନ ହୋଇ ଆସୁଛି ।

ଲୋକଶୃତି ଅନୁସାରେ ଦଣ୍ଡପାଟ ଅଞ୍ଚଳର ଆରାଧ ଦେବୀ ମା ସର୍ବମଙ୍ଗଳା ଘାଟି ମୁଣ୍ଡିଆଣି ଦେବୀଙ୍କୁ କେଉଁ ଏକ ଆବାହମାନ କାଳ ରାଜା ରାଜୁଡ଼ା ଅମଳରୁ ପୂଜାର୍ଚ୍ଚନା କରା ଯାଉଛି । ତାଙ୍କୁ ପୂଜାର୍ଚ୍ଚନା କଲେ ଚାଷବାସ ଭଲ ହେବା ସହ ଏହି ଅଞ୍ଚଳର ଲୋକେ ସୁଖଶାନ୍ତିରେ ବସବାସ କରିବା ନେଇ ମାନ୍ୟତା ରହିଛି। ମା ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ନିକଟରେ ଯାହା ଅଳି କଲେ ତାହା ପୁରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି, ସେହି ପରମ୍ପରାକୁ ଆଜି ଯାଏ ପାଳନ କରି ଆସୁଛନ୍ତି ଏହି ଅଞ୍ଚଳର ଗ୍ରାମବାସୀ । ସକାଳୁ ଗୋତମୁଣ୍ଡା ଗ୍ରାମ୍ୟ ଦେବୀ ମା ସର୍ବମଙ୍ଗଳାଙ୍କ ପୂଜକ ମନୋହର ପୁଝାରିଙ୍କ ପୂଜାର୍ଚ୍ଚନା ପରେ ଗୋତମୁଣ୍ଡା ଠାରୁ ଦେବାଦେବୀଙ୍କ ଲାଠିକୁର୍ଚ୍ଚି ସହ ଢୋଲ ନାଙ୍ଗରା ବଜାଇ ଦୀର୍ଘ ୩ କିମି ଚାଲି ଚାଲି ସାହାଜଖୋଲ ଜଙ୍ଗଲ ଅଠର ନାଲା ନିକଟରେ ଥିବା ଦେବୀ ଘାଟି ମୁଣ୍ଡିଆଣି ପୀଠକୁ ଶିରା ଓ କାଳିସି ମାନେ ଯାଇଥିଲେ । ପରେ ଦେବୀ ପୀଠରେ ମୁଖ୍ୟ ପୂଜକ ପୂଜାର୍ଚ୍ଚନା ପରେ ମାନସିକ ଧାରୀ ଶ୍ରଦ୍ଧାଳୁ ମାନେ ଶୁକ୍ଳ ଭୋଗ ସହ ବୋଦା, କୁକୁଡ଼ା, ପାରା ବଳି ଅର୍ପଣ କରି ନିଜର ମାନସିକ ପୂରଣ କରିଥିଲେ । ଏହି ଡୋଙ୍ଗର ଯାତ୍ରାରେ କୋକସରା ବ୍ଲକ ସମେତ ଧର୍ମଗଡ ଦଣ୍ଡପାଟ ଅଞ୍ଚଳ, ଛତିଶଗଡ଼ ରାଜ୍ୟ ଓ ପଡୋଶୀ ନବରଙ୍ଗପୁର ଜିଲ୍ଲାର ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ଥିଲେ ।

### ସମଲେଶ୍ୱରୀ ପ୍ରକଳ୍ପ-୨ ବିରୋଧରେ ବିସ୍ଥାପିତ

## ପ୍ରଥମେ ଥଇଥାନ ପରେ ବିସ୍ଥାପନ



ସମ୍ବଲପୁର, (ସବ୍ୟୁ): ସମଲେଶ୍ୱରୀ ପ୍ରକଳ୍ପ-୨ ପାଇଁ ବିସ୍ଥାପନ ପ୍ରକ୍ରିୟାକୁ ବିରୋଧ କରି ଶତାଧିକ ବିସ୍ଥାପିତ ପରିବାର ମଙ୍ଗଳବାର ଡିଆର୍‌ଡିଏ ଅଫିସ ସମ୍ମୁଖରେ ଧାରଣା ଓ ପ୍ରତିବାଦ କରିଥିଲେ। ବିସ୍ଥାପିତ ପରିବାରଙ୍କୁ ପ୍ରଥମେ ଥଇଥାନ ଓ ପରେ ବିସ୍ଥାପନ କରିବାକୁ ସେମାନେ ଦାବି କରିଥିଲେ । ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ସମଲେଶ୍ୱରୀ ପ୍ରକଳ୍ପ-୨ରେ ପ୍ରଭାବିତ ହେବାକୁ ଥିବା ଶତାଧିକ ପରିବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ କହିଛନ୍ତି ଯେ, ସମଲେଶ୍ୱରୀ ପ୍ରକଳ୍ପ-୧ ସମୟରେ ପ୍ରଭାବିତ ଲୋକଙ୍କୁ ବିକଳ୍ପ ଜମି ଯୋଗାଇ ଥଇଥାନ କରାଯାଇଥିଲା । ମାତ୍ର ସମଲେଶ୍ୱରୀ ପ୍ରକଳ୍ପ-୨ ପାଇଁ କେବଳ କ୍ଷତିପୂରଣ ରାଶି ଦେଇ ଲୋକଙ୍କୁ ଘରୁ ଉଚ୍ଛେଦ କରିବା ଅନ୍ୟାୟ ଅଟେ। ଅନ୍ୟପଟେ ଥଇଥାନ ପୂର୍ବରୁ ମୌଳିକ ସୁବିଧା ବିଚ୍ଛିନ୍ନ କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ । ପ୍ରାୟ ୮ ଦିନ ହେବ ପାନୀୟ ଜଳ ଯୋଗାଣ ବନ୍ଦ କରାଯାଇଥିବାରୁ ମହିଳା, ଶିଶୁ ଓ ବୃଦ୍ଧଙ୍କ ସମେତ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବିସ୍ଥାପିତ ମାନେ ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଭେଟି ଆଲୋଚନା କରିଥିଲେ । ଏଥିରେ ଶ୍ରମିକ ନେତା ଗୋକୁଳ ମେହେର, ଗଦାଧର କୁଅଁର, ନଟୁ ଗୋପାଳ, ମହେଶ୍ୱର ଷଣ୍ଢ, ମିଳନ ହୋତା, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଦୁଲାଲ ରାୟ, ରୀନା ସାହୁ, ମଞ୍ଜୁ ଖେତୀ, ବର୍ଷା ବେମାଲ, ଯଶୋଦା ସାହୁ, ରାଜେଶ୍ୱରୀ ପାଣ୍ଡେ, ରିତା ଗୁପ୍ତା, ନିନି ନାଏକ, ଲତା ମେହେର, କୌଶଲ୍ୟା ସାହୁଙ୍କ ସମେତ ଶତାଧିକ ବିସ୍ଥାପିତ ପରିବାର ଓ ସମର୍ଥକ ଉପସ୍ଥିତ ଥିଲେ ।

## ୨୮ କେଜି ଗଞ୍ଜେଇ ଜବତ, ୫ ଗିରଫ

ସମ୍ବଲପୁର, (ସବ୍ୟୁ): ଚାରମାଳ ଥାନା ପୋଲିସ ଗଞ୍ଜେଇ ଚାଲାଣ ବେଳେ ଏକ କାର ସହ ୨୭.୯୮୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଅଭିଯୋଗରେ ୫ ଜଣ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ସୁବର୍ଣ୍ଣପୁର ଜିଲ୍ଲା ଖଣ୍ଡହତାର ଦୀପକ କର୍ମୀ (୨୨) ଓ ଟିକରାପଡାର ତପନ ନାଏକ (୧୯), ଉତ୍ତରପ୍ରଦେଶ ନାଭାପୁରର ତ୍ରିଭୁବନ ସିଂହ ଯାଦବ (୩୨), ମନୋପୁରର ରବି ପ୍ରକାଶ ଯାଦବ (୨୦), ସୁଦାନିପୁରର ସତୀଶ କୁମାର ଗୌଡ଼ (୩୦) ବୋଲି ଜଣାପଡିଛି । ସେମାନଙ୍କ ନିକଟରୁ ୫ଟି ଦାମୀ ମୋବାଇଲ ଫୋନ ଓ ନଗଦ ୧ହଜାର୬୦ଟଙ୍କା ଜବତ ହୋଇଛି। ସୂଚନାଯୋଗଯ, ସୁବର୍ଣ୍ଣପୁର ଅଞ୍ଚଳରୁ ମୋଚିବାହାଲ ଜଙ୍ଗଲ ରାସ୍ତା ଦେଇ ସମ୍ବଲପୁର ହୋଇ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବା ଚାରମାଳ ଥାନା ପୋଲିସକୁ ଖବର ମିଳିଥିଲା। ସୂଚନା ମୁତାବକ ପୋଲିସ କାର ଗାଡି ନମ୍ବର (ଓଆର୦୨ଏଡି-୩୨୪୯)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉପରୋକ୍ତ ଗଞ୍ଜେଇ ଜବତ ହୋଇଛି। ଏନେଇ ଚାରମାଳ ଥାନା ପୋଲିସ ୧୫୩/୨୬ରେ ଏକ ମାମଲା ରୁଜୁ ଏହାର ତଦନ୍ତ କରୁଛି।

## ୧୫ ବର୍ଷ ଧରି ଅବହେଳିତ ପୁରୁଣା ବସ୍ତି ରାସ୍ତା

ପଦ୍ମପୁର,(ସବ୍ୟୁ): ପଦ୍ମପୁର ସହରର ଥାନା ଛକରୁ ବୋଡାସମ୍ବର ଛକ ପର୍ଯ୍ୟନ୍ତ ପୁରୁଣା ବସ୍ତିର ମୁଖ୍ୟ ରାସ୍ତା ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି । ସହରର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିଲେ ମଧ ପ୍ରାୟ ୧୫ ବର୍ଷ ଧରି ଏହାର ନିର୍ମାଣ କିମ୍ବା ବଡ଼ ମରାମତି ନହେବାକୁ ନେଇ ପଦ୍ମପୁର ଏନଏସିର ଭୂମିକା ଉପରେ ପ୍ରଶ୍ନ ଉଠିଛି । ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ହୋଇଥିବା ସହ ଅନେକ ଅଂଶ ଭାଙ୍ଗି ଯାଇଛି । ବର୍ଷା ସମୟରେ ଗାତରେ ପାଣି ଜମି ରହୁଥିବାରୁ ଯାତାୟାତ ଅଧିକ ବିପଜ୍ଜନକ ହୋଇପଡୁଛି । ବିଦ୍ୟାଳୟ, କଲେଜ, ବଜାର, ଚିକିତ୍ସାଳୟ ଓ ଥାନାକୁ ଯିବା ପାଇଁ ପ୍ରତିଦିନ ଶହ ଶହ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିଲେ ମଧ ଏହାର ସ୍ଥାୟୀ ସମାଧାନ ହୋଇନାହିଁ । ଏପରିକି ଭାରୀ ଯାନବାହନ ଚଳାଚଳ ଉପରେ ଏନଏସି ପକ୍ଷରୁ ପୂର୍ବରୁ ରୋକ ଲଗାଯାଇଥିବା କୁହାଯାଉଥିଲେ ମଧ ନିୟମର ଠିକ ଭାବେ କାର୍ଯ୍ୟକାରୀ ନହେବାରୁ ୧୦ ଓ ୧୨ ଚକିଆ ଯାନ ଚଳାଚଳ କରୁଥିବା ଅଭିଯୋଗ ରହିଛି । ଫଳରେ ରାସ୍ତାର ଅବସ୍ଥା ଆହୁରି ଖରାପ ହେଉଛି । ଏହା ଏନଏସିର ନିୟମ ପ୍ରୟୋଗ ଓ ତଦାରଖ ବ୍ୟବସ୍ଥାକୁ ନେଇ ମଧ ପ୍ରଶ୍ନ ଉଠାଇଛି । ସୂଚନା ଅନୁସାରେ, ଏହି ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଏନଏସି ପାଣ୍ଠିରୁ ୬୦ ଲକ୍ଷ ଟଙ୍କା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି । କିନ୍ତୁ ଏହି ଅର୍ଥ ପର୍ଯ୍ୟାପ୍ତ ନହେବାରୁ ଆହୁରି ପ୍ରାୟ ୧ କୋଟି ଟଙ୍କା ଆବଶ୍ୟକ ବୋଲି ଜଣାପଡ଼ିଛି। ଅନ୍ୟପଟେ, ଚଳିତ ବର୍ଷ ରାଜ୍ୟରେ ସର୍ବାଧିକ ଖଜଣା ଆଦାୟ ପାଇଁ ପଦ୍ମପୁର ଏନଏସିକୁ ୨ କୋଟି ଟଙ୍କାର ପୁରସ୍କାର ମିଳିଥିବା କୁହାଯାଇଛି । ଏଭଳି ସ୍ଥିତିରେ ସହରର ଏକ ପ୍ରମୁଖ ରାସ୍ତା ପାଇଁ ପୁଣି ଆହୁରି ୧ କୋଟି ଟଙ୍କା ଦାବି କରାଯିବା ଘଟଣା ଏନଏସିର ଯୋଜନା ଓ ପ୍ରାଥମିକତାକୁ ନେଇ ଚର୍ଚ୍ଚା ସୃଷ୍ଟି କରିଛି । ଯୁବ କାଉନସିଲର ଇଞ୍ଜିନିୟର କୁନାଲ ପାଣିଗ୍ରାହୀ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କୁ ଦାବିପତ୍ର ଦେଇ ରାସ୍ତା ନିର୍ମାଣ ପାଇଁ ଆହୁରି ୧ କୋଟି ଟଙ୍କା ବିନିଯୋଗ କରିବାକୁ ଦାବି କରିଛନ୍ତି । ଦୀର୍ଘ ୧୫ ବର୍ଷ ଧରି ରାସ୍ତାଟି ଅବହେଳିତ ହୋଇ ରହିଥିବା ବେଳେ ଏବେ ଦାବିପତ୍ର ଦେବା ପରେ ପ୍ରଶାସନ କେବେ ଏହାର ସ୍ଥାୟୀ ସମାଧାନ କରୁଛି, ତାହା ଦେଖିବାକୁ ବାକି ରହିଛି । ଲୋକଙ୍କଠାରୁ ଆଦାୟ ହେଉଥିବା ଟ୍ୟାକ୍ସର ଅର୍ଥ ଓ ଏନଏସିକୁ ମିଳିଥିବା ପୁରସ୍କାର ରାଶିରୁ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରାଯିବା ଦାବି ଜୋର ଧରିଛି ।


### ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

## ଛାତ୍ରଛାତ୍ରୀଙ୍କ ସଚେତନତା ରାଲି




ବଲାଙ୍ଗିର,(ସବ୍ୟୁ) : ଶିକ୍ଷା ଓ ସାକ୍ଷରତାର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାକ୍ଷରତାକୁ ସମାଜର ସାମଗ୍ରିକ ବିକାଶର ମୁଖ୍ୟ ଆଧାର ଭାବେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ନୋଡାଲ ଅଧିକାରୀ ରୀନା କୁମାରୀ ବେହେରା ଯୋଗଦେଇ ସାକ୍ଷରତା ଦିବସର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସାକ୍ଷରତା କେବଳ ପଢ଼ିବା ଓ ଲେଖିବାରେ ସୀମିତ ନୁହେଁଏହା ଜ୍ଞାନ,ସୁଯୋଗ,ସମାନତା ଓ ଉନ୍ନତିର ଦ୍ୱାର ଖୋଲିଥାଏ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ଓ ସେବାଶ୍ରୀ ଭୋଇ ମଧ ନିଜ ବକ୍ତବ୍ୟ ରଖି ସମାଜର ପ୍ରତ୍ୟେକ ବର୍ଗଙ୍କ ମଧ୍ୟରେ ଶିକ୍ଷା ଓ ସାକ୍ଷରତାର ପ୍ରସାର ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ।ଏହି ଅବସରରେ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଓ ପିଏମ ଶ୍ରୀ ପୃଥୀରାଜ ଉଚ୍ଚ ବିଦ୍ୟାଳୟର ଛାତ୍ର ମାନେ ସଚେତନତା ରାଲିରେ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସାକ୍ଷରତାର ଆବଶ୍ୟକତା,ଶିକ୍ଷାର ମହତ୍ତ୍ୱ ଓ ସମାଜରେ ଜ୍ଞାନର ପ୍ରସାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ପରେ ଆୟୋଜିତ ସଭାରେ ଛାତ୍ରଛାତ୍ରୀ ମାନେ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ଶିକ୍ଷକ କୃଷ୍ଣ ଚନ୍ଦ୍ର ଶତପଥୀ ମଞ୍ଚାସୀନ ଥିଲେ । ଜିଲ୍ଲାର ୧୪ଟି ବ୍ଲକରୁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଯୋଡି ହୋଇ ଅକ୍ଷର ଜ୍ଞାନ ହାସଲ କରିଥିବା ନବସାକ୍ଷର ମାନେ ଏଥିରେ ଯୋଗଦେଇଥିଲେ । ସେମାନେ ଅକ୍ଷର ଜ୍ଞାନ ଶିଖିବା ପୂର୍ବର ଜୀବନ ଓ ଶିକ୍ଷା ହାସଲ କରିବା ପରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ନିଜ ଅଭିଜ୍ଞତା ବଖାଣିଥିଲେ । ଅକ୍ଷର ଚିହ୍ନିବା,ନିଜ ନାମ ଲେଖିବା ଓ ଦୈନନ୍ଦିନ ଜୀବନରେ ପଢ଼ାଲେଖାର ଉପଯୋଗ କରିପାରୁଥିବାର ଅନୁଭବ ସେମାନଙ୍କ ମୁହଁରେ ଆତ୍ମସନ୍ତୋଷ ଓ ଆତ୍ମବିଶ୍ୱାସ ଆଣିଥିବା ପ୍ରକାଶ ପାଇଥିଲା । ସେମାନଙ୍କ ଅଭିଜ୍ଞତା ଉପସ୍ଥିତ ଅନ୍ୟମାନଙ୍କୁ ମଧ ଅନୁପ୍ରାଣିତ କରିଥିଲା । ଶିକ୍ଷକ ହେମନ୍ତ ପଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଶିକ୍ଷକ ଜଗଦୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ର ସିଆରସିସି ଓ ନବସାକ୍ଷର ମାନେ ଯୋଗ ଦେଇଥିଲେ ।

## ସରକାରୀ ଟଙ୍କା ହଡପ ଅଭିଯୋଗ, ଜୁନିଅର ଆସିଷ୍ଟାଣ୍ଟ ଗିରଫ



ସମ୍ବଲପୁର,(ସବ୍ୟୁ): ସରକାରୀ ଟଙ୍କା ହଡ଼ପ ଅଭିଯୋଗରେ ଭିଜିଲାନ୍ସ ଜଣେ ଜୁନିଅର ଆସିଷ୍ଟାଣ୍ଟଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ମୀର ଇମତିଆଜ୍ ଅଲ୍ଲୀ । ସେ ଜମନକିରା ବ୍ଲକ ଫାଶିମାଲ ସିଏଚ୍‌ସିର ଜୁନିଅର ଆସିଷ୍ଟାଣ୍ଟ ଓ ବାମରା ବ୍ଲକ ଗୋବିନ୍ଦପୁର ସିଏଚ୍‌ସିର ଦାୟିତ୍ୱରେ ଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତ ଜିନିୟର ଆସିଷ୍ଟାଣ୍ଡ ଜଣକ ୨୦୨୧-୨୨ରୁ ୨୦୨୬-୨୭ ଆର୍ଥିକ ବର୍ଷ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନାମରେ ନକଲି ବିଲ୍ ତିଆରି କରିଥିଲେ । ବକେୟା ଦରମା, ଲିଭ୍ ଏନକେସମେଣ୍ଟ ଓ ପେନସନ୍ ବାବଦରେ ଅନଲାଇନ୍ ଏବଂ ଅଫଲାଇନ୍ ବିଲ୍ କରି ସରକାରୀ ଟଙ୍କା ନିଜ ଆକାଉଣ୍ଟକୁ ଡାଇଭର୍ଟ କରିଥିଲେ । ତେବେ ଫାଶିମାଲ ସିଏଚ୍‌ସିରୁ ୭୦ ଲକ୍ଷ ୫୭ ହଜାର ୪୫୦ ଟଙ୍କା ଓ ଗୋବିନ୍ଦପୁର ସିଏଚ୍‌ସିରୁ ୪୪ ଲକ୍ଷ ୫୭ ହଜାର ୮୯ ଟଙ୍କା ହଡପ କରିଥିବା ଜଣାପଡିଛି । ମୋଟ ୧ କୋଟି ୧୫ ଲକ୍ଷ ୧୪ ହଜାର ୫୩୯ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି । ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ୧୪ ଓ ୧୫/୨୦୨୬ରେ ଦୁଇଟି ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ଗିରଫ ପରେ ସମ୍ବଲପୁର ଭିଜିଲାନ୍ସ ସ୍ପେଶାଲ କୋର୍ଟରେ ହାଜର କରାଯାଇଥିଲା। ଏଥିସହ ଅଧିକ ତଦନ୍ତ ଜାରି ରହିଛି ।

# ବଲାଙ୍ଗିର ଜିଲ୍ଲା ବସ୍ ମାଲିକ ସଂଘର ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା



ବଲାଙ୍ଗିର, (ସବ୍ୟୁ) : ବଲାଙ୍ଗିର ଜିଲ୍ଲା ବସ ମାଲିକ ସଂଘ ମଙ୍ଗଳବାର ଖାରବେଳ ଭବନ ଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟିଛନ୍ତି। ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ କମିଶନର ତଥା ଚେୟାରମ୍ୟାନ ଅମିତାଭ ଠାକୁର ଉପସ୍ଥିତ ଥିଲେ । ବଲାଙ୍ଗିର ଜିଲ୍ଲାରେ ସୁଗମ ପରିବହନ ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା । ବସ ମାଲିକ ସଂଘ ନିଜର ସମସ୍ୟା ଓ ଦାବୀ ବିଷୟରେ ଉପମୁଖ୍ୟମନ୍ତ୍ରୀ ଏବଂ ପରିବହନ କମିଶନରଙ୍କୁ ଅବଗତ କରାଇଥିଲେ । ସେମାନଙ୍କ ଦାବୀ ଓ ସମସ୍ୟାର ଆଶୁ ସମାଧାନର ପନ୍ଥା ନିରୂପଣ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ଆଶ୍ୱାସନା ପ୍ରଦାନ କରିଛନ୍ତି ।

# ଶାରୀରିକ ଶିକ୍ଷା ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଉଦଘାଟିତ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ବାର୍ଷିକ ସାଧାରଣ ବୈଠକ ତଥା ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ପାଇଁ ୩ ଦିନିଆ ଆବାସିକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସଂଗଠନର ସମ୍ପାଦକ ସୁଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଅନ୍ନପୂର୍ଣ୍ଣା ମଣ୍ଡପମ, ଏଚ. କଟାପାଲି ଠାରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନର ସଭାପତି ଡ. ରାଧାକାନ୍ତ ଗର୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ସ୍ଥାନୀୟ ରତ୍ନାକର ସରକାରୀ ଉଚ୍ଚ ବିଦ୍ୟାଳୟ, ଏଚ.କଟାପାଲିର ପ୍ରଧାନ ଶିକ୍ଷୟତ୍ରୀ ସଂଗୀତା ଭୋଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଜ୍ୱଳ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଛନ୍ତି । ବାର୍ଷିକ ବୈଠକରେ ଜିଲ୍ଲାରେ ଗତ ଶିକ୍ଷାବର୍ଷରେ ଅନୁଷ୍ଠିତ କ୍ରୀଡ଼ା କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଶିକ୍ଷାବର୍ଷ ପାଇଁ କ୍ରୀଡ଼ା ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜୋନାଲ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ସୁଚାରୁ ଆୟୋଜନ, ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଭା ଚିହ୍ନଟ, କ୍ରୀଡ଼ା ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ୩ ଦିନିଆ ଅଭିମୁଖୀକରଣ କାର୍ଯ୍ୟକ୍ରମରେ ହକି, ହ୍ୟାଣ୍ଡବଲ, କ୍ରିକେଟ, ବ୍ୟାଡମିଣ୍ଟନ, କରାଟେ, ନେଟବଲ, ତାଇକୋଣ୍ଡୋ, ଭାରୋତ୍ତୋଳନ, ଧନୁର୍ବିଦ୍ୟା, ଯୋଗ, ଖୋ-ଖୋ, କବାଡ଼ି ଓ ଫୁଟବଲ ଆଦି ବିଭିନ୍ନ କ୍ରୀଡ଼ାର ନିୟମ, ମୌଳିକ କୌଶଳ ଓ ଆଧୁନିକ ପ୍ରଶିକ୍ଷଣ ପଦ୍ଧତି ଉପରେ ତାତ୍ତ୍ୱିକ ଓ ପ୍ରାୟୋଗିକ ଅଧିବେଶନ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବ । ପ୍ରଥମ ଦିବସରେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ପ୍ରଶିକ୍ଷକ ସତ୍ୟରଞ୍ଜନ ପଣ୍ଡା ପ୍ରଶିକ୍ଷଣ ଦେଇଥିବା ବେଳେ ରାଜ୍ୟ ନେଟ ବଲ ସଂଘର ଆନ୍ତରାଜ୍ୟ ଅମ୍ପାୟାର ରଞ୍ଜିତ ଦାସ ପ୍ରଶିକ୍ଷଣ ଦେଇଥିଲେ। ଏଥିସହିତ ଫିଟନେସ, ଯୋଗ, କ୍ରୀଡ଼ାଜନିତ ଆଘାତର ପ୍ରାଥମିକ ଚିକିତ୍ସା ଏବଂ କ୍ରୀଡ଼ା ପ୍ରତିଭା ଚିହ୍ନଟ ସମ୍ପର୍କରେ ମଧ୍ୟ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବାକାର୍ଯ୍ୟକ୍ରମରେ ଅତିଥିମାନେ ବିଦ୍ୟାଳୟସ୍ତରରେ କ୍ରୀଡ଼ାର ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଶାରୀରିକ ଶିକ୍ଷାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରି ଝାରସୁଗୁଡ଼ା ଜିଲ୍ଲାରୁ ଅଧିକ ସଂଖ୍ୟକ ଖେଳାଳିଙ୍କୁ ରାଜ୍ୟ ଓ ଜାତୀୟସ୍ତରକୁ ପଠାଇବା ନିମନ୍ତେ ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ରବି ନାରାୟଣ ପୂଜାରୀ ଉପସ୍ଥିତ ଅତିଥି ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଓସିଲ ଗାଁରେ କଲରାପତରିଆ ବାଘର ଉପସ୍ଥିତି
## ବାଛୁରୀ ଶିକାର ପରେ ବନ ବିଭାଗର ନଜର



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟ ଉପକଣ୍ଠ ଦେଓସିଲ ଗାଁରେ ଏକ କଲରାପତରିଆ ବାଘର ଉପସ୍ଥିତି ଜଣାପଡ଼ିଛି । ସୋସେଙ୍ଗ ସେକ୍ସନ ଅନ୍ତର୍ଗତ ଏହି ଗାଁରେ ରାତି ସମୟରେ ବାଘ ଏକ ବାଛୁରୀକୁ ଶିକାର କରିଥିବା ଜଣାଯାଇଛି ।

ସୋମବାର ବିଳମ୍ବିତ ରାତିରେ ଦେଓସିଲ ଗ୍ରାମର ବ୍ୟାସଦେବ ମାଝୀଙ୍କ ବାଛୁରୀ ଗାଁ ଦାଣ୍ଡରେ ବନ୍ଧା ହୋଇଥିଲା । ଏହି ସମୟରେ ଅଭୟାରଣ୍ୟ ପଟୁ ଏକ କଲରାପତରିଆ ବାଘ ଗାଁ ନିକଟକୁ ଆସି ବାଛୁରୀକୁ ଶିକାର କରିଥିବା ସୂଚନା ମିଳିଛି । ସକାଳେ ବାଛୁରୀର ମୃତଦେହ ଦେଖିବା ପରେ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ । ସୂଚନା ପାଇ ସୁନାବେଡ଼ା ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା । ପାଦଚିହ୍ନ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ତଥ୍ୟ ଆଧାରରେ ଏହା କଲରାପତରିଆ ବାଘର ଆକ୍ରମଣ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ଗାଁ ନିକଟସ୍ଥ ଜଙ୍ଗଲରେ ଟ୍ରାପ କ୍ୟାମେରା ସ୍ଥାପନ କରାଯାଇଛି। ଏଥିସହ ଦେଓସିଲ ଓ ଆଖପାଖ ଗାଁରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କତାମୂଳକ ସୂଚନା ଦିଆଯାଉଛି । ରାତି ସମୟରେ ଅନାବଶ୍ୟକ ଭାବେ ବାହାରକୁ ନଯିବା ଏବଂ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବାଘର ଗତିବିଧି ଉପରେ ବିଭାଗ ପକ୍ଷରୁ ନଜର ରଖାଯାଇଥିବା ସୂଚନା ମିଳିଛି

# ନୂଆଖାଇ ପୂର୍ବରୁ ସାମାଜିକ ଭତ୍ତା ପ୍ରଦାନ ନେଇ ରାଜ୍ୟପାଳ ଙ୍କ ହସ୍ତକ୍ଷେପ ଦାବି କଲା ବିଜେଡି



ବରଗଡ଼,(ସବ୍ୟୁ):ସମାଜର ବିଭିନ୍ନ ବର୍ଗ ର ଲୋକେ ସାମାଜିକ ନିରାପତ୍ତା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା,ଦିବ୍ୟାଙ୍ଗ ଭତ୍ତା ,ବିଧବା ଭତ୍ତା ଭଳି ସାମାଜିକ ଭତ୍ତା ମାଧ୍ୟମ ରେ ଲକ୍ଷାଧିକ ଅସହାୟ ବୃଦ୍ଧ ବୃଦ୍ଧା ଦିବ୍ୟାଙ୍ଗ ବିଧବା ହିତାଧିକାରୀ ଉପକୃତ ହୁଅନ୍ତି । ତେବେ ପରିତାପର ବିଷୟ ଦୀର୍ଘ ୧ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ନିୟମିତ ପ୍ରତିମାସ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଠିକ ସମୟରେ ଭତ୍ତା ଟଙ୍କା ଆସୁନାହିଁ । ଫଳରେ ଲକ୍ଷାଧିକ ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ପଶ୍ଚିମ ଓଡ଼ିଶା ର ଗଣ ପର୍ବ ନୂଆଖାଇ ଆସୁଛି।ତେଣୁ ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ ବର୍ଗର ସମସ୍ତ ହିତାଧିକାରୀଙ୍କୁ ଭତ୍ତା ତୁରନ୍ତ ପ୍ରଦାନ କରାଯାଉ ଏବଂ ନୂତନ ଭାବରେ ଭତ୍ତା ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ସକାଶେ ଓ ଏଥିରେ ରାଜ୍ୟପାଳ ହସ୍ତକ୍ଷେପ କରି ସରକାର ଙ୍କୁ ଆଦେଶ ଦିଅନ୍ତୁ ବୋଲି ବରଗଡ଼ ଜିଲ୍ଲା ବିଜେଡି ଜିଲ୍ଲାପାଳ ଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏହି ମର୍ମ ରେ ସ୍ମାରକ ପତ୍ର ପ୍ରଦାନ କରିଛି ।

ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ମନ୍ତ୍ରୀ ରୀତା ସାହୁ,ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ,ସୁବ୍ରତ ସିଂ,ଗୌରହରି ମିଶ୍ର,ପ୍ରଦ୍ୟୁମ୍ନ ତ୍ରିପାଠୀ,କରନ ସିକନ୍ଦର,ରାଜୁ ଘିବେଲା,ପ୍ରଫୁଲ୍ଲ ନାଏକ,ଉମେଶ ପଣ୍ଡା,କିଶୋର ମିଶ୍ର ରାଜେଶ ଅଗ୍ରୱାଲ,ଅନୁପ ଶତପଥୀ ପ୍ରମୁଖ ବିଜେଡି ନେତା ଏକ ଶୋଭାଯାତ୍ରା ରେ ବାହାରି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ବରଗଡ଼ ଙ୍କୁ ପୃଥକ ଦାବି ପତ୍ର ପ୍ରଦାନ କରିଥିଲେ । ତେବେ ଏହି ଦାବି ଗୁଡ଼ିକର ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ପାଇଁ ବାଧ ହେବ ବୋଲି ଚେତାବନୀ ପ୍ରଦାନ କରିଛି ।

# ଖେଳପଡ଼ିଆ ଜମିର ସୀମା ନିର୍ଦ୍ଧାରଣ ନେଇ ଯୁବଗୋଷ୍ଠୀ ତହସିଲଦାରଙ୍କ ଦ୍ୱାରସ୍ଥ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗାଁରେଇ ପଞ୍ଚାୟତ ମାଳପଡ଼ା ଗ୍ରାମରେ ଥିବା ଖେଳ ପଡ଼ିଆ ଜମିର ପ୍ରକୃତ ସୀମା ନିର୍ଦ୍ଧାରଣ ସହ ଜମି ଚିହ୍ନଟ କରାଯିବା ଦାବୀରେ ଗ୍ରାମର ଯୁବଗୋଷ୍ଠୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମରେ ଚିହ୍ନଟ ହୋଇଥିବା ଏହି ଖେଳ ପଡ଼ିଆରେ ଗ୍ରାମର ଛାତ୍ରଛାତ୍ରୀ ତଥା ଯୁବଗୋଷ୍ଠୀମାନେ ଶାରୀରିକ ବିକାଶ ପାଇଁ ପ୍ରତିଦିନ ବିଭିନ୍ନ ଖେଳକୁଦ ଓ ବ୍ୟାୟାମ କରିଥାନ୍ତି । କିନ୍ତୁ ଏହି ଖେଳ ପଡ଼ିଆ ଜମିର ପ୍ରକୃତ ସୀମା ନିର୍ଦ୍ଧାରଣ ଓ ଚିହ୍ନଟ କରାଯାଇନଥିବାରୁ ଜମି ଜବରଦଖଲ ଓ ସୀମା ବିବାଦ ଦେଖାଦେବାର ଆଶଙ୍କା ରହିଛି । ଏଣୁ ସରକାରୀ ରେକର୍ଡ ଅନୁସାରେ ମାପଚୁପ କରି ଖେଳ ପଡ଼ିଆ ଜମିର ପ୍ରକୃତ ସୀମା ନିର୍ଦ୍ଧାରଣ ସହ ଜମି ଚିହ୍ନଟ କରାଗଲେ ଖେଳ ପଡ଼ିଆ ଜମି ସୁରକ୍ଷିତ ରହିବା ସହ ଗ୍ରାମର ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ଖେଳ ପାଇଁ ଉପଯୁକ୍ତ ସ୍ଥାନ ପାଇପାରିବେ ବୋଲି ଦାବି କରିଛନ୍ତି । ଦାବିପତ୍ର ଗ୍ରହଣ କରିଥିବା ତହସିଲଦାର ଜଗଦୀଶ କର୍ତ୍ତାମୀ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ଗ୍ରାମର ଖେଳ ପଡ଼ିଆ ପାଇଁ ଉଦ୍ଦିଷ୍ଟ ଜମିର ପ୍ରକୃତ ସୀମା ନିର୍ଦ୍ଧାରଣ କରାଯିବ ଓ ସରକାରୀ ଜମି କେହି ଜବରଦଖଲ କରିପାରିବେ ନାହିଁ ବୋଲି ଯୁବଗୋଷ୍ଠୀଙ୍କୁ ଆଶ୍ୱାସନା ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ମାଳପଡ଼ା ଗ୍ରାମର ପାଲେଶ୍ୱର ଜାନୀ,ବିନୋଦ ମାଝୀ, ତୁଲାରାମ ପୁଟେଲ, ଟଙ୍କଧର ମାଝୀ, କୁନ୍ତ ମାଝୀ, ସତ୍ୟାନନ୍ଦ ମାଝୀ, ରତ୍ନାକର ମାଝୀ,ଏସ. ମାହାକୁର,ଗଜପତି ମାଝୀ, ଦୁଷ୍ମନ୍ତ ଜାନୀ, ଯତୀନ ମାଝୀ, ହଳଧର ମାହାକୁର, ଲୋଚନ ମାହାକୁରଙ୍କ ସହ ବହୁ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ ।

# ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



ନୂଆପଡ଼ା,(ସବ୍ୟୁ): ଓଡ଼ିଶା ରାଜନୀତିର ଜଣେ ଲୋକପ୍ରିୟ ଚେହେରା, ପୂର୍ବତନ ମନ୍ତ୍ରୀ ତଥା ନୂଆପଡ଼ାର ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ଓ ସେବା କାର୍ଯ୍ୟ ମଧ୍ୟରେ ପାଳିତ ହୋଇଯାଇଛି । ଏହି ପବିତ୍ର ଅବସରରେ ଏକ ମହତ ଉଦ୍ଦେଶ୍ୟ ନେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଞ୍ଚଳର ବହୁ ଯୁବକ ତଥା ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ ।

ଶ୍ରାଦ୍ଧବାର୍ଷିକୀ ସଭାରେ ଉପସ୍ଥିତ ସାଧାରଣ ଜନତା ତଥା ବରିଷ୍ଠ ନେତୃବୃନ୍ଦ ସ୍ୱର୍ଗତ ଢୋଲକିଆଙ୍କୁ ସ୍ନେହର 'ରାଜୁ ଭାଇ' ଭାବେ ମନେ ପକାଇ ଭାବପୂର୍ଣ୍ଣ ସ୍ମୃତିଚାରଣ କରିଥିଲେ । ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ଶତାଧିକ ନାଗରିକ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଉପରୋକ୍ତ ସଭା ରେ ଜିଲ୍ଲାପାଳ ମଧୁସୁଦନ ଦାଶ, ଏନଏସି ଅଧକ୍ଷ ମହମ୍ମଦ ଆଦମ, ନୂଆପଡ଼ା ଏନଏସି ଇଓ ସନ୍ଦିପ ଚନ୍ଦ୍ର କାର, ରାଜେଶ ନିଗମ,ବିଜେଡି ଜିଲ୍ଲା ସଭାପତି ଅବନୀରଞ୍ଜନ ଯୋଷୀ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶରି ସାହୁ ଧନିରାମ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି,ଦୀପିକା ଦୀପ,ହରିଶ୍ଚନ୍ଦ୍ର ପଣ୍ଡା, କ୍ଷମା ନିଆଲ, ପ୍ରମୁଖ ସହ ସଭାରେ ବିପୁଳ ସଂଖ୍ୟା ରେ ରାଜୁ ଢୋଲକିଆ ପ୍ରେମୀ ଜନତା ଉପସ୍ଥିତ ଥିଲେ । ବକ୍ତାମାନେ କହିଥିଲେ ଯେ, ସ୍ୱର୍ଗତ ଢୋଲକିଆ ଥିଲେ ଜଣେ ଅତ୍ୟନ୍ତ ସରଳ, ଅମାୟିକ, ଭଦ୍ର ଏବଂ ସ୍ପଷ୍ଟବାଦୀ ଜନନେତା। 'ସେବା ହିଁ ଜୀବନ'କୁ ସେ ନିଜ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜନସାଧାରଣଙ୍କ ସୁଖଦୁଃଖ ରେ ସାମିଲ ରହିଥିଲେ। ତାଙ୍କ ମୃତ୍ୟୁରେ ନୂଆପଡ଼ା ତଥା ସମଗ୍ର ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି ଘଟିଛି ।

ଭାବବିହ୍ୱଳ ପରିବେଶରେ ତାଙ୍କ ସୁପୁତ୍ର ତଥା ନୂଆପଡ଼ା ବିଧାୟକ ଜୟ ଢୋଲକିଆ ପିତାଙ୍କ ସ୍ମୃତି ଓ ଆଦର୍ଶକୁ ହୃଦୟରେ ସାଇତି ରଖିବା ସହ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ । ସେ କହିଥିଲେ ଯେ, ବାପା ଯେଉଁ ଲୋକସେବା ଏବଂ ବିକାଶର ପଥ ଦେଖାଇ ଯାଇଛନ୍ତି, ତାହାକୁ ଆଗକୁ ବଢ଼ାଇବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ସ୍ଥାନୀୟ ଲୋକଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ ରଖିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ ।

# ଶ୍ରୀ ଗୋପାଳଜୀଙ୍କ ଉପରେ ଆଧାରିତ ପୁସ୍ତକ ଅନୁଭୂତିରେ ଶ୍ରୀ ଗୋପାଳଜୀ ଜିଲ୍ଲା ଗ୍ରନ୍ଥାଗାରକୁ ପ୍ରଦାନ

ସୋନପୁର,(ସବ୍ୟୁ): ଦୀର୍ଘ ୪୨ ବର୍ଷ ପରେ ଜିଲ୍ଲା ପ୍ରଶାସନର ଉଦ୍ୟମ କ୍ରମେ ସୁବର୍ଣ୍ଣପୁରର ରାଜଉଆସରେ ଥିବା ଶ୍ରୀ ଗୋପାଳଜୀଙ୍କ ବାରଗୋଟି ଅଷ୍ଟଧାତୁ ନିର୍ମିତ ପ୍ରତିମୂର୍ତ୍ତି ଗତ କିଛି ଦିନ ତଳେ ସିବିଆଇ ମାଲଖାନାରୁ ସୋନପୁରକୁ ଅଣାଯାଇ ରାଜ ଉଆସ ନିକଟରେ ଥିବା ଶ୍ରୀ ଗୋପାଳଜୀ ମନ୍ଦିରରେ ସ୍ଥାପନା କରାଯାଇଥିଲା । ଏହା ଜିଲ୍ଲା ପ୍ରଶାସନର ଏକ ଦୃଢ ପଦକ୍ଷେପ ଥିବା ବେଳେ ବିଶେଷ କରି ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୌମରୂପା ରଥଙ୍କ ବିଶେଷ ଭୂମିକା ଥିଲା । ତେବେ ଉପଜିଲ୍ଲାପାଳ ଏହା ଉପରେ ଏକ ପୁସ୍ତକ ଲେଖି ଆଜି ଜିଲ୍ଲା ଗ୍ରନ୍ଥାଗାରକୁ ପାଠକ ପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଏହି ପୁସ୍ତକରେ ଉପଜିଲ୍ଲାପାଳ, ସୋନପୁରଙ୍କ ଭୂମିକା ଏବଂ ପରିଶ୍ରମ ବର୍ଣ୍ଣନା କରାଯାଇଛି । ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଯମୁନା ପ୍ରଧାନ ଏବଂ ଗ୍ରନ୍ଥାଗାରର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସମ୍ବଲପୁର ଜିଲ୍ଲାସ୍ତରୀୟ 'ଦିଶା' ବୈଠକ




ସମ୍ବଲପୁର,(ସବ୍ୟ): ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ପ୍ରଶାସନ ପକ୍ଷରୁ ବିକାଶମୂଳକ କାର୍ଯ୍ୟକ୍ରମର ସମନ୍ୱୟ ଓ କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା (ଦିଶା) କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଅଧକ୍ଷତାରେ ଜିଲ୍ଲାର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟତଃ ଜଳସେଚନ, ରେଳବାଇ, ଟେଲିକମ୍ ଓ ବିଦ୍ୟୁତ ବିଭାଗର କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଜିଲ୍ଲାର ଜଳସେଚିତ ଜମିକୁ ଆଗାମୀ ଦିନରେ ବୃଦ୍ଧି କରିବା ପାଇଁ ଡିଷ୍ଟ୍ରିକ ହାଇଡ୍ରୋଲୋଜି ମ୍ୟାପିଂ ଏବଂ ପିଏମ୍ କୁସୁମ ଯୋଜନାର ବ୍ୟାପକ ବିନିଯୋଗ ଉପରେ ଆଲୋଚନା ହୋଇଥିଲା । ଏଥିସହ ହୀରାକୁଦ କେନାଲର ଜୀର୍ଣ୍ଣୋଦ୍ଧାର ଏବଂ ଅଯୋଧ୍ୟା ସରୋବର ଭଳି ଇନଷ୍ଟ୍ରିମ୍ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମ୍ବଲପୁର ରେଳ ଷ୍ଟେସନକୁ ପ୍ରାୟ ୩୫୦ କୋଟି ଟଙ୍କା ବ୍ୟୟରେ ନବକଳେବର କରାଯାଉଛି ।

ସେହିପରି ହୀରାକୁଦ, ସମ୍ବଲପୁର ସିଟି, ରେଢ଼ାଖୋଲ ଓ ରେଙ୍ଗାଲି ଷ୍ଟେସନର ଆଧୁନିକୀକରଣ ତଥା ତୃତୀୟ ଓ ଚତୁର୍ଥ ଲାଇନ ନିର୍ମାଣର ସମୀକ୍ଷା କରାଯାଇଛି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବରେଇପାଲି, ଅଇଁଠାପାଲି, କେନ୍ଦ୍ରୀୟ ବିଦ୍ୟାଳୟ ପାର୍ଶ୍ୱ ଏବଂ ବାଗଡ଼ିଆପଡ଼ା ଭଳି ରେଳ ଧାରଣାର ଉଭୟ ପାର୍ଶ୍ୱରେ ଥିବା ବସ୍ତି ବାସିନ୍ଦାଙ୍କ ସୁରକ୍ଷିତ ଯାତାୟାତ ପାଇଁ ପାଦଚଲା ଓଭରବ୍ରିଜ୍ ନିର୍ମାଣର ସମ୍ଭାବ୍ୟତା ଅନୁଧ୍ୟାନ କରିବାକୁ ରେଳ ବିଭାଗ ଓ ମ୍ୟୁନିସିପାଲ କର୍ପୋରେସନକୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାରେ ବର୍ତ୍ତମାନ ୨୦୨ଟି ଟେଲିକମ୍ ଟାୱାର କାର୍ଯ୍ୟକ୍ଷମ ରହିଛି । ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗର ଆକଳନ ଅନୁସାରେ ପ୍ରାୟ ୩୦୦ ନୂଆ ଟାୱାର ଆବଶ୍ୟକ। ସେଥିମଧ୍ୟରୁ ୬୦ଟି ମଞ୍ଜୁର ହୋଇସାରିଛି । ଆଗାମୀ ଦିନରେ ଆଉ ୨୦୦ ରୁ ୨୫୦ଟି ଟାୱାର ସ୍ଥାପନ କରି ଜିଲ୍ଲାକୁ ଶତ ପ୍ରତିଶତ କନେକ୍ଟିଭିଟି ପ୍ରଦାନ କରାଯିବ । ସମସ୍ତ ଟାୱାରରେ ୪ଜି ସେବା ଓ ନିରବଚ୍ଛିନ୍ନ ବିଦ୍ୟୁତ ସଂଯୋଗ ସୁନିଶ୍ଚିତ କରିବା ସହ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ହାଇସ୍କୁଲ ଗୁଡ଼ିକୁ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସହ ଯୋଡ଼ିବା ପାଇଁ ବିଏସଏନଏଲ ଓ ଟେଲିକମ୍ ବିଭାଗକୁ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଆରଡିସି ସଂଗ୍ରାମ କେଶରୀ ମହାପାତ୍ର, ପୋଲିସ ଡିଆଇଜି ଚରଣ ସିଂ ମିନା, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଓ ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପରିଷଦ ବୈଠକରେ ସ୍ୱାସ୍ଥ୍ୟଠୁ ରାସ୍ତା ବିକାଶ ଉପରେ ଫୋକସ




ରାୟଗଡ଼ା, (ସବ୍ୟୁ) : ରାୟଗଡ଼ ଜିଲ୍ଲା ପରିଷଦର ୪୩ତମ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅଧକ୍ଷା ସରସ୍ୱତୀ ମାଝୀଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ସହ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ସେତୁ, ପାନୀୟଜଳ, ଛାତ୍ରାବାସ, ପରିମଳ ଓ ଜନସେବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି, ରାୟଗଡ଼ ବିଧାୟକ କାଡ୍ରାକା ଆପାଲା ସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟସଦସ୍ୟା, ଜନପ୍ରତିନିଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ବେଳେ ଜିଲ୍ଲାବାସୀଙ୍କୁ ସୁଲଭ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଆବଶ୍ୟକତା ଅନୁଯାୟୀ ମାନବ ସମ୍ବଳ ନିଯୁକ୍ତି, ଅନାବଶ୍ୟକ ରେଫର୍ ରୋକି ଜିଲ୍ଲା ମଧ୍ୟରେ ଚିକିତ୍ସାସେବା ଯୋଗାଣ, ଆମ୍ବୁଲାନ୍ସ ସେବା, ସିଚସିର କାର୍ଯ୍ୟକ୍ଷମତା ବୃଦ୍ଧି ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଗ୍ନି ସୁରକ୍ଷା ନେଇ ଆଲୋଚନା ହୋଇଥିଲା । ଏଥିସହ ଖାଦ୍ୟ ନିରୀକ୍ଷଣକୁ ସକ୍ରିୟ କରି ନିରାପଦ ଖାଦ୍ୟ ଯୋଗାଣ, ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ଓ ଟିକା ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଉପରେ ଜୋର୍ ଦିଆଯାଇଥିଲା । ରାସ୍ତା ଓ ସେତୁ ବିଭାଗର ସମୀକ୍ଷାରେ ଗୁଣୁପୁରପୁଟସିଂ ରାସ୍ତାର ପ୍ରଶସ୍ତୀକରଣ, ପାରଳାଖେମୁଣ୍ଡି ବର୍ଡରବାଙ୍ଗି ଜଙ୍କସନ ୪-ଲେନ ରାସ୍ତା, ବିଷମକଟକକୁଟ୍ରାଗଡ଼ ଓ ଡୁକୁମଦୁର୍ଗୀ ରାସ୍ତାର ସୁଦୃଢ଼ୀକରଣ କାର୍ଯ୍ୟର ଅଗ୍ରଗତି ନେଇ ତଥ୍ୟ ଉପସ୍ଥାପିତ ହୋଇଥିଲା । ଶିକ୍ଷା ବିଭାଗ ସମୀକ୍ଷାରେ ବୋର୍ଡ ପରୀକ୍ଷାରେ ଅଧିକ ଛାତ୍ରଛାତ୍ରୀଙ୍କୁ ଏ୧ ଓ ଏ-୨ ଗ୍ରେଡ଼ରେ ସଫଳ କରିବା ଲକ୍ଷ୍ୟ ରଖାଯାଇଥିବା ଜଣାଯାଇଥିଲା। ବିଦ୍ୟାଳୟରେ ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଅତିରିକ୍ତ କ୍ଲାସ, ପାନୀୟଜଳ, ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ସିସିଟିଭି, ଛାତ୍ରାବାସ ସୁରକ୍ଷା ଓ ନିୟମିତ ଅଭିଭାବକ-ଶିକ୍ଷକ ବୈଠକ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ସେହିପରି ମଙ୍ଗଳ ବିଭାଗ ଅଧୀନରେ କାଉନସେଲିଂ କାର୍ଯ୍ୟକ୍ରମ, ଛାତ୍ରାବାସର ପରିମଳ ଓ ଭିତ୍ତିଭୂମି ସୁଧାର ନେଇ ଆଲୋଚନା ହୋଇଥିଲା। ଆରଡ଼ବ୍ଲୁଏସଏସ ବିଭାଗକୁ ଜଳସଙ୍କଟପ୍ରବଣ ଅଞ୍ଚଳରେ ତୁରନ୍ତ ପଦକ୍ଷେପ ନେବା, ଆବଶ୍ୟକସ୍ଥଳରେ ବୋରୱେଲ ସ୍ଥାପନ ଓ ନିରନ୍ତର ପାନୀୟଜଳ ଯୋଗାଣ ନିଶ୍ଚିତ କରିବାକୁ କୁହାଯାଇଥିଲା । ବିଭାଗୀୟ ସମନ୍ୱୟ ରଖି ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ଓ ଗୁଣବତ୍ତା ସହ ସମ୍ପନ୍ନ କରି ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଖପ୍ରାଖୋଲ ରେ ସାକ୍ଷରତା ସଚେତନତା ଶୋଭାଯାତ୍ରା




ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ତରଫରୁ ବିଶ୍ୱ ସାକ୍ଷରତା ଦିବସ ଅବସରରେ ମଙ୍ଗଳବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ବିଦ୍ୟାଳୟ ଛାତ୍ରୀ ନିବାସ ପରିସରରୁ ବାହାରି ଗାଁ ପରିକ୍ରମା କରିଥିଲା । ସମାଜରୁ ଅଜ୍ଞାନତା ଏବଂ ନିରକ୍ଷରତା ଦୂର କରିବା ଏବଂ ଶିକ୍ଷାର ଆଲୋକ ସମସ୍ତଙ୍କ ପାଖରେ ପହଞ୍ଚାଇବା ନେଇ ବିଭିନ୍ନ ସଚେତନତା ସ୍ଲୋଗାନ ମାନଦେଇ ଥିବା ବେଳେ ପ୍ଲାଇ କାର୍ଡ ଧରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଛୁରା, ଶିକ୍ଷୟିତ୍ରୀ ରିତା ବେହେରା, ରୀତା ସାହୁ, ରଙ୍ଗୋଲୀ ବିଶ୍ୱାଳ ଏବଂ ୱାଡେନ ଅନିତା ମହାପାତ୍ର, ଓ ବିଦ୍ୟାଳୟ କର୍ମଚାରୀ ନୀଳମାଧବ ସାହୁ, ଲିଜା ବନଛୋର ସକ୍ରିୟ ଭାବେ ଅଂଶଗ୍ରହଣ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ସମ୍ପାଦକୀୟ

## ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମହୋତ୍ସବ

ଆସନ୍ତା ସେପ୍ଟେମ୍ବର ୨୨ ( ୨୦୨୬) ରେ ଗୁଜରାଟର ଏକତା ନଗର ଅନ୍ତର୍ଗତ କେଭାଡିଆଠାରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମହୋତ୍ସବ ହେବାକୁ ଯାଉଛି । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ଉତ୍ସବରେ ବିଭିନ୍ନ ଶ୍ରେଷ୍ଠ ଚଳଚ୍ଚିତ୍ରକୁ ପୁରସ୍କାର ପ୍ରଦାନ କରିବେ ବୋଲି ଜଣାଯାଇଛି । ଏହି ମହୋତ୍ସବରେ ସାରା ଭାରତରୁ ଚଳଚ୍ଚିତ୍ର ନିର୍ମାତା, ଅଭିନେତା, ବୈଷୟିକ କର୍ମକର୍ତ୍ତା ଓ କଳାକାରମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ୨୦୨୪ରେ ନିର୍ମିତ ଭାରତୀୟ ଚଳଚ୍ଚିତ୍ରଗୁଡ଼ିକ ଉପରେ ଏହି ମହୋତ୍ସବ ହେଉଥିବା ଜଣାଯାଇଛି । ୧୯୫୪ରୁ ଆରମ୍ଭ ହୋଇଥିବା ଜାତୀୟ ଚଳଚ୍ଚିତ୍ର ପୁରସ୍କାରକୁ ଦେଶର ସିନେମା ଜଗତରେ ସମ୍ମାନଜନକ ପୁରସ୍କାର ଭାବରେ ବିଚାର କରାଯାଇଥାଏ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏଥର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଯେ ଏଣିକି ଦିଲ୍ଲୀରେ ନ ହୋଇ ଦେଶର ବିଭିନ୍ନ ଅଞ୍ଚଳରେ ଏହି ପୁରସ୍କାର ପ୍ରଦାନ ମହୋତ୍ସବ କରାଯିବ । ତେଣୁ ଏଥର ଗୁଜରାଟର ଏକତା ନଗରରେ ଏହି ମହୋତ୍ସବ ପାଳନ କରାଯାଉଛି । ଏଥର ସର୍ବଶ୍ରେଷ୍ଠ ଫିଚର (କାଳ୍ପନିକ କଥାବସ୍ତୁଭିତ୍ତିକ) ସିନେମା ଭାବରେ Article 370 (୩୭୦ ଧାରା)କୁ ପ୍ରଦାନ କରାଯାଉଛି । ସେହିପରି 'ଭଙ୍ଗାର' ଅଣଫିଚର (ବାସ୍ତବିକ କଥାବସ୍ତୁଭିତ୍ତିକ)ସିନେମା ଭାବେ ଏବଂ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ 'ରାମ ନାମୀ'କୁ ବିଚାରକମଣ୍ଡଳୀ ପୁରସ୍କାର ଲାଗି ସୁପାରିଶ କରିଥିବା ଜଣାଯାଇଛି ।

**ଓଡ଼ିଆ ସିନେମାର ଦୁର୍ଭାଗ୍ୟ ଯେ କିଛି ବର୍ଷ ପୂର୍ବରୁ ଓଡ଼ିଆ ସିନେମା ତା'ର ନିଜତ୍ୱ ହରାଇ ହିନ୍ଦୀ ସିନେମାର ଅନୁକରଣରେ ଓଡ଼ିଆ ସିନେମା ନିର୍ମାଣ କରାଯାଉଥିଲା । ଏବେ ଅବଶ୍ୟ ଓଡ଼ିଆ ସିନେମା ସେଥିରୁ ନିବୃତ୍ତ ହୋଇ କେତେକ ବଛା ବଛା ଓଡ଼ିଆ କାହାଣୀ ଭିତ୍ତିରେ ଉନ୍ନତ ଧରଣର ଓଡ଼ିଆ ସିନେମା ନିର୍ମାଣ କରି ପାରିଛି । ଓଡ଼ିଆ ସିନେମାର ନିର୍ଦ୍ଦେଶକ, ଅଭିନେତା ବା ଏହାର ବୈଷୟିକ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏବେ ମଧ୍ୟ ପୁରସ୍କାର ଲାଭ କରି ପାରୁଛନ୍ତି । ତାହାହିଁ ଆନନ୍ଦର ବିଷୟ ।**

ଆମ ଦେଶରେ ଏକଦା ସିନେମା ବା ଚଳଚ୍ଚିତ୍ର ଖୁବ୍ ପ୍ରଭାବଶାଳୀ ଗଣମାଧ୍ୟମ ରୂପେ ବିଚାର କରାଯାଉଥିଲା । ଏବେ ବି ଦକ୍ଷିଣ ଭାରତରେ ସିନେମା ବା ଚଳଚ୍ଚିତ୍ରର ପ୍ରଭାବକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ସିନେମାର ଉଦ୍‌ଭାବକ ଅଗଷ୍ଟେ ଓ ଲୁଇ ଲୁମିରେ କେବେ ଭାବି ପାରି ନଥିଲେ ଯେ ସେମାନଙ୍କର ଏହି ଉଦ୍‌ଭାବନ ବିଂଶ ଶତାବ୍ଦୀକୁ ଆଚ୍ଛନ୍ନ କରି ବିପ୍ଳବ ଆଣିବ ବୋଲି । ଅବଶ୍ୟ ଏକବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ସିନେମାର ପ୍ରଭାବ କମି କମି ଆସିଲାଣି । ଯଦିଓ ପ୍ରାମାଣିକ ସିନେମାର ପ୍ରଭାବ କମିଛି, ତଥାପି ଏତେ ବେଶୀ କମି ନାହିଁ, ଅନ୍ୟାନ୍ୟ ସିନେମା ପରି ।

ଏକଦା ହିନ୍ଦୀକୁ ରାଷ୍ଟ୍ରଭାଷା ବୋଲି କୁହାଯାଉଥିଲେ ମଧ୍ୟ ଏହାର ପ୍ରଭାବ ଅଣହିନ୍ଦୀ ରାଜ୍ୟମାନଙ୍କରେ ହ୍ରାସ ପାଉଥିଲା । କ୍ରମଶଃ ହିନ୍ଦୀ ସିନେମାର ଆକର୍ଷଣ ଯୋଗୁଁ ଅଣହିନ୍ଦୀ ରାଜ୍ୟର ଲୋକେ ମଧ୍ୟ ହିନ୍ଦୀର ବ୍ୟବହାର ବହୁଳ ଭାବରେ କରିବାକୁ ଲାଗିଲେ । ଫଳରେ ରାଷ୍ଟ୍ରୀୟ ଏକତା ପ୍ରକୃତରେ ହିନ୍ଦୀ ସିନେମା ଓ ଏହାର ଗୀତଗୁଡ଼ିକ ଯୋଗୁଁ ସମ୍ଭବ ହୋଇ ପାରିଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ହିନ୍ଦୀ ଭାଷା ବିରୋଧରେ ଯେଉଁ ଆନ୍ଦୋଳନ ଅଣହିନ୍ଦୀ ରାଜ୍ୟମାନଙ୍କରେ ଷାଠିଏ ଦଶକରୁ ଆରମ୍ଭ ହୋଇଥିଲା, ସେହି ଆନ୍ଦୋଳନର ଜୁଆରରେ ଏବେ ଭଟ୍ଟା ପଡ଼ି ଯାଇଥିବା ପରିଲକ୍ଷିତ ହେଉଛି ।

ଅପରପକ୍ଷରେ ହିନ୍ଦି ସିନେମାଗୁଡ଼ିକ ପଶ୍ଚିମ ଏସିଆ ଓ ଆଫ୍ରିକା ପ୍ରଭୃତି ଦେଶରେ ନିଜ ନିଜର ଚାହିଦା ବଢାଇ ପାରିଥିଲା । ରୁଷରେ ରାଜକପୁରଙ୍କ ହିନ୍ଦୀ ସିନେମା ଲୋକପ୍ରିୟତା ଅର୍ଜନ କରିଥିବା ବେଳେ ପାଶ୍ଚାତ୍ୟ ଦେଶର ଇଂରାଜୀ ଭାଷାଭାଷୀଙ୍କ ମଧ୍ୟରେ ଦେବାନନ୍ଦ ପ୍ରଭୃତିଙ୍କ ହିନ୍ଦୀ ସିନେମା ମଧ୍ୟ ଆଦୃତ ହୋଇ ଆସୁଥିଲା ।

ଓଡ଼ିଆ ସିନେମାର ଦୁର୍ଭାଗ୍ୟ ଯେ କିଛି ବର୍ଷ ପୂର୍ବରୁ ଓଡ଼ିଆ ସିନେମା ତା'ର ନିଜତ୍ୱ ହରାଇ ହିନ୍ଦୀ ସିନେମାର ଅନୁକରଣରେ ଓଡ଼ିଆ ସିନେମା ନିର୍ମାଣ କରାଯାଉଥିଲା । ଏବେ ଅବଶ୍ୟ ଓଡ଼ିଆ ସିନେମା ସେଥିରୁ ନିବୃତ୍ତ ହୋଇ କେତେକ ବଛା ବଛା ଓଡ଼ିଆ କାହାଣୀ ଭିତ୍ତିରେ ଉନ୍ନତ ଧରଣର ଓଡ଼ିଆ ସିନେମା ନିର୍ମାଣ କରି ପାରିଛି । ଓଡ଼ିଆ ସିନେମାର ନିର୍ଦ୍ଦେଶକ, ଅଭିନେତା ବା ଏହାର ବୈଷୟିକ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏବେ ମଧ୍ୟ ପୁରସ୍କାର ଲାଭ କରି ପାରୁଛନ୍ତି । ତାହାହିଁ ଆନନ୍ଦର ବିଷୟ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନେପାଳରେ ଜଳପ୍ରଳୟ



**ଡକ୍ଟର ନିରଞ୍ଜନ ସାହୁ**

ପ୍ରାଥମିକ ଶିକ୍ଷାରୁ ଆହୃତ ଜ୍ଞାନ ଆଧାରରେ ଆମର ଧାରଣା ଥିଲା ଯେ, ବନ୍ୟାର କାରଣ ଅତ୍ୟଧିକ ବୃଷ୍ଟିପାତ । ଯେଉଁ ଅଞ୍ଚଳରେ ଯେତେ ନଦୀ ତାର ଦୁର୍ବଳ ନଦୀବନ୍ଧ ଉପରେ ଦାଉ ସାଧେ ଫୁଲୁଥିବା ନଦୀ ଏବଂ ଫଳ ହୁଏ ବନ୍ୟା ଓ ତଜ୍ଜନିତ ଦୁଃଖ । କିଛି ବର୍ଷ ଭିତରେ ବନ୍ୟା ଏପରି ସଂଘଟିତ ହୋଇଛି ଯାହା ପ୍ରମାଣ କରି ଦେଇଛି ଆମର ସ୍ୱଳ୍ପ ଜ୍ଞାନର ପରିସୀମା । ଆଉ ସେଥିରେ ଏକ ନୂଆ ଅଧ୍ୟାୟ ଯୋଡ଼ି ଦେଲା ଚଳିତ ଦୁଇହଜାର ଛବିଶ ଅଗଷ୍ଟ ଛବିଶ ତାରିଖରେ ପଡ଼ୋଶୀ ନେପାଳରେ ଘଟିଥିବା ଜଳପ୍ରଳୟ । ସଦ୍ୟ ସଂଘଟିତ ଏଇ ଦୁର୍ବିପାକ ମଣିଷର ଅନେକ ଦୁର୍ଗୁଣକୁ ପଦାରେ ପକେଇଛି, ମଣିଷର ଅହଂକାରକୁ ଧିକ୍କାର କରିଛି ଏବଂ ପ୍ରକୃତିର ରୋଷ ଆଗରେ ମଣିଷ କେଡ଼େ ନିଃସହାୟ ତାହା ପ୍ରମାଣ କରିଛି ପୁନର୍ବାର ।

ଅଗଷ୍ଟ ଛବିଶ ତାରିଖ ବୁଧବାର ସକାଳ । ସବୁ ଲାଗୁଥିଲା ସ୍ୱାଭାବିକ – ଅଗଷ୍ଟ ମାସ ଯଦିଓ ପର୍ଯ୍ୟଟକମାନଙ୍କର ପସନ୍ଦର ପ୍ରମୁଖ ସମୟ ନୁହେଁ ତଥାପି ଭାରତରୁ ଯାଇଥିଲେ ହଜାର ହଜାର ପରିବ୍ରାଜକ କୈଳାସ ମାନସରୋବର ଯାତ୍ରାରେ, ଭାରତ ବାହାରୁ ବିଭିନ୍ନ ଦେଶରୁ ବି ଥିଲା ଲୋକଙ୍କର ଭିଡ଼ କାରଣ ହିମାଳୟର ଅପରୂପ ଦୃଶ୍ୟରେ ମୋହିତ ହୋଇ ପ୍ରାୟ ବର୍ଷ ସାରା ଅତିଥି ପର୍ଯ୍ୟଟକମାନେ ଚାଲି ଆସନ୍ତି ନେପାଳକୁ । ନେପାଳ ଅର୍ଥନୀତିରେ ପର୍ଯ୍ୟଟନର ଥାଏ ଏକ ପ୍ରମୁଖ ଅବଦାନ । ଥଣ୍ଡା ପରିବେଶ, ସବୁଜ ବନାନୀ, ନୀଳ ଆକାଶ, ପାହାଡ଼ ଅଞ୍ଚଳର ଧୂଆଁଧାର ବର୍ଷାରେ ବିମୋହିତ ହୁଅନ୍ତି ପର୍ଯ୍ୟଟକ ଶ୍ରେଣୀ । ଏ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିବା ବିଭିନ୍ନ ଭିଡ଼ିଓ ଭିତରୁ **ସବୁଠୁ ଲୋମହର୍ଷଣକାରୀ ଦୃଶ୍ୟ ହେଉଛି ନେପାଳ ତିବ୍ବତ ସୀମାନ୍ତ ଇମିଗ୍ରେସନ ଅଫିସରେ ହଠାତ୍ ଖବର ପହଞ୍ଚିଛି ଯେ କିଛି ଗୋଟାଏ ଫ୍ଲାସ୍ ଫ୍ଲଡ଼ ଆସୁଛି, କିଛି ବୁଝିବା ପୂର୍ବରୁ ଶତାଧିକ ସମବେତ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ ଜୀବନ ବିକଳରେ ଦୌଡୁଛନ୍ତି । ସେମାନେ କାହୁଁ ଜାଣିବେ ଯେ ତାଙ୍କୁ ସୁନାମୀର ବେଗରେ ଅନୁଧାବନ କରୁଛି ପ୍ରଳୟଙ୍କରୀ ବନ୍ୟାସ୍ରୋତ ଏବଂ ତାର ତାଣ୍ଡବରେ ସମଗ୍ର ବାୟୁମଣ୍ଡଳ ଧୂମାଭ ଓ କ୍ରମଶଃ ଅଦୃଶ୍ୟମାନ ।**

କିଛି ସମୟ ପୂର୍ବରୁ ସାମାନ୍ୟ କୃଶ ଦିଶୁଥିବା ତ୍ରିଶୁଳୀ ନଦୀ ପାଲଟି ଯାଇଛି ଭୟଙ୍କର ଏବଂ ତିରିଶ ଚାଳିଶ ଫୁଟ ଉଚ୍ଚରେ ପାଣି ଆସି ଗ୍ରାସକରି ଯାଉଛି ନିକଟରେ ଥିବା ବସତି ଓ ଅନ୍ୟାନ୍ୟ ବ୍ୟବସାୟିକ ବିପଣୀକୁ । ନଦୀ କେବଳ ପାଣି ପ୍ରବାହ କରୁନାହିଁ ତା ସହିତ ଘେନି ଆସିଛି ଯେତେ ଆସବାବ ପତ୍ର, ଗଛଲତା, ମାଟିକାଦୁଅ – ସମଗ୍ର ବାତାବରଣରେ ପ୍ରଳୟର ପଦଧ୍ୱନି, ଯାହା ନଦୀର ଗତିପଥର ଶହେ ଦେଢ଼ଶହ କିଲୋମିଟର ଯାଏଁ ଲାଗି ରହୁଛି । ଏଇ ବିପର୍ଯ୍ୟରେ ଏଯାବତ୍ ମିଳିଥିବା ସମ୍ବାଦ ଅନୁସାରେ ପ୍ରାୟ ବାରଶହ ଲୋକଙ୍କ ଜୀବନ ଯାଇଛି ଏବଂ ଆହୁରି ଚାରି ହଜାର ଲୋକ ଏ ପର୍ଯ୍ୟନ୍ତ ନିରୁଦ୍ଦିଷ୍ଟ–

ହିମାଳୟର ବିଶାଳ ଅଞ୍ଚଳରେ ବିନାଶକାରୀ ବାଦଲଫଟା ବର୍ଷା ବହୁ ବିଧ୍ୱଂସ ସୃଷ୍ଟି କରିଛି ପୂର୍ବରୁ । ଦୁଇହଜାର ଏକୋଇଶି ଫେବୃଆରୀରେ ଉତ୍ତରାଖଣ୍ଡର ଚାମୋଲିରେ ହୋଇଥିବା ବନ୍ୟାବିପ୍ଳାତ ନେଇଥିଲା ଦୁଇଶହରୁ ଅଧିକ ନରନାରୀଙ୍କ ଜୀବନ, ଦୁଇହଜାର ତେର ମସିହା ଜୁନ୍‌ରେ କେଦାରନାଥରେ ଆସିଥିବା ଅତର୍କିତ ବନ୍ୟା (flash flood) ଯେଉଁ ସଂହାରଲୀଳା ସୃଷ୍ଟିକରି ଥିଲା ତାର ବ୍ୟାପକତା ଓ ଭୟାନକ ପରିଣାମକୁ ଲକ୍ଷ୍ୟକରି ଏହାକୁ ହିମାଳୟର ସୁନାମୀ ବୋଲି ଅଭିହିତ କରାଯାଏ । ଏଥିରେ ଛଅ ହଜାରରୁ ଅଧିକ ମୂଲ୍ୟବାନ ଜୀବନ ଅକସ୍ମାତ ଚାଲି ଯାଇଥିଲା ଏବଂ ଏପର୍ଯ୍ୟନ୍ତ ତାହା ଜନମାନସରୁ ବିସ୍ମୃତ ହୋଇନାହିଁ । ଏହାଛଡ଼ା ଦୁଇହଜାର ଚଉଦରେ ଖୁମ୍ବୁରେ ହୋଇଥିବା ଅକସ୍ମାତ ଜଳପ୍ରବାହରେ ବହୁ ନେପାଳୀ ପର୍ବତାରୋହୀ ସ୍ୱର୍ଗାରୋହଣ କରିଥିଲେ ଏବଂ ସେହିବର୍ଷ ଅନ୍ନପୂର୍ଣ୍ଣା ସର୍କିଟରେ ଏପରି ବିପ୍ଳାତ୍‌ରେ ପଚାଶ ପାଖାପାଖି ଲୋକଙ୍କ ଜୀବନ ଯାଇଥିଲା ।

ଅତର୍କିତ ବନ୍ୟା ବା (flash flood) କଣ ତାହା ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ସହଜରେ ଅନୁଭବ କରିପାରନ୍ତି ନାହିଁ । କାରଣ ବର୍ଷାଜଳରୁ ସାଧାରଣରେ ଉତ୍ପତ୍ତି ହେଉଥିବା ବନ୍ୟା ବିଷୟରେ ପୂର୍ବାନୁମାନ କରିହୁଏ ମାତ୍ର ପାର୍ବତ୍ୟାଞ୍ଚଳରୁ ଏତେ କ୍ଷିପ୍ର ବେଗରେ ପାହାଡ଼ିଆ ନଦୀନାଳରେ ବନ୍ୟା ଆସେ ଯେ, ତାହା ଉପରେ ପୂର୍ବାନୁମାନ କରାଯାଇ ପାରେନା । ଶୁଖିଲା ଦିଶୁଥିବା ନାଳଟିଏ ପାରିହେବା ପୂର୍ବରୁ ଭୟଙ୍କର ସ୍ଥିତିକୁ ଆସିଯାଇ ପାରେ ।

ଚଳିତ ନେପାଳ ଜଳପ୍ରଳୟର କାରଣ ବିଷୟରେ ବହୁ ପରସ୍ପର ବିରୋଧୀ ତଥ୍ୟମାନ ହସ୍ତଗତ ହୋଇଛି । ପ୍ରଥମେ ଆଶଙ୍କା କରାଯାଉଥିଲା ଚୀନ୍‌ର ଉପରମୁଣ୍ଡରେ ମୂଷଳଧାର ବର୍ଷା ହେଲେ ସେମାନେ ଅନେକ ସମୟରେ ବିନା ସତର୍କ ସୂଚନାରେ ତାଙ୍କର ଜଳଭଣ୍ଡାରର ଉଦ୍‌ବୃତ୍ତ ଜଳ ଛାଡ଼ିଦିଅନ୍ତି । ଏହାକୁ ଏକ ସମ୍ଭାବନା ବୋଲି ଧରାଯାଇଥିଲା – ମାତ୍ର ସାଟେଲାଇଟ୍‌ରୁ ପ୍ରଦର୍ଶିତ ଚିତ୍ର ଅନୁଶୀଳନରୁ ଜଣାଯାଏ ନେପାଳ ତିବ୍ବତ ସୀମାରେ ଏକ ବିଶାଳ ଗ୍ଲାସିଅର୍ ଭାଙ୍ଗିପଡ଼ିବା ଫଳରେ ଚାରି ଦଶମିକ ଚାରିରୁ ପାଞ୍ଚଦଶମିକ ଦୁଇ ଅଙ୍କ ପର୍ଯ୍ୟନ୍ତ ରିଚ୍‌ର ସ୍କେଲରେ ଏକ ଭୂକମ୍ପ ପ୍ରତୀୟମାନ ହୋଇଥିଲା । ଏହି ଗ୍ଲାସିଅର୍ ବା ବରଫ ପ୍ରବାହ ଏତେ ବିଶାଳାକାୟ ଯେ ଏହା ରସୁଆ ଜିଲ୍ଲାରେ ପ୍ରବାହିତ ତ୍ରିଶୁଳୀ ନଦୀର ଜଳ ପ୍ରବାହକୁ କିଛି ସମୟ ରୋକି ଦେବା ଫଳରେ ଏକା ସଙ୍ଗରେ ବହୁଜଳ ନଦୀରେ ପ୍ରବାହିତ ହେଲା । ଏଇ ବରଫ ଧାରାଗୁଡ଼ିକ ଏତେବଡ଼ ଯେ ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଆଉ ଗୋଟିଏ ତଥ୍ୟ ହେଉଛି ପୃଥିବୀର ଜଳବାୟୁର ଦ୍ରୁତ ପରିବର୍ତ୍ତନଜନିତ ଏପରି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିବାର ବିବିଧ ସମ୍ଭାବନା ବିଷୟରେ ଜାତିସଂଘ ତଥା ବିଶ୍ୱସ୍ତରରେ ବହୁ ପରିବେଶ ବିଜ୍ଞାନୀ ମତ ଦେଇଥିଲେ– ପରିବେଶକୁ ସନ୍ତୁଳିତ କରିବା ପାଇଁ ବିଶ୍ୱ ସମୁଦାୟ ପକ୍ଷରୁ ବହୁ ଆୟୋଜନ ଆରମ୍ଭ ହୋଇଥିଲା– ମାତ୍ର ବର୍ତ୍ତମାନର ଆମେରିକା ରାଷ୍ଟ୍ରପତି ଏହାକୁ ଏକ ବୃଥା ବିଭ୍ରାନ୍ତକାରୀ ବୟାନ ଆଖ୍ୟାଦେଇ ଏଇ ସହଯୋଗରୁ ଯୁକ୍ତରାଷ୍ଟ୍ରକୁ ମୁକ୍ତ କରିଦେବାରୁ ଏହି ଜଳବାୟୁ ପରିବର୍ତ୍ତନ ସଂପର୍କିତ ଗବେଷଣା ଓ କାର୍ଯ୍ୟକ୍ରମ ବହୁଧା ବିପର୍ଯ୍ୟସ୍ତ ହେଲା । ନେପାଳରେ ଘଟିଯାଇଥିବା ବିଧ୍ୱଂସଲୀଳା ସେଇ ବେପରବାୟ ନୀତିର ଏକ ପ୍ରତିଫଳନ ବୋଲି କେତେକ ଗବେଷକଙ୍କ ମତ ।

ଜଳବାୟୁର ଦ୍ରୁତ ପରିବର୍ତ୍ତନମାନ ସମାଜ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ ବୋଲି ପରିବେଶ ବିଜ୍ଞାନୀମାନେ ମତ ଦେଇଥିଲେ । ପ୍ରାକୃତିକ ପ୍ରଦୁଷଣକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରତ୍ୟେକ ଦେଶ କିଛି କିଛି ପଦକ୍ଷେପ ନେଇଥିଲେ ।


ୟୁଏନ୍‌ଓ ବା ସଂଯୁକ୍ତ ରାଷ୍ଟ୍ରସଂଘ ପ୍ରାଥମିକ ଭାବରେ ୧୯୯୯ ମସିହାରେ ଆଠଗୋଟି ଲକ୍ଷ୍ୟ ଆଧାରରେ ସମସ୍ତ ଅଂଶୀଦାର ରାଷ୍ଟ୍ରପାଇଁ ମିଲେନିୟମ୍ ଡେଭେଲ୍‌ପେମେଣ୍ଟ ଗୋଲକୁ ଗ୍ରହଣ କରିଥିଲେ । ଏଥିରେ ପର୍ଯ୍ୟାବରଣକୁ ବହୁତ ଗୁରୁତ୍ୱ ଦିଆ ଯାଇଥିଲା । ୨୦୧୫ରେ ଏହାକୁ ପରିବର୍ତ୍ତନ କରାଯାଇ (SDG) Sustainbale development goal ନାଁରେ ୧୭ ଗୋଟି ଲକ୍ଷ୍ୟ ଧାର୍ଯ୍ୟ କରାଗଲା ଏବଂ ଏହି ସତର ଭିତରୁ ଛଅଗୋଟି ପରିବେଶ ସଂକ୍ରାନ୍ତୀତ । **ସାଧାରଣତଃ ଯୁକ୍ତରାଷ୍ଟ୍ର ବିଶ୍ୱର ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଓ ନେତୃତ୍ୱସଂପନ୍ନ ରାଷ୍ଟ୍ର ଭାବରେ ଏହି ସବୁ ଯୋଜନାର ଅଗ୍ରଭାଗରେ ଥାଏ ଓ ପାଣ୍ଠିର ମୁଖ୍ୟ ସୂତ୍ରଧର ଭାବରେ ଐତିହାସିକ ଭାବରେ କାମ କରୁଥିଲା । ମାତ୍ର ମିଷ୍ଟର ଟ୍ରମ୍ପଙ୍କର ଅବିମୃଶ୍ୟକାରୀ ନିଷ୍ପତ୍ତି ଫଳରେ ଯୁକ୍ତରାଷ୍ଟ୍ର ଆମେରିକା ଓହରିଯିବା ଫଳରେ ବିଭିନ୍ନ ଦେଶରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମମାନ ଅଧାପନ୍ତରିଆ ଭାବରେ ପଡ଼ିରହିଲା ।**

ନେପାଳ ଜଳ ପ୍ରଳୟରେ ଅସହାୟ ଭାବରେ ବହୁ କୋଠାଘର, ଗଛବୃଛ ଭାସି ଯାଉଥିଲା ବେଳେ ଗୋଟିଏ ଦି'ମହଲା କୋଠାରେ ରହିଯାଇଥିଲେ ତାର ଅଧିବାସୀ–ସମସ୍ତେ ଆଶଙ୍କା କରୁଥିଲେ ଯେ କୌଣସି ସମୟରେ ସେଇ ଘରଟି ନଦୀର ବିଶାଳ ବ୍ୟାଦାନ ଆଗରେ ବଳି ପଡିଯିବ ମାତ୍ର ଏହା ଏକ ଆଶ୍ଚର୍ଯ୍ୟ ଯେ ସେହି ଫିକା ନୀଳରଙ୍ଗର କୋଠାଟି ସମସ୍ତ ଭୟଙ୍କର ସମ୍ଭାବନାକୁ ଅତିକ୍ରମ କରି ତିଷ୍ଠି ରହିଲା । ନଦୀ କୂଳରେ ଥିବା ହଜାର ହଜାର ଘରଦ୍ୱାରର ଲେଶମାତ୍ର ଚିହ୍ନ ନାହିଁ ଦୁଇଗୋଟି ଗାଁ ତିମୁରେ ଓ ସ୍ୟାବୃବେଶୀ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି । **ମାତ୍ର ଏତେ ଭୟଙ୍କର ଆବର୍ତ୍ତକୁ ସାମନାକରି ନିଜର ସ୍ୱାକ୍ଷର ଅକ୍ଷର ରଖିଥିବା ସେଇ କୋଠାଘରକୁ ହଜାର ହଜାର ଗଣମାଧ୍ୟମର ଦର୍ଶକ ତାକୁ ସଲାମ କରୁଛନ୍ତି ଓ ସଲାମ କରୁଛନ୍ତି ତାର ନିର୍ମାଣକାରୀ ଇଞ୍ଜିନିୟର ବା କୁଶଳୀ ଶିଳ୍ପୀଙ୍କୁ । ହୁଏତ ନିଷ୍ଠାପର ଓ ନିର୍ଭରଯୋଗ୍ୟ ନିର୍ମାଣ ଏତେବଡ଼ ବିପନ୍ନି ସତ୍ତ୍ୱେ କୋଠାଘରଟିକୁ ବଞ୍ଚାଇ ପାରିଲା । ଆମ ଦେଶରେ ହେଉଥିବା ହଜାର ହଜାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଯନ୍ତ୍ରୀମାନେ ଏଥିରୁ କିଛି ଶିକ୍ଷା ଲାଭ କରିବେ ବୋଲି ଆଶା କରାଯାଏ ।**

ଆକସ୍ମିକ ଦୁର୍ଘଟଣା ଯେକୌଣସି ସମୟରେ ଘଟି ଯାଇପାରେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ବେଳେବେଳେ ଆଗରୁ ସୂଚନା ନ ଦେଇ ଆସିପାରେ ସେଥିପାଇଁ ଯେଉଁ ପ୍ରସ୍ତୁତି ଦରକାର ତାହା ଆମର କେତେ ରହିଛି ତାକୁ ଅନୁଶୀଳନ କରିବାର ସମୟ ଆସିଛି । **୧୯୯୯ ମହାବାତ୍ୟା ପରେ ଆମ ରାଜ୍ୟରେ ବାତ୍ୟାକୁ ସମ୍ମୁଖୀନ ହେବାର ବିବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି – ମାତ୍ର ଏ ପର୍ଯ୍ୟନ୍ତ ଆମ ରାଜ୍ୟରେ ଭୂକମ୍ପର କିପରି ମୁକାବିଲା କରାଯିବ ତାର ପ୍ରସ୍ତୁତି ଅତ୍ୟନ୍ତ ନଗଣ୍ୟ ସ୍ତରରେ ରହିଛି । ଓଡ଼ିଶାର ତିରିଶଟି ମୋଟ ଜିଲ୍ଲାରୁ ଚଉଦ ଗୋଟି ଭୂକମ୍ପପ୍ରବଣ ଏବଂ ଏହି ଜିଲ୍ଲାରେ ଘରମାନଙ୍କର ନିର୍ମାଣ ଶୈଳୀରେ ଭୂକମ୍ପ ବିରୋଧ ବିଧି ରହିବା ଜରୁରୀ–ବ୍ୟକ୍ତିଗତ ଘରମାନଙ୍କରେ ଏଗୁଡ଼ିକ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଜାଣିବାର ଉପାୟ ବି ନାହିଁ, ମହାନଦୀ ଅବବାହିକା ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ନିତାନ୍ତ ଜରୁରୀ ହୋଇପଡ଼ିଛି । ନେପାଳ ପ୍ରଳୟ ଆମ ସମସ୍ତଙ୍କୁ ଶିକ୍ଷା ଦେବ ।**

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସୁଲେଖକ)**

# ଭକ୍ତିପୂତ ହୃଦୟ



**ଦିଲୀପ ରାଜ ବେହେରା**

ଈଶ୍ୱରଙ୍କ ପ୍ରତି ଅନନ୍ୟ ପ୍ରେମକୁ ଭକ୍ତି କୁହାଯାଏ । ଭକ୍ତି ସ୍ନେହ, ଶ୍ରଦ୍ଧା ଏବଂ ପ୍ରେମର ଅନନ୍ତ ବିସ୍ତୃତି । ଭକ୍ତି ଗଭୀର ସାଗରର ଅନ୍ତହୀନ ବିସ୍ତାର । ଭକ୍ତି ନିଃସ୍ୱାର୍ଥରୁ ପରମାର୍ଥର ଦୀର୍ଘ ଯାତ୍ରା ପଥ । ଏହା ବିଶ୍ୱନିୟନ୍ତା ପ୍ରତି ଗଭୀର ଆସ୍ଥା । ଅଟଳ ସର୍ତ୍ତହୀନ ବିଶ୍ୱାସ ତଥା ଦୃଢ଼ ସଙ୍କଳ୍ପ ଏବଂ ଇନ୍ଦ୍ରିୟ ସଂଯମ ।

ଭକ୍ତି ଅନାସକ୍ତ, ଶାଶ୍ୱତ ଏବଂ ଅନାବିଳ ପ୍ରେମର ସ୍ୱରୂପ । ଭକ୍ତି ଭଗବାନ ଏବଂ ଭକ୍ତ ମଧ୍ୟରେ ଏକାତ୍ମତା–ଏହି ତିନି ବିଭବର ସମନ୍ୱୟ ଏବଂ ଏକାକାର । ଭକ୍ତକୁ ଈଶ୍ୱରଙ୍କ ଭଳି ଐଶ୍ୱର୍ଯ୍ୟର ଅଧିକାରୀ ହେବା ପାଇଁ ନିଜକୁ ନିର୍ମଳ, ଶୁଦ୍ଧ କରିବାକୁ ପଡ଼େ । ବିବେକର ଜାଗୃତି, ବୈରାଗ୍ୟର ନିର୍ଲିପ୍ତ ବୋଧ ଏବଂ ଦୟା ଓ କରୁଣାର ଅମୃତ ଝରରେ ଭକ୍ତି ଭାବର ସୃଜନ ହୁଏ ।

ପ୍ରେମ ଏବଂ କ୍ଷମାର ମହନୀୟ ଭାବରେ ଭରପୁର ହୃଦୟ ଭକ୍ତିମୟ ଜୀବନକୁ ଉନ୍ମୀଳିତ କରିଥାଏ । ନବଧା ଭକ୍ତି ହୃଦୟରେ ନିର୍ମାଣ ହୁଏ । ସତ୍‌ସଙ୍ଗର ଆଧ୍ୟାତ୍ମିକ ପରିବେଶ, ଈଶ୍ୱରୀୟ ଗାଥା ଓ ଲୀଳା ଶ୍ରବଣ ଭକ୍ତିର ଅନୁଭବ ଦିଏ । ଶ୍ରଦ୍ଧା ପୂର୍ବକ ଗୁରୁ ସେବା ଏବଂ ନିଷ୍କପଟ ଶୁଦ୍ଧ ହୃଦୟ ଭକ୍ତିପୂତ ହୃଦୟ ନିର୍ମାଣ କରେ ।

ବିଭୁ ପ୍ରାର୍ଥନାରେ ଗୁଣଗାନ ଏବଂ ଈଶ୍ୱରଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ଭକ୍ତି ଭାବ ଜାଗ୍ରତ କରେ । ଇନ୍ଦ୍ରିୟ ନିଗ୍ରହରେ ସଞ୍ଜମ, ଉଜ୍ଜ୍ୱଳ ଆକର୍ଷଣୀୟ ଚରିତ୍ର ଏବଂ ସାତ୍ତ୍ୱିକ ତ୍ୟାଗ ଭାବ ଭକ୍ତକୁ ଈଶ୍ୱରଙ୍କ ନିକଟତର କରିଥାଏ । ମନର ସନ୍ତୋଷ ଭାବ, ନିର୍ମଳ ଓ ସ୍ଥିର ମନ ଏବଂ ସରଳ ନିଷ୍କପଟ ବ୍ୟକ୍ତିତ୍ୱ ଭକ୍ତିମୟ ହୃଦୟକୁ ବିସ୍ତାର ଦିଏ ।

ନିଶ୍ଚଳ ଓ ଅବିଚଳିତ ବ୍ୟବହାର ଭକ୍ତିର ଅମୃତ ଧାରା ରୂପେ ବର୍ଷା ହୋଇଥାଏ । ଶ୍ରଦ୍ଧାବାନ ଈଶ୍ୱରଙ୍କ ବିଷୟରେ ଜିଜ୍ଞାସା କରେ । ଐଶ୍ୱରୀୟ ଚେତନା ମନର ଗଭୀର ଦେଶରେ ଅନୁଭବ କରେ । ହୃଦୟର ଗହ୍ୱର ଅନ୍ତଃମନରେ ଦିବ୍ୟ ଚେତନ ପ୍ରକାଶକୁ ଆବିଷ୍କାର କରେ । ଅତୁଟ ବିଶ୍ୱାସ ଏବଂ ଆସ୍ଥାର ଦୃଢତା ଭକ୍ତି ଭାବ ଉପଲବ୍ଧି କରେ । ଚେତନାର ପରିପୂର୍ଣ୍ଣତା ଏବଂ ସ୍ୱରୂପ ପ୍ରାପ୍ତ ହେବା ଦ୍ୱାରା ଭକ୍ତ ଈଶ୍ୱରଙ୍କ ସର୍ବ ବ୍ୟାପକତାକୁ ଅନୁଭବ କରିବାରେ ସକ୍ଷମ ହୁଏ । ନିଷ୍କପଟ ଭାବେ ଈଶ୍ୱରକୁ ସମର୍ପଣ କରିବା ଭକ୍ତି । ଈଶ୍ୱରଙ୍କ ପ୍ରତି ଅନନ୍ୟ ପ୍ରେମ ଭକ୍ତି । ଜ୍ଞାନ ଓ ଭକ୍ତି ଉଭୟ ପରିପୂରକ । ଭକ୍ତି ବିନା ଜ୍ଞାନ ଅସମ୍ପୂର୍ଣ୍ଣ, ଅଧୁରା ଏବଂ ଜ୍ଞାନ ବିନା ଭକ୍ତି ଅନ୍ଧକାର, ମୂଲ୍ୟହୀନ ।

ଭକ୍ତି ସହଜ, ସରଳ, ସମର୍ପଣର ସ୍ୱାଭାବିକ ଆତ୍ମ ବିସର୍ଜନର ଭାବ । ଜ୍ଞାନର ଅନ୍ତିମ ପରିଣତି ଈଶ୍ୱର ଭକ୍ତି । ଭକ୍ତି ବିଶ୍ୱଚେତନା ମଧ୍ୟରେ ଆତ୍ମ ସମର୍ପଣ । ଯେଉଁମାନଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତି ଭକ୍ତି ଏବଂ ପ୍ରେମର ପରିପକ୍ୱତା ହୋଇ ନ ଥାଏ, ସେମାନଙ୍କ ମନରେ ଧାର୍ମିକ କପଟତା, ତିକ୍ତତା ଓ ଧର୍ମାନ୍ଧତା ଭରି ଥିବା ଦେଖାଯାଏ ।

ଭକ୍ତି ଭାବର ସଙ୍କୀର୍ଣ୍ଣ ଦୃଷ୍ଟିକୋଣ ରହିଲେ ଆପଣାର କ୍ଷତି ହୋଇଥାଏ । ନିଜକୁ ସେମାନେ ସୀମିତ ଦୁନିଆ ମଧ୍ୟରେ ଦେଖନ୍ତି । ଈଶ୍ୱରଙ୍କୁ ଖଣ୍ଡ ଖଣ୍ଡ କରି ମୋର ଓ ତୋର ମଧ୍ୟରେ ବାଣ୍ଟି ଦିଅନ୍ତି ।

ଗୋଟିଏ ପକ୍ଷୀର ଦୁଇ ଡ଼େଣା ଜ୍ଞାନ ଓ ଭକ୍ତି । ଏହାର ପୁଚ୍ଛ ଯୋଗ କଲେ ଏହି ତିନିର ସମ୍ମିଳିତ ଉଦ୍ୟମରେ ପକ୍ଷୀ ଉଡ଼ି ପାରେ । ତିନୋଟିର ସମନ୍ୱୟରେ ଭକ୍ତର ପୂର୍ଣ୍ଣତା ପ୍ରାପ୍ତ ହୁଏ । ଜ୍ଞାନ ଏବଂ ଯୋଗବିହୀନ ଭକ୍ତି କେବଳ ଦେଖାଣିଆ ମାତ୍ର ।

ଭକ୍ତି ଅନ୍ତିମ ସ୍ଥିତିରେ ଜ୍ଞାନ ପ୍ରବୁଦ୍ଧ କରେ । ଜ୍ଞାନ ଭକ୍ତି ସାହଚର୍ଯ୍ୟରେ ପ୍ରଜ୍ଞାର ସ୍ୱରୂପ ନିଏ । ପ୍ରଜ୍ଞା ଆତ୍ମଜ୍ଞାନର ପ୍ରକାଶରେ ଉଦ୍ଭାଷିତ ହୋଇଥାଏ । ଭକ୍ତି ନବଧା । ଏହା ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମ ନିବେଦନ । ଭକ୍ତର ଆତୁରତା, ଉତ୍କଣ୍ଠା, ଅନୁରକ୍ତି ଭାବ ପରମ ଆରାଧ୍ୟର ସନ୍ନିକଟ କରାଏ ।

ଭକ୍ତି ହୃଦୟର କୋମଳତା, ସ୍ନିଗ୍ଧତା ଏବଂ ବିଶାଳତା । ବିନ୍ଦୁ ସିନ୍ଧୁରେ ଆତ୍ମସ୍ଥ ହରାଇ ବିଲୀନ ହୋଇଯାଏ । ବିନ୍ଦୁର ପରିଚୟ ଅନନ୍ତ ମହାସାଗର ହୋଇଥାଏ । ଭକ୍ତି ନିର୍ଜୀବ ମୂର୍ତ୍ତିକୁ ସଜୀବ କରିଥାଏ । ଭକ୍ତି ଦ୍ୱାରା ସଗୁଣ ବ୍ରହ୍ମ, ସମୀପ ହୁଏ ।

ନିରାକାର ବ୍ରହ୍ମ ସାକାର ହୋଇ କଥା କୁହେ, ଭାବରେ ଭାଷାରେ ଚେତନାରେ ଏବଂ ସ୍ୱପ୍ନରେ ଆସେ । ସଗୁଣ ପ୍ରତିମାକୁ ନିରନ୍ତର ସ୍ମରଣ କରିବା ଦ୍ୱାରା ନିର୍ଗୁଣ ବ୍ରହ୍ମ ଚେତନ ପ୍ରାଣବନ୍ତ ହୋଇ ଉଠନ୍ତି । ଅଦ୍ୱୈତ ଏବଂ ସୂକ୍ଷ୍ମ ଜାଗତିକ ଚେତନା ଜୀବନ୍ତ ହୋଇ ଉଠେ । ଅଦ୍ୱୈତ ବ୍ରହ୍ମ ଦ୍ୱୈତ ରୂପରେ ପ୍ରତିଭାତ ହୁଏ ।

ଈଶ୍ୱରଙ୍କ ନିରନ୍ତର ସ୍ମରଣ ଏବଂ ଆତ୍ମବରଣ ହିଁ ଆବଶ୍ୟକ । ପରମେଶ୍ୱରଙ୍କ ପ୍ରତି ତୀବ୍ର ଆସକ୍ତି, ସ୍ୱରୂପ ଅନୁଭୂତି, ଅନନ୍ୟ ପ୍ରେମ ଈଶ୍ୱରଙ୍କ ଦର୍ଶନ କରାଏ । ଅନନ୍ତ ସତ୍ତା, ପ୍ରେମସ୍ୱରୂପ ଏବଂ ସଗୁଣ ରୂପରେ ଅନୁଭବ ହୁଏ । ଭକ୍ତି ପ୍ରେମ, କରୁଣା ଏବଂ ସେବା ସ୍ୱରୂପରେ ଉଦ୍ଭାସିତ ହୁଏ । ବ୍ରହ୍ମ ଚେତନାର ଉପଲବ୍ଧି ହୁଏ । ବ୍ୟକ୍ତି ବ୍ରହ୍ମମୟ ହୋଇଯାଏ ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
**ମୋ–୭୭୩୫୩୪୮୬୬୦**

# ସମ୍ପାଦକଙ୍କୁ ପତ୍ର

## ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ଆନ୍ତରିକ ପ୍ରୟାସ ହେଉ

ମହାଶୟ,

ପ୍ରତିଦିନ ଗଣମାଧ୍ୟମରୁ ଜାଣିବାକୁ ମିଳୁଛି ଯେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଯଥା ଗୁଟକା, ଗଞ୍ଜେଇ, ଧଳା ଜହର, ମଦ ଇତ୍ୟାଦି ବିଭିନ୍ନ ବାଟରେ ଚୋରା ଚାଲାଣ ହେଉଛି । ଧଳା ଜହର ଓ ମଦ ନିଶାରେ ସବୁ ବର୍ଗର ଲୋକେ ବିଶେଷତଃ ଆମ ଯୁବ ପିଢି ନିଜକୁ ନଷ୍ଟ କରୁଛନ୍ତି । ନିକଟରେ ଗୁଟକା ବନ୍ଦ ନିଷ୍ପତ୍ତି ନେଇଥିବା ସରକାର ପରେ ଏଥିପ୍ରତି ଆଖି ବୁଜିଦେଲେ । ନୂଆ ମଦ ଦୋକାନ ଖୋଲା ଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିବା ସରକାର ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ମଦ ଦୋକାନ ଖୋଲିବାକୁ ଲଟେରୀ ବ୍ୟବସ୍ଥା କଲେ । ଆବେଦନ ଫି ଦୁଇ ତିନି ଗୁଣା ବୃଦ୍ଧି କଲେ । ତଥାପି ମଦ ବିକ୍ରୟରୁ ପ୍ରଚୁର ଲାଭ ଆଶାରେ ଗୋଟିଏ ଗୋଟିଏ ପରିବାରର ସବୁ ସଦସ୍ୟ ବି ଆବେଦନ କଲେ । ଜନବସତିପୂର୍ଣ୍ଣ ସ୍ଥାନରେ ମଦ ଦୋକାନ ଖୋଲିବାକୁ ବାରଣ ସତ୍ତ୍ୱେ ଖୁଲମଖୁଲା ବେପାର ଚାଲିଛି । ଗ୍ରାମାଞ୍ଚଳରେ ଥିବା ପାନ ଦୋକାନରେ ସବୁ ପ୍ରକାର ନିଶାଦ୍ରବ୍ୟ ସହଜରେ ମିଳୁଥିବାରୁ ଯୁବପିଢି ନିଶାରେ ମତୁଆଲା ହୋଇ ଯେପରି ଅସଭ୍ୟ ଭାଷାରେ କଥାବାର୍ତ୍ତା ତଦ୍ୱାରା ହେଉଛନ୍ତି ରାସ୍ତାରେ ଝିଅ ବୋହୁ ମାନେ ଚାଲି ପାରୁନାହାନ୍ତି । ଦେବଦେବୀଙ୍କ ବିସର୍ଜନ ଶୋଭାଯାତ୍ରା ହେଉ କି ଶବ ଶୋଭାଯାତ୍ରା,ବିବାହ ହେଉ କି ବ୍ରତ ସବୁଠାରେ ମଦ ଅନିବାର୍ଯ୍ୟ ।

ଦିନ ମଜୁରିଆ ନିଜ ଆୟର ସିଂହଭାଗ ନିଶା ପାଣିରେ ଖର୍ଚ୍ଚ କରୁଛନ୍ତି । ଅର୍ଥାଭାବରୁ ସେମାନଙ୍କ ଘରେ ଦୁଇ ଓଳି ଚୁଲି ଜଳିବା କଷ୍ଟକର ହୋଇ ପଡୁଛି । ନିଶାସକ୍ତ ବ୍ୟକ୍ତି ଘରେ ବାହାରେ ଏମିତି ଦୌରାତ୍ମ୍ୟ କରୁଛନ୍ତି ଯେଉଁଥି ପାଇଁ ଦାମ୍ପତ୍ୟ କଳହ ଓ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇ ପରିବାର ଉଜୁଡ଼ି ଯାଉଛି । ଏଥି ଯୋଗୁଁ ଆତ୍ମହତ୍ୟା, ହତ୍ୟା, ଦୁଷ୍କର୍ମ ଆଦି ବିଭିନ୍ନ ଅଘଟଣ ଘଟୁଛି । ନିଶାସକ୍ତ ବ୍ୟକ୍ତି ଅଧା ବୟସରୁ ବିଭିନ୍ନ ରୋଗର ଶିକାର ହୋଇ ଯନ୍ତ୍ରଣା ଭୋଗୀ ଅକାଳ ମୃତ୍ୟୁବରଣ କରୁଛନ୍ତି ।

ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ନିଶାସକ୍ତ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା । ବିଚାର କରି ଦେଖିଲେ ନିଶାସକ୍ତଙ୍କ ପାଇଁ ଯେତେ ଅଘଟଣ ଘଟୁଛି ଆଉ ସେମାନଙ୍କ ଦୌରାତ୍ମ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଯେତେ ଅର୍ଥ ବ୍ୟୟ ହେଉଛି, ସେ ତୁଳନାରେ ରାଜସ୍ୱ ଆଦାୟ ବହୁତ କମ୍ ।

ଦାମ୍ପତ୍ୟ, ପାରିବାରିକ ଓ ସାମାଜିକ ଜୀବନ ଉଜୁଡ଼ି ଯାଉଥିବାରୁ ନିଶା ବିରୋଧୀ ଅଭିଯାନ ଓ ଆନ୍ଦୋଳନ ବିଭିନ୍ନ ସ୍ଥାନରେ ମୁଣ୍ଡ ଟେକୁଛି । ବିଶେଷତଃ, ମହିଳାମାନେ ମଦଭାଟି ବା ଦୋକାନ ଭାଙ୍ଗୁଛନ୍ତି । ସରକାର କେବଳ ଭାଷଣରେ ନିଶାମୁକ୍ତ ରାଜ୍ୟ ଗଠନର କଥା କହୁଛନ୍ତି । ବାସ୍ତବରେ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟରେ ନିଶାର ପ୍ରସାର କରୁଛନ୍ତି । ଶିକ୍ଷାନୁଷ୍ଠାନ, ମନ୍ଦିର, ବସଷ୍ଟାଣ୍ଡ ରେଳ ଷ୍ଟେସନ ଆଦି ଜନବହୁଳ ସ୍ଥାନରେ ମଦ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରାଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । କିନ୍ତୁ ମଦ ବ୍ୟବସାୟୀ ସରକାରୀ ନିଷ୍ପତ୍ତିକୁ ଅବଜ୍ଞା କରି ଜନବସତିପୂର୍ଣ୍ଣ ସ୍ଥାନରେ ଖୁଲମଖୁଲା ମଦ କାରବାର ଚଳାଇଛନ୍ତି । ତେଣୁ ନିଶାମୁକ୍ତ ରାଜ୍ୟ ଗଠନ କେମିତି ସମ୍ଭବ ହେବ ? ସରକାର, ଦୋକାନୀ ଓ ମଦ୍ୟପ କେହି ଚାହୁଁ ନାହାନ୍ତି ନିଶା ବନ୍ଦ ହେଉ । ରାଜନୈତିକ ଇଚ୍ଛାଶକ୍ତି ଓ ବ୍ୟାପକ ଜନସଚେତନତା ନିଶାସକ୍ତଙ୍କୁ ମୋଟା ଅଙ୍କର ଜରିମାନା ସହିତ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଗଲେ ନିଶା ନିବାରଣ ସମ୍ଭବ ହୋଇପାରେ । ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ସବୁ ସ୍ତରରେ ଆନ୍ତରିକ ଉଦ୍ୟମ ଲୋଡା ।

**ଶ୍ରୀକାନ୍ତ ନାୟକ**
**ପ୍ରାଧ୍ୟାପକ, ଖରସ୍ରୋତା ମହାବିଦ୍ୟାଳୟ**
**ସିଂହପୁର, ଯାଜପୁର**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ–ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆବୁଧାବିରେ...

ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସେତୁ ବୋଲି କହିଥିଲେ। ସେହି ଓଡ଼ିଆମାନଙ୍କ ପାଇଁ ନିରନ୍ତର ସହାୟତା, ସୁବିଧା ସୁଯୋଗ ଏବଂ ଇଜ୍ ଅଫ୍ ଲିଭିଂ ସୁନିଶ୍ଚିତ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ।

ଏହି ଆବୁଧାବି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ପ୍ରତିନିଧି ମଣ୍ଡଳୀ ୟୁଏଇର ପ୍ରମୁଖ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟିକ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ। ଏହି ଆଲୋଚନାଗୁଡ଼ିକ କେବଳ ନିବେଶ ଆକୃଷ୍ଟ କରିବାରେ ସୀମିତ ନରହି, ଓଡ଼ିଶାରେ ନିର୍ଦ୍ଦିଷ୍ଟ ଭାଗିଦାରୀ, ପ୍ରଯୁକ୍ତିବିଦ୍ୟାର ସହଯୋଗ ଏବଂ ଦୀର୍ଘକାଳୀନ ଶିଳ୍ପ ଭାଗିଦାରୀ ପାଇଁ ନୂଆ ସୁଯୋଗ ଚିହ୍ନଟ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ଏହି ୟୁଏଇ ଅଭିଯାନ ଓଡ଼ିଶାର ଶିଳ୍ପ ରୂପାନ୍ତରଣର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆରମ୍ଭ ହୋଇଛି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ ଭିତ୍ତିଭୂମି, ବନ୍ଦର, ସୁଲଭ ବିଦ୍ୟୁତ୍ ସେବା, ଦକ୍ଷ ମାନବସମ୍ବଳ ଏବଂ ଭାରତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଥିବା ସହଜ ସଂଯୋଗର ସୁବିଧାଗୁଡ଼ିକୁ ପ୍ରମୁଖ ଭାବରେ ଉପସ୍ଥାପନ କରିବେ।

ଆଗାମୀ ନିବେଶକ ଆଲୋଚନା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି "ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି ଏବଂ ୟୁଏଇ ସହ ଆମର ଆଲୋଚନା ଏହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆମେ ଏଠାକୁ କେବଳ ନିବେଶ ଆମନ୍ତ୍ରଣ କରିବାକୁ ଆସିନାହୁଁ, ବରଂ ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଏବଂ ରୋଜଗାର ଉପରେ ଆଧାରିତ ଦୀର୍ଘକାଳୀନ ଭାଗିଦାରୀ ଗଢ଼ିବାକୁ ଆସିଛୁ। ୟୁଏଇ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆର୍ଥିକ ଭାଗିଦାର, ଏବଂ ନିର୍ଦ୍ଦିଷ୍ଟ ନିବେଶ ଓ ଶିଳ୍ପ ସୁଯୋଗ ମାଧ୍ୟମରେ ଓଡ଼ିଶା-ୟୁଏଇ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଆମେ ଆଶାବାଦୀ।"

ନିବେଶକଙ୍କ ଆଗ୍ରହକୁ ପ୍ରକୃତ ପ୍ରକଳ୍ପରେ ରୂପାନ୍ତରିତ କରିବା, କର୍ମସଂସ୍ଥାନ ସୃଷ୍ଟି କରିବା ଏବଂ ବିଶ୍ୱସ୍ତରୀୟ ବ୍ୟବସାୟ ପାଇଁ ଓଡ଼ିଶାକୁ ଏକ ଆକର୍ଷଣୀୟ ଓ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେପ୍ଟେମ୍ବର ୯ରେ ଉଚ୍ଚସ୍ତରୀୟ ବ୍ୟବସାୟିକ ଆଲୋଚନା ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ଆସନ୍ତାକାଲି ଆବୁଧାବିରେ ଆରମ୍ଭ ହେବ। ଏହି ଅବସରରେ ୟୁଏଇ ର ବିଭିନ୍ନ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟିକ ନେତାମାନଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଓ ଆଲୋଚନା ଅନୁଷ୍ଠିତ ହେବ।

ସେପ୍ଟେମ୍ବର ୯ର କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ( ଆଇଏଚସି ) ଏବଂ ଏହାର ବିଭିନ୍ନ ବ୍ୟବସାୟିକ ଶାଖା, ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରୋଫେସନାଲ୍ ଗ୍ରୁପ୍ ( ଆଇବିପିଜି), ୟୁଏଇ ର ନିବେଶ ମନ୍ତ୍ରୀ ଓ ବରିଷ୍ଠ ନିବେଶକମାନଙ୍କ ସହ ଆଲୋଚନା ସାମିଲ ରହିଛି। ଏହାପରେ ପେଟ୍ରୋକେମିକାଲ୍ସ ଏବଂ କେମିକାଲ୍ସ କ୍ଷେତ୍ର ଉପରେ ଆଧାରିତ ଆଲୋଚନା ଅନୁଷ୍ଠିତ ହେବ। ଏହି ବୈଠକଗୁଡ଼ିକ ନିର୍ଦ୍ଦିଷ୍ଟ ନିବେଶ ସୁଯୋଗ, ଶିଳ୍ପ ଭାଗିଦାରୀ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ଓଡ଼ିଶା-ୟୁଏଇ ଆର୍ଥିକ ସମ୍ପର୍କକୁ ଅଧିକ ମଜବୁତ କରିବାର ମାର୍ଗ ସମ୍ପର୍କରେ ଆଲୋଚନା ପାଇଁ ମଞ୍ଚ ପ୍ରଦାନ କରିବ।

ଏହି ନିବେଶ ଅଭିଯାନ ୟୁଏଇ ଏବଂ ସମଗ୍ର 'ଏମଇଏନଏ' ଅଞ୍ଚଳ ସହ ଏକ ସୁଦୃଢ଼ ଆର୍ଥିକ ସମ୍ପର୍କ ଗଢ଼ିତୋଳିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ନିବେଶକଙ୍କ ଆଗ୍ରହକୁ ପ୍ରକୃତ ଫଳାଫଳରେ ରୂପାନ୍ତରିତ କରି ରାଜ୍ୟର ଶିଳ୍ପ ବିକାଶ, କର୍ମସଂସ୍ଥାନ ସୃଷ୍ଟି ଏବଂ ଦୀର୍ଘମିଆଦୀ ଆର୍ଥିକ ପ୍ରଗତିକୁ ସୁନିଶ୍ଚିତ କରିବ। ସେପ୍ଟେମ୍ବର ୯ ରୁ ଉଚ୍ଚସ୍ତରୀୟ ବ୍ୟବସାୟିକ ଏବଂ ଅନୁଷ୍ଠାନିକ ଆଲୋଚନା ନିର୍ଦ୍ଧାରିତ ହୋଇଥିବା ବେଳେ, ଓଡ଼ିଶା ୟୁଏଇ ସହିତ ନିବେଶ, ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଏବଂ ଶିଳ୍ପ ଭାଗିଦାରୀ କ୍ଷେତ୍ରରେ ସମ୍ପର୍କକୁ ଆହୁରି ନିବିଡ଼ କରିବା ସହ ନୂତନ ସୁଯୋଗର ସନ୍ଧାନ କରିବ।

## ଏଫିଲ୍....

ସେମାନଙ୍କ ଆଖପାଖରେ ମହିଳାମାନେ ରହିବେ ନାହିଁ। ତେବେ ଘଟଣା ପରେ ଏହାର ପରିଚାଳନା ଦାୟିତ୍ୱରେ ଥିବା ଏସ୍ଇଟିଇ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି। ମହିଳା ଓ ପୁରୁଷଙ୍କ ଭିତରେ ବାଛବିଚାର କରିବା କମ୍ପାନୀର ନୀତି ନୁହେଁ। ବିପିଏସ୍ ପକ୍ଷରୁ ଫ୍ରାନ୍ସରେ ଏକ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ସେମାନଙ୍କ କଥା ମାନିବାକୁ କମ୍ପାନୀ ମନା କରିଦେଇଥିଲା। ତେବେ ବିଏପିଏସ୍ ଏହି ଘଟଣା ନେଇ କ୍ଷମାପ୍ରାର୍ଥନା କରିଛି। ଅନ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ପ୍ରତିନିଧିମଣ୍ଡଳର ସଂଖ୍ୟାକୁ ଦୃଷ୍ଟିରେ ରଖି ଏଫିଲ୍ ଟାୱାର ଟିମ୍ ସହ ଆଲୋଚନା କରି ସକାଳେ ଟାୱାର ଖୋଲିବା ସମୟରେ ଏହି ଗସ୍ତର ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରତିନିଧି ମଣ୍ଡଳରେ ୧୦୦ରୁ ଅଧିକ ଲୋକ ଥିଲେ। ପ୍ୟାରିସ୍‌ର ମେୟର କହିଛନ୍ତି ଯେ ଯଥାଶୀଘ୍ର ଏହାର ତଦନ୍ତ ହେବ। କର୍ମଚାରୀଙ୍କ ଅସନ୍ତୋଷ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ସେମାନଙ୍କ ଅସନ୍ତୋଷ ଯୁକ୍ତିଯୁକ୍ତ।

## ଚିହ୍ନଟ...

ହାତକୁ ନିଆଯାଇଛି। ଗଠିତ ଯାଞ୍ଚକାରୀ ଦଳ ସନ୍ଦେହଜନକ ବିପଦପୂର୍ଣ୍ଣ କୋଠାଗୁଡ଼ିକର ବିସ୍ତୃତ ଯାଞ୍ଚ କରିବା ସହ ସେମାନଙ୍କର ଗଠନାତ୍ମକ ସ୍ଥିତି ଓ ସୁରକ୍ଷାର ଆକଳନ କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ ରିପୋର୍ଟ ଦାଖଲ କରାଯିବ।

"ଯାଞ୍ଚକାରୀ ଦଳ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବ। ଯାଞ୍ଚ ପରେ ଯେଉଁ କୋଠାଗୁଡ଼ିକ ବିପଦପୂର୍ଣ୍ଣ ଭାବେ ଶ୍ରେଣୀଭୁକ୍ତ ହେବ, ସେଗୁଡ଼ିକ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ଭାଙ୍ଗି ଦିଆଯିବ," ବୋଲି ମନ୍ତ୍ରୀ କହିଛନ୍ତି।

କଟକ ଓ ପୁରୀ ଭଳି ପୁରୁଣା ସହରଗୁଡ଼ିକରେ ଏହି ଯାଞ୍ଚ ଅଭିଯାନ ବିଶେଷ ଗୁରୁତ୍ୱ ବହନ କରୁଛି। ଏଠାରେ ଦୀର୍ଘଦିନ ଧରି ରହିଥିବା ପୁରୁଣା ଓ ଦୁର୍ବଳ କୋଠାଗୁଡ଼ିକର ଅବସ୍ଥା ଯାଞ୍ଚ କରାଯିବ। ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ ଅନ୍ୟ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାରେ ସହଯୋଗ କରିବେ। ସରକାରଙ୍କ ଏହି ପଦକ୍ଷେପ ଏକ ପ୍ରତିଷେଧକ ଓ ସୁରକ୍ଷାଭିତ୍ତିକ ପଦକ୍ଷେପ। ଦୁର୍ଘଟଣା ଘଟିବା ପୂର୍ବରୁ ବିପଦକୁ ଚିହ୍ନଟ କରି ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ସହରାଞ୍ଚଳରେ ନିରାପଦ ନିର୍ମାଣ ପରିବେଶ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ ସମ୍ପୃକ୍ତ ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରି ଯାଞ୍ଚ, ନୋଟିସ୍ ଓ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବ।

ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା କୌଣସି ଅସୁରକ୍ଷିତ କୋଠାକୁ ଅଣଦେଖା କରାଯିବ ନାହିଁ। ସମୟସୀମା ମଧ୍ୟରେ ଯାଞ୍ଚ, ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଓ ଆବଶ୍ୟକ ସ୍ଥଳେ ବିପଦପୂର୍ଣ୍ଣ ନିର୍ମାଣ ହଟାଇ ଓଡ଼ିଶାର ସହରାଞ୍ଚଳକୁ ଅଧିକ ନିରାପଦ କରିବା ଦିଗରେ ଆମ ସରକାର ପ୍ରତିବଦ୍ଧ।

## ଦିଲ୍ଲୀରେ...

ବଢ଼ିବା ପରେ ଶ୍ରୀ ସିଂହ ତାଙ୍କ ଘର ଆଡ଼କୁ ଦୌଡ଼ିଥିଲେ। ଆକ୍ରମକାରୀ ତାଙ୍କୁ ପିଛା କରି ସେଠାରେ ତାଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ପରିବାର ଲୋକ ତାଙ୍କୁ ଓଖଲାର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ପ୍ରାୟ ସକାଳ ୭ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସିସିଟିଭି ଦୃଶ୍ୟରେ କିଛି ଲୋକ କୋଠା ସିଡ଼ି ଦେଇ ତଳକୁ ଆସୁଥିବା ଦେଖାଦେଇଛି। ଏହି ଘଟଣାକୁ ନେଇ ରାଜନୈତିକ ବାଦବିବାଦ ବଢ଼ିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏକ୍ସରେ ପୋଷ୍ଟ କରି କେନ୍ଦ୍ର ଗୃହମନ୍ତ୍ରୀ ଓ ଦିଲ୍ଲୀ ପୋଲିସକୁ ପ୍ରଶ୍ନ ପଚାରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଏଭଳି ଆଇନ୍ ନଥିବା କାର୍ଯ୍ୟ ବଢ଼ିଚାଲିଛି। ଏହାକୁ ବନ୍ଦ କରାଯାଉ। ଜଣେ ପିତା ରାଜଧାନୀରେ ତାଙ୍କ ଘରେ ମୃତ୍ୟୁବରଣ କରିଛନ୍ତି। ଉତ୍ତରପୂର୍ବ ଦିଲ୍ଲୀରେ ଏଭଳି ଘଟଣା ଘଟିଛି। ଦିଲ୍ଲୀ ଉତ୍ତରପୂର୍ବର ପ୍ରତ୍ୟେକ ପରିବାର ଏହାକୁ ନେଇ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ଡିସିପି ବିନିତ କୁମାରଙ୍କ ଅନୁସାରେ ୭ ଜଣଙ୍କୁ ଗିରଫ କରାଯାଇଛି। ମଣିପୁର ମୁଖ୍ୟମନ୍ତ୍ରୀ ଖେମ୍‌ଚାନ୍ଦ ୟୁମ୍‌ନାମ୍ ମଧ୍ୟ ବିକ୍ରମ ସିଂହଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଏହି ଘଟଣାରେ ରାହୁଲ ଗାନ୍ଧି ରାଜନୀତି ନ କରନ୍ତୁ ବୋଲି କହିଛନ୍ତି। ଏହା ରାଜନୀତିର ସମୟ ନୁହେଁ। ବିଜେପିକୁ ଏଥିରେ ଟାଣିବାର ଆବଶ୍ୟକ ନାହିଁ। ଏହା ଏକ ଦୁଃଖଦ ଘଟଣା। ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହା ରାଜନୀତିର ବିଷୟ ନୁହେଁ ବୋଲି ସେ କହିଛନ୍ତି।

## ୩ ପଞ୍ଚାୟତ...

କାର୍ଯ୍ୟାଳୟରୁ ବୃଦ୍ଧାବସ୍ଥା ଭତ୍ତା ବଣ୍ଟନ ପାଇଁ ନିୟମିତ ଭାବେ ଅଗ୍ରିମ ଟଙ୍କା ଉଠାଉଥିଲେ। ମାତ୍ର ଭତ୍ତା ବଣ୍ଟନ ପରେ ବଳକା ରହିଯାଇଥିବା ଅବ୍ୟବହୃତ ଟଙ୍କାକୁ ସରକାରୀ କୋଷାଗାରରେ ଫେରସ୍ତ ନକରି ସେମାନେ ନିଜ ବ୍ୟକ୍ତିଗତ ଲାଭ ପାଇଁ ଆତ୍ମସାତ୍ କରିଥିଲେ। ଏହିଭଳି ଭାବେ ମୋଟ ୧୬ଲକ୍ଷ୭୬ ହଜାର ୫୦୦ ଟଙ୍କା ହେରଫେର କରାଯାଇଥିଲା।

ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ କେସ ନଂ. ୨୨/୨୦୨୬ ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଏବଂ ଆଇପିସି ଧାରା ୪୦୯ ଅନୁଯାୟୀ ମାମଲା ଦାୟର ହୋଇଛି। ମଙ୍ଗଳବାର ଦିନ ସେମାନଙ୍କୁ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ଏହି ଦୁର୍ନୀତିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେ ନେଇ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

## ବିଚିତ୍ରପୁର...

ଓରାଙ୍ଗଉଟାନ୍‌ମାନେ ସେହି ସ୍ଥାନରେ ପହଞ୍ଚିଥିଲେ ସେ ବିଷୟରେ ବିସ୍ତୃତ ସୂଚନା ସଂଗ୍ରହ କରିବା ଏବଂ ଘଟଣାରେ ସମ୍ପୃକ୍ତ ଥିବା ଯେକୌଣସି ବ୍ୟକ୍ତିଙ୍କ ପରିଚୟ ନିର୍ଣ୍ଣୟ କରିବା ପାଇଁ ବଡ଼ପାଇ-ରଣକଠା ଅଞ୍ଚଳରେ ଏକ ପୃଥକ ଦଳ ନିୟୋଜିତ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ଏହି ଜନ୍ତୁମାନଙ୍କୁ ଦେଖିବା ପାଇଁ ଘଟଣାସ୍ଥଳରେ ପ୍ରବଳ ଜନଗହଳି ହୋଇଥିଲା। ମିଳିଥିବା ଶେଷ ସୂଚନା ଅନୁଯାଇ ଉକ୍ତ ଓରାଙ୍ଗଉଟାନମାନଙ୍କୁ ନନ୍ଦନକାନନ ସ୍ଥାନାନ୍ତର କରାଯାଇଛି।


**NOTICE**

By virtue of an affidavit sworn before Notary Public, Bhubaneswar,dated 31/08/2026 I, Jyotishree Rout, Address At: Mahapur PO: Kabirpur PS: Jajpur Sadar Dist: Jajpur, Odisha- 755009 declare that I have changed my name from Jyotishree Samal to Jyotishree Rout. Henceforth, I shall be known as Jyotishree Rout for all purposes.

Sd- Jyotishree Rout

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଶାନ୍ତ କୁମାର ରାଉତରାୟ, ବୟସ ୪୫ ବର୍ଷ, ପିତା- ରାମ ଚନ୍ଦ୍ର ରାଉତରାୟ, ମୌଜା: ଦାରୁଠେଙ୍ଗ, ଥାନା: ଚନ୍ଦକା, ଭୁବନେଶ୍ୱର ସ୍ଥିତ ଖାତା ନଂ.: ୮୦୧/୫୧୧ ଅନ୍ତର୍ଗତ ପ୍ଲଟ୍ ନଂ.: ୧୪୬୨/୩୮୮୧, କ୍ଷେତ୍ର: ଏକର୦.୦୬୪ ଡିସିମିଲ୍ ଜମିକୁ ଧ୍ରୁବ ଚରଣ ସ୍ୱାଇଁଙ୍କ ଠାରୁ, ଏସ୍.ଆର୍.ଓ. ଭୁବନେଶ୍ୱରଙ୍କ ଠାରେ ପଞ୍ଜୀକୃତ ହୋଇଥିବା ବିକ୍ରୟ ଦଲିଲ ଡକ୍ୟୁମେଣ୍ଟ ନଂ. ୧୧୧୩୨୫୦୭୩୧୪, ତା.୦୮.୧୦.୨୦୨୫ ଆଧାରରେ କ୍ରୟ କରିଥିଲେ। ଉକ୍ତ ପ୍ଲଟ୍‌ଟି ତାଙ୍କ ନାମରେ ମ୍ୟୁଟେସନ୍ କରାଯାଇଥିଲା ଏବଂ ଶ୍ରୀ ପ୍ରଶାନ୍ତ କୁମାର ରାଉତରାୟଙ୍କ ନାମରେ ଖାତା ନଂ.: ୮୦୧/୭୩୩୨, ପ୍ଲଟ୍ ନଂ.: ୧୪୬୨/୩୮୮୧, କ୍ଷେତ୍ର: ଏକର୦.୦୬୪ ଡିସିମିଲ୍ ସହିତ ଆର୍.ଓ.ଆର୍ ପ୍ରକାଶିତ ହୋଇଛି। ପ୍ରଶାନ୍ତ କୁମାର ରାଉତରାୟ ତା.୨୯.୦୮.୨୦୨୬ ରେ ତାଙ୍କ କର୍ମସ୍ଥଳୀ ଦାରୁଠେଙ୍ଗରୁ ବାରଙ୍ଗ, ଭୁବନେଶ୍ୱରକୁ ଯାତ୍ରା କରୁଥିବା ସମୟରେ, କୌଣସି ସ୍ଥାନରେ ସେ, ଭୁବନେଶ୍ୱରର ତହସିଲଦାରଙ୍କ ଦ୍ୱାରା ଜାରି ... [illegible]

କାନାରା ବ୍ୟାଙ୍କ ... cbsulabh7105@canarabank.com ...

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଇଇ/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ୧୫.୩୦ ଘଣ୍ଟା ପରେ ଖୋଲାଯିବ। ଟେଣ୍ଡର ନୋଟିସ ନଂ: ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୬-୨୭-୨୩, ତାରିଖ: ୦୭.୦୯.୨୦୨୬ ... [illegible] ... www.ireps.gov.in ... (PR-735)

**AFFIDAVIT**

By virtue of an Affidavit before the Executive Magistrate, Bhubaneswar vide Affidavit No.: 52 on dated : 08.09.2026, Consequent upon my marriage to Snehil Agarwal, I NISHU AGARWAL,W/o Snehil Agarwal resident of N-1/93, IRC village, Nayapalli, Bhubaneswar, PS: Nayapalli, Dist.: Khordha, I have changed my surname from Mittal to Agarwal. NISHU AGARWAL and NISHU MITTAL is one and same person i.e. myself. Henceforth I shall be known as NISHU AGARWAL for all purposes

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/1781/2627
ଫୋନ୍ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୫୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୯୨ **ବିଜ୍ଞାପନ** ତା : ୨୮.୦୮.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତା ତାଙ୍କ ସ୍ୱାକ୍ଷରିତ ଉକ୍ତ ସମ୍ପତ୍ତିର ସ୍ୱତ୍ୱ ଆବଣ୍ଟନଗ୍ରାହୀ ହିସାବରେ ବଦଳ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିପାଇଁ ଯଦି କାହାର କିଛି ଆପତ୍ତି / ଅଭିଯୋଗ ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ସ୍ୱତ୍ୱ ଆବଣ୍ଟନକାରୀ ଗ୍ରହୀତାଙ୍କ ନାମ |
|---|---|---|
| ଶ୍ରୀ ସତ୍ୟବ୍ରତ ରଥ, ପିତା-ଶ୍ରୀ କାଳି କୁମାର ରଥ, ସା-ଏନ୍-୨-୫୧, ଜୟଦେବ ବିହାର, ପୋ-ଆଇଆରସି ଭିଲେଜ୍, ଥାନା-ନୟାପଲ୍ଲୀ, ଜିଲ୍ଲା-ଖୋର୍ଦ୍ଧା | ଏମ୍‌ଆଇଜି-୨-୫୦ (MIG-II-50) କଲୋନିଟ ହାଉସିଂ ସ୍କିମ୍, ପ୍ରକଳ୍ପ ପ୍ରସାଦ, ଖୋର୍ଦ୍ଧା | ଶ୍ରୀମତୀ ... ରଥ, ସ୍ୱାମୀ - ଶ୍ରୀ ସତ୍ୟବ୍ରତ ରଥ, ସା-ଏନ୍-୨-୫୧, ଜୟଦେବ ବିହାର, ପୋ- ଆଇଆରସି ଭିଲେଜ୍, ଥାନା - ନୟାପଲ୍ଲୀ, ଜିଲ୍ଲା - ଖୋର୍ଦ୍ଧା |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0239

**CUTTACK MUNICIPAL CORPORATION**

13001/1790/2627

**"e" PROCUREMENT NOTICE**

Tender Call Notice No. 8329 (PW) Date.07.09.2026
Tender ID : 2026_ORULB_139521

Period of Completion : Three Calendar Month
Date and Time schedule :

| Start | End | Opening |
|---|---|---|
| 11.00 AM on dt. 08.09.2026 | 5.00 PM on dt.19.09.2026 | 11:00 A.M. on dt.23.09.2026 |

Tender Details : can be seen from the procurement portal: www.tendersorissa.gov.in

Sd/- Executive Engineer
City Division-III, CMC
OIPR : 13001/13031/1/26-27/0061

**GOVT. OF ODISHA : OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGADA**

At/Po-Nabaghanpur, Dist-Nayagada, Pin-06753-252049, E-mail-nayagarhrw2006@yahoo.in
No : Tender-Online-Nayagada Divn.-08/2026-27 Date : 03.09.26
25001/1103/2627

**e-Procurement Notice Through GePNIC**

1. Name of the work : Building Works
2. Total No. of Projects : 10 (Ten) Nos of projects.
3. Class of Contractor
   a) Estimated cost above Rs. 20.00 Lakhs & up to Rs. 3.00 Crore : B Class (of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs : C Class (of Odisha PWD) or relevant class of other licensing authorities.
   c) Estimated cost up to Rs. 20.00 Lakhs : D Class (of Odisha PWD) or relevant class of other licensing authorities.
4. Estimated Cost put to tender : Rs. 70.31 Lakhs to Rs. 99.21 Lakhs
5. Time for Completion : 09 (Nine) Calendar Months.
6. Other details :

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagada | No. : Tender-Online-Divn. NAYAGARH - 08/2026-27 | 10.09.2026 at 11.00 A.M. | 28.09.2026 upto 5.30 P.M. | 29.09.2026 at 11.00 A.M. | Will be intimated later |

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Division, Nayagada
OIPR : 25001/25106/1/26-27/0012

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At: P.O.: BARINIPUT: DIST. KORAPUT - 764006
PHONE: (06854) 242001: FAX: - (06854) 242038
4001/305/2627
E-mail: sgmel.ukhep@gmail.com
No. OHPC: SGM: UKHEP: C & P : / 4813 /Dated, Bariniput the 5/9/26

**NOTICE INVITING TENDER No. 20/26-27 Date. 05/09/2026**

Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below:

| Sl. No. | Description of materials | Cost of tender paper (Non-Refundable) | EMD in Rs. (Refundable) |
|---|---|---|---|
| 1 | HIRING OF 01 (ONE) NUMBER OF Commercial Registered Light Vehicle Mahindra XUV 700/Maruti Suzuki Ertiga VXI/Mahindra Bolero Neo/ or Equivalent Vehicle with TWO Drivers for Deployment on Emergency Duty for UKHEP, BARINIPUT under Generation Division for Four (04) years. | Rs. 7080/- Rs.6000/- + (18%GST) | Rs. 23,100/- |

Sale of tender paper : From 11/09/2026 to 11:00Hrs of 25/09/26
Last date of submission of tender : Up to 12:00 Hrs. of 25/09/2026
Date & Time of opening of tender : At 12:30 Hrs. of 25/09/2026

For details of the tender documents, terms and conditions please visit our website www.ohpcltd.com

Sd/- C & P Head
UKHEP, Bariniput.
OIPR : 4001/4002/1/26-27/0022

**CONTAINER CORPORATION OF INDIA LTD.**
(A Navratna Undertaking of Govt. of India)
Concor Annex, NSIC MDBP Building, 2nd Floor, Okhla Industrial Estate, New Delhi-110020

ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ... [illegible] ... www.concorindia.co.in ... www.tenderwizard.com/CCIL ... (CPP) ...

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
ADMINISTRATIVE OFFICE BUILDING, NEAR BURLA POWER HOUSE
BURLA- 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
4001/306/2627 CIN : U40101OR1995SGC003963
No. HHEP/Tech-W-199(Vol-1 )/6735 Date : 07.09.2026

**NOTICE INVITING TENDER NO HHEP-73/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha ) for the following work as mentioned below

| Name of work | Cost of tender paper (Non-Refundable) | EMD in Rs. |
|---|---|---|
| Annual electrical maintenance of residential and non-residential building of Burla on job contract basis | Rs. 4720/- (Rs. 4000 /- + GST 18%) | 9400/- |

- Sale of tender paper : 10.09.2026(10.00AM) to 24.09.2026 upto 01.00PM
- Receipt of tender paper : 24.09.2026 upto 01.30PM
- Date & time of opening of tender : 24.09.2026 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in .

OIPR : 4001/4007/1/26-27/0026 Sd/- C&P Head, HHEP, Burla

46001/17/2627

**Department of Social Security & Empowerment of Persons with Disabilities**
Lokaseva Bhavan, Red Building, BBSR-751001
Tel: 0674-2390116
Mail: ssepdodisha@gmail.com
No.9066, Dt.08.09.2026

**Tender Notice for Organization of International Day of Older Persons.2026**

Sealed tenders are invited from reputed and experienced event management agencies for organizing the International Day of Older Persons,2026 at Bhubaneswar under two-bid system as for the following schedule :

| Sl. No | Bidding Schedule | Timeline |
|---|---|---|
| 1 | Date of Issue | 08.09.2026 |
| 2 | Pre-Bid Query Meeting | 18.09.2026 at 3.30 PM at SIDR Conference Hall, Capital Hospital Campus, Bhubaneswar (Queries to be sent through ssepdodisha@gmail.com till 16.09.2026) |
| 3 | Bid Submission Due Date and Time | 22.09.2026 up to 5:00 P.M (Through registered post/speed post/ By Hand/Courier)) |
| 4 | Open, Evaluation & Finalization of the bids | 24.09.2026 at 3:30 P.M at SIDR Conference Hall, Capital Hospital Campus, Bhubaneswar |
| 5 | Supply/Work Order to be Issued | 28.09.2026 |

The interested vendor can participate in the project as per the scope of work mentioned in the Bid Document. The bidders are advised to prepare Technical Bid Part-A) and Financial Bid (part-B) separately. The bid document containing eligibility criteria, scope of the work, terms and condition of the Tender and Agreement can be dnwnloaded from the website : https://ssepd.odisha.gov.in.

Sd/-
Director, SSEPD
OIPR : 46001/46006/1/26-27/0003

1001/148/2627

**GOVERNMENT OF ODISHA**
**AGRICULTURE DEPARTMENT**
**OFFICE OF THE EXECUTIVE ENGINEER (AGRIL), DHENKANAL DIVISION, DHENKANAL**

No. 700 Date. 07.09.2026

**INVITATION FOR BIDS (IFB)**
**e procurement notice**
**Bid identification number / Tender call notice no - E E (A) D/D-02 of 2026-27**

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from **7.00 lakhs** to **40.00 lakh**. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 11.09.2026 at 10.00 hours to 19.09.2026 at 05.30 PM. The bid will be opened on 21.09.2026 at 04.30 PM in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com

Sd/- Executive Engineer (Agril)
Dhenkanal Division, Dhenkanal
OIPR : 1001/1446/1/26-27/0002

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/1780/2627
ଫୋନ୍ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୫୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୯୧ **ବିଜ୍ଞାପନ** ତା : ୨୪.୦୮.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍ଆଇଜି-ଡିଏମ୍-୨୫ (MIG-DM-25), ବାସନ୍ତୀ କଲୋନୀ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଭାନୁମତୀ ପ୍ରଧାନ, ସ୍ୱାମୀ-ସ୍ୱର୍ଗତ ଜଳଧର ପ୍ରଧାନ, ସି-୧୧୧, କୋଏଲ ନଗର, ପୋ-ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଭାନୁମତୀ ପ୍ରଧାନ ... [illegible]

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0238

**HDFC BANK ଏଚଡିଏଫସି ବ୍ୟାଙ୍କ ଲିମିଟେଡ୍ — ଡିମାଣ୍ଡ ନୋଟିସ୍**

www.hdfcbank.com ... [illegible]

ଯଦି ଉକ୍ତ ଋଣଗ୍ରହୀତାମାନେ ଉପରୋକ୍ତ ଅନୁଯାୟୀ ଏଚଡିଏଫସିକୁ ଦେୟ ଦେବାରେ ବିଫଳ ହୁଅନ୍ତି, ତେବେ ଏଚଡିଏଫସି ଉକ୍ତ ଆଇନର ଧାରା ୧୩ (୪) ଏବଂ ପ୍ରଯୁଜ୍ୟ ନିୟମ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି/ଅସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ କାର୍ଯ୍ୟ କରିବ ଏବଂ ଖର୍ଚ୍ଚ ଏବଂ ପରିଣାମ ପାଇଁ ସମ୍ପୂର୍ଣ୍ଣ ଭାବରେ ଉକ୍ତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିଙ୍କ ବିପଦରେ ରହିବ।

ଉକ୍ତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିଙ୍କୁ ଉକ୍ତ ଆଇନ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି/ଅସ୍ଥାବର ସମ୍ପତ୍ତି (ଗୁଡ଼ିକ) ସ୍ଥାନାନ୍ତର କରିବାକୁ ନିଷେଧ କରାଯାଇଛି, ବିକ୍ରୟ, ଲିଜ୍ କିମ୍ବା ଅନ୍ୟଥା HDFCର ପୂର୍ବ ଲିଖିତ ସମ୍ମତି ବିନାରେ ଯେକୌଣସି ବ୍ୟକ୍ତି ଯିଏ ଆଇନ କିମ୍ବା ନିୟମାବଳୀର ବ୍ୟବସ୍ଥାକୁ ଉଲ୍ଲଂଘନ କରନ୍ତି କିମ୍ବା ଉଲ୍ଲଂଘନ କରିବାକୁ ପ୍ରୋତ୍ସାହିତ କରନ୍ତି, ସେ ଆଇନ ଅନୁଯାୟୀ କାରାଦଣ୍ଡ ଏବଂ/କିମ୍ବା ଦଣ୍ଡ ପାଇଁ ଦାୟୀ ହେବେ।

ତାରିଖ : ୦୮.୦୯.୨୦୨୬
ସ୍ଥାନ : ଓଡ଼ିଶା
ପଞ୍ଜିକୃତ କାର୍ଯ୍ୟାଳୟ: ଏଚ୍‌ଡିଏଫ୍‌ସି ବ୍ୟାଙ୍କ ହାଉସ, ସେନାପତି ବାପଟ ମାର୍ଗ, ଲୋୟର ପାରେଲ (ପଶ୍ଚିମ), ମୁମ୍ବାଇ-୪୦୦୦୧୩
ଏଚ୍.ଡି.ଏଫ୍.ସି. ବ୍ୟାଙ୍କ ଲିମିଟେଡ୍ ପାଇଁ
ପ୍ରାଧିକୃତ ଅଧିକାରୀ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଳଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୭୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

# ରାଜଧାନୀରେ "ଓଡ଼ିଆ ଅସ୍ମିତା' ପୁସ୍ତକର ଲୋକାର୍ପଣ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ନୟାପଲ୍ଲୀସ୍ଥିତ ଶିକ୍ଷାସନ୍ଧାନ ସଂଗଠନ ପ୍ରାଙ୍ଗଣରେ ଆସରା(ଅନନ୍ତ- ସତ୍ୟଭାମା ସୋସାଇଟି ଫର୍ ସୋସିଆଲ ରିସର୍ଚ୍ଚ ଆଣ୍ଡ ଆକ୍ସନ) ତରଫରୁ ପ୍ରକାଶିତ ପ୍ରଫେସର ମାଗୁଣି ଚରଣ ବେହେରାଙ୍କ ଲିଖିତ "ଓଡ଼ିଆ ଅସ୍ମିତା' ପୁସ୍ତକର ଉନ୍ମୋଚନ ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁସାହିତ୍ୟିକା ଶ୍ରୀମତୀ ନିବେଦିତା ମହାନ୍ତିଙ୍କ ପୌରୋହିତ୍ୟରେ ସଞ୍ଚାଳିତ ଏହି ଉତ୍ସବରେ ସାହିତ୍ୟିକ ଦାଶ ବେନହୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମ ଅସ୍ମିତା, ପୁସ୍ତକ ଓ ଲେଖକଙ୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ ପ୍ର: ମହାନ୍ତି ସାମ୍ପ୍ରତିକ ସ୍ଥିତିରେ ଓଡ଼ିଆ ଅସ୍ମିତା, ଓଡ଼ିଶା ଓ ଓଡ଼ିଆତ୍ୱ ସମ୍ବନ୍ଧରେ ଅଧିକ ପ୍ରଚାର ଓ ପ୍ରସାରର ପ୍ରୟୋଜନ ରହିଛି ବୋଲି କହିଥିଲେ। ଉନ୍ମୋଚିତ ପୁସ୍ତକଟିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ଓ ସାମ୍ପ୍ରତିକ ପ୍ରଭାବ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ



ଆଲୋଚନା ହୋଇଥିବାରୁ ପୁସ୍ତକଟି ଆଦୃତ ହେବ ବୋଲି ବକ୍ତାମାନେ ମତ ରଖିଥିଲେ । ପ୍ରାରମ୍ଭରେ ଲେଖକ ଡ: ମାଗୁଣି ଚରଣ ବେହେରା ପୁସ୍ତକ ପ୍ରକାଶନର ଆବଶ୍ୟକତା ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। କିସ୍‌ର ସଂଗ୍ରାମ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଖ୍ୟାତ ନୃତତ୍ତ୍ୱବିତ୍ ପ୍ର: କମଳ କାନ୍ତ ମିଶ୍ର ,ପ୍ର: ଯତୀନ୍ ନାୟକ, ପ୍ର: ସୁରେନ୍ଦ୍ର ମିଶ୍ର, ପ୍ର: ନିଶିକାନ୍ତ ଗନ୍ତାୟତ, ସହଦେବ ସାହୁ, କାହ୍ନୁ ଚରଣ ପାଣିଗ୍ରାହୀ, ବ୍ରଜକିଶୋର ନାୟକ,ରମାକାନ୍ତ ଲେଙ୍କା, ଶ୍ରୀକାନ୍ତ ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାନ୍ତି, ଗୋପୀକଲ୍ୟାଣ ମହାପାତ୍ରଙ୍କ ସମେତ ଉପସ୍ଥିତ ବହୁ ଲେଖକ, କବି, ଶିକ୍ଷାବିତ୍ ଓ ସହପାଠୀଗଣ ଏହି ପୁସ୍ତକ ଉନ୍ମୋଚନ ସଭାରେ ଉପସ୍ଥିତ ରହି ଲେଖକଙ୍କ ଏଭଳି ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ ।

## ସୁଭଦ୍ରା ଟ୍ରକ ମାଲିକ ମହାସଂଘର ବୈଠକ

# ୩୦ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ନେଇ ନିଷ୍ପତ୍ତି

ଭୁବନେଶ୍ୱର, (ସବ୍ୟୁ): ସୁଭଦ୍ରା ଟ୍ରକ୍ ମାଲିକ ମହାସଂଘ (ଅଲ୍ ଓଡ଼ିଶା) ର ୨୦ତମ ଏକଜିକ୍ୟୁଟିଭ୍ କୋର୍ କମିଟି ବୈଠକ ରସୁଲଗଡ଼ ଛକସ୍ଥିତ ସାହାରା କ୍ୟାମ୍ପସ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମହାସଂଘର ରାଜ୍ୟ ପଦାଧିକାରୀଙ୍କ ସମେତ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାର ଆଗଧାଡ଼ିର ଟ୍ରକ୍ ସଂଘ କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଟ୍ରକ୍ ମାଲିକମାନଙ୍କ ବିଭିନ୍ନ ସମସ୍ୟା ତଥା ସେମାନଙ୍କର ମୌଳିକ ଅଧିକାର ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ନେଇ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାସହ ଆଗକୁ ପାର୍ବଣ ଋତୁ ତଥା ଶାରଦୀୟ ଦୁର୍ଗାପୂଜା ଆସୁଥିବାରୁ ରାଜଧାନୀ ଭୁବନେଶ୍ୱରରେ ସମ୍ଭାବ୍ୟ ଟ୍ରାଫିକ୍ ସମସ୍ୟା ଏଡ଼ାଇବା ପାଇଁ ତୁରନ୍ତ ସ୍ୱତନ୍ତ୍ର ଟ୍ରକ୍ ପାର୍କିଂ ବ୍ୟବସ୍ଥା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯାଇଛି।

# ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀରେ ଡ. ସୀତାକାନ୍ତ କରଙ୍କୁ 'ଦୈବଜ୍ଞ ଭାସ୍କର ସମ୍ମାନ'

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଜ୍ଞାନ ପରମ୍ପରା, ଜ୍ୟୋତିଷଶାସ୍ତ୍ର ଓ କର୍ମତତ୍ତ୍ୱକୁ ନେଇ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀରେ ବିଶିଷ୍ଟ ଜ୍ୟୋତିଷବିଦ୍ ଡ. ସୀତାକାନ୍ତ କରଙ୍କୁ ସମ୍ମାନଜନକ 'ଦୈବଜ୍ଞ ଭାସ୍କର ସମ୍ମାନ' ପ୍ରଦାନ କରାଯାଇଛି। ୨୯ ଓ ୩୦ ଅଗଷ୍ଟ ୨୦୨୬ ଦୁଇଦିନ ଧରି ଏହି ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଲକ୍ଷ୍ନୌର ନିର୍ଦ୍ଦେଶକ ଆଚାର୍ଯ୍ୟ ସର୍ବନାରାୟଣ ଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବାବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ପ୍ରଭାତ କୁମାର ମହାପାତ୍ର, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଆଚାର୍ଯ୍ୟ ଶତ୍ରୁଘ୍ନ ପାଣିଗ୍ରାହୀ, କୁଳସଚିବା ଶ୍ରୀମତୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଧ୍ରୁବ-ଜ୍ୟୋତି ଅନୁସନ୍ଧାନ ସଂସ୍ଥାନର ପ୍ରତିଷ୍ଠାତ୍ରୀ ଓ ସମନ୍ୱୟିକା ଡ. ସସ୍ମିତା ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ ସଂଯୋଜକ ଡ. ଶ୍ରୀନିବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀର ସମାପନୀ ସମାରୋହରେ ଅଖିଳ





ଭାରତୀୟ କୃଷକ ସଂଘର ସାଧାରଣ ସମ୍ପାଦକ ମୋହିନୀମୋହନ ମିଶ୍ର ମୁଖ୍ୟ ଅତିଥି ଭାବେ, ଶ୍ରୀକୁଳ ପୀଠର ପୀଠାଧୀଶ୍ୱର ଶ୍ରୀଶ୍ରୀ ୧୦୦୮ ଡ. ସଚ୍ଚିଦ୍ରନାଥ ମହାରାଜ ମୁଖ୍ୟ ବକ୍ତା ଭାବେ ଏବଂ ଯୋଗସିଦ୍ଧଗୁରୁମା ଚେତନାଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜ୍ୟୋତିଷଶାସ୍ତ୍ର କ୍ଷେତ୍ରରେ ଡ. ସୀତାକାନ୍ତ କରଙ୍କ ଦୀର୍ଘଦିନର ଅବଦାନ, ଗବେଷଣା, ଶାସ୍ତ୍ରୀୟ ଅଧ୍ୟୟନ ଓ ଜ୍ୟୋତିଷ ଜ୍ଞାନର ପ୍ରଚାର-ପ୍ରସାରକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ପ୍ରତିଷ୍ଠିତ 'ଦୈବଜ୍ଞ ଭାସ୍କର ସମ୍ମାନ' ପ୍ରଦାନ କରାଯାଇଥିବାରୁ ଓଡ଼ିଶାର ଜ୍ୟୋତିଷ ଓ ଭାରତୀୟ ଜ୍ଞାନ ପରମ୍ପରା ମହଲରେ ଏହାକୁ ଏକ ଗୌରବମୟ ସଫଳତା ଭାବେ ଦେଖାଯାଉଛି। ଡ. କରଙ୍କୁ ଏହି ସମ୍ମାନ ମିଳିବାରୁ ତାଙ୍କର ଶୁଭେଚ୍ଛୁ, ଗବେଷକ, ଶିକ୍ଷାବିତ୍ ଓ ଜ୍ୟୋତିଷପ୍ରେମୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଅଭିକ୍ଷା ଟ୍ରଷ୍ଟର ୧୪ ତମ ସୃଜନ ଉତ୍କର୍ଷ ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ଅଗ୍ରଣୀ ସାମାଜିକ ସଙ୍ଗଠନ ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ପରିସରରେ ୧୪ତମ ଓଡିଶା ସୃଜନ ଉତ୍କର୍ଷ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ରାଜ୍ୟ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ



ଅତିଥିଭାବେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ସମ୍ମାନୀତ ଅତିଥିଭାବେ ସିନେ ଅଭିନେତ୍ରୀ ତ୍ରିପୁରା ମିଶ୍ର ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଶ୍ରୀନିବାସ ଘଟୁଆରୀଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ଗୁରୁଶ୍ରୀ ବଳଦେବ ମହାରଥୀଙ୍କୁ ଆଜୀବନ ସାଧନା ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସେହିପରି ଚଳଚ୍ଚିତ୍ର ଅଭିନୟ ପାଇଁ ସମରେଶ ରାଉତରାୟ, ଓଡିଶୀ ନୃତ୍ୟ ପାଇଁ ଗାୟତ୍ରୀ ମିଶ୍ର, ସାହିତ୍ୟ ପାଇଁ ଶକ୍ତି ମହାନ୍ତି, ଦୃଶ୍ୟକଳା ପାଇଁ ଆଶୀଷ ପାଣ୍ଡେଙ୍କୁ ଓଡିଶା ସୃଜନ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଇଥିଲା । ଯୁବ ପ୍ରତିଭା ପାଇଁ ସୁଶ୍ରୀ ଅନ୍ତରା ଚକ୍ରବର୍ତ୍ତୀଙ୍କୁ ଓଡିଶା ସୃଜନ ସମ୍ମାନ ପ୍ରଦାନ କରାଯାଇଥିଲା । କ୍ରୀଡା ପାଇଁ ଡ. ଅନୁରାଧା ବିଶ୍ୱାଳ, ଶିଳ୍ପ ପାଇଁ ମମତା ବିଶ୍ୱାଳ, ସୌନ୍ଦର୍ଯ୍ୟ ବିଜ୍ଞାନ ପାଇଁ ପ୍ରୀତିପଦ୍ମା ପଣ୍ଡାଙ୍କୁ ମଧ ସମ୍ମାନୀତ କରାଯାଥିଲା । ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ମାନସୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମିନାକ୍ଷୀ କୋଇଲା ଖଣି ପକ୍ଷରୁ କିରିପସିରା ଗ୍ରାମରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ମିନାକ୍ଷୀ କୋଇଲା ଖଣି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ



ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କୋଇଲା ଖଣି ପକ୍ଷରୁ କିରିପସିରା ଗ୍ରାମରେ ମଙ୍ଗଳବାର ଏକ ବହୁ-ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଅଛି। ଉକ୍ତ ଶିବିରରେ ମେଡ଼ିସିନ୍ ବିଭାଗ, ପ୍ରସୂତି ଓ ସ୍ତ୍ରୀରୋଗ (ଓବିଜି), ଶିଶୁରୋଗ, ଅସ୍ଥିରୋଗ ଏବଂ ଚକ୍ଷୁରୋଗ ବିଶେଷଜ୍ଞ ଡ଼ାକ୍ତରୀ ଦଳ ରୋଗୀଙ୍କୁ ପରାମର୍ଶ ତଥା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଆବଶ୍ୟକ ଔଷଧ ବିତରଣ କରିଥିଲେ । ଏହି ଶିବିରକୁ ହେମଗିର ତହସିଲଦାର ଶ୍ରୀମତୀ ସାରିକାରାଣୀ ଧାମେଲଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ଏହି ଅବସରରେ ହେମଗିର ଚିକିତ୍ସାଳୟର, ବିପିଏମ - ଏନ୍ ଏଚ୍‌ଏମ ପ୍ରମୁଖଙ୍କ ସମେତ ହେମଗିର ସରପଞ୍ଚ, ମୀନାକ୍ଷୀ କୋଇଲା ଖଣିର ୟୁନିଟ୍ ମୁଖ୍ୟ ମୁକେଶ ଝା ଏବଂ ଅନ୍ୟାନ୍ୟ ବୁଦ୍ଧିଜୀବୀ ବ୍ୟକ୍ତି ଓ ସମୁଦାୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ମୀନାକ୍ଷୀ କୋଇଲା ଖଣିର ୟୁନିଟ୍ ହେଡ୍ ମୁକେଶ ଝା ମଧ୍ୟ ଗ୍ରାମବାସୀମାନଙ୍କୁ ଏହି ଶିବିରର ସୁବିଧା ନେବାକୁ ଅନୁରୋଧ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ସାତ ଗୋଟି ଗ୍ରାମର ମୋଟ ୨୨୨ ଜଣ ରୋଗୀ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବାର ସୁଯୋଗ ନେଇଥିଲେ ।

# ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍, ଜଣେ ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ପୁରୀ ତାଳବଣିଆ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ପରିଚୟ ହେଲା ବାବୁ ଓରଫ ଗେଡ୍ଡୁ ଓରଫ ମିନକେତନ ମଙ୍ଗରାଜ(୨୨)। ତାର ଘର ବ୍ରହ୍ମଗିରି ଥାନା ଅଧୀନ କଳିକା ବାଡ଼ି ଗ୍ରାମ ଅଟେ। ଏନେଇ ତାଳବଣିଆ ଥାନାରେ କେସ୍ ନଂ-୨୫୯, ତାରିଖ ୦୭.୦୯.୨୦୨୬, ଭାରତୀୟ ନ୍ୟାୟ ସଂହିତା ର ଧାରା ୩୦୯(୪) ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସର ସୂଚନା ଅନୁଯାୟୀ, ପ୍ରିୟମ୍ବଦା ସିଂହ (୩୯) ନାମକ ଜଣେ ମହିଳା ତାଳବଣିଆ ଥାନା ଅଧୀନ ସର୍ବୋଦୟ ନଗରରେ ରହୁଛନ୍ତି। ସେ ଥାନାରେ ଅଭିଯୋଗ କରିଥିଲେ ଯେ , ବାଲିଘାଟ ଛକରେ ତାଙ୍କର ଏକ ବ୍ୟୁଟି ପାର୍ଲର ରହିଛି। ସେପ୍ଟେମ୍ବର ୭ ଦିନ ପ୍ରାୟ ୧୧ଟା ୪୬ ମିନିଟ୍‌ରୁ ଦିନ ୧୨ ଟା ମଧ୍ୟରେ, ମହିଳା ଜଣକ ବ୍ୟୁଟି ପାର୍ଲର ବାହାରେ ଛିଡା



ହୋଇ ଥିବା ସମୟରେ ଦୁଇଜଣ ଅଜଣା ଯୁବକ ପଲସର ମୋଟରସାଇକେଲ୍‌ରେ ତାଙ୍କ ପଛପଟୁ ଆସିଥିଲେ। ସେମାନେ ତାଙ୍କ ବେକରୁ ପ୍ରାୟ ୧୪ ଗ୍ରାମ୍ ଓଜନର ସୁନା ଚେନ୍ ଝାମ୍ପି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିଲେ। ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତାଳବଣିଆ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବାବୁ ଓରଫ ଗେଡ୍ଡୁ ଓରଫ ମିନକେତନ ମଙ୍ଗରାଜ (୨୨) ଙ୍କୁ ପୁଲିସ ଗିରଫ କରିଛି। ସେ ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଳିକାବାଡ଼ି ଗ୍ରାମର ବୋଲି ଜଣାପଡିଛି। ଗିରଫ ପରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ତଦନ୍ତକାରୀ ଅଧିକାରୀ ଭାବେ ତାଳବଣିଆ ଥାନା ଆଇଆଇସି ଇନ୍ସପେକ୍ଟର ଅଭିନବ ମିଶ୍ର ମାମଲାର ତଦନ୍ତ କରୁଛନ୍ତି। ପୁଲିସ ଏହି ଘଟଣାରେ ଏକ ପଲସର ମୋଟରସାଇକେଲ୍, ରେଜିଷ୍ଟ୍ରେସନ୍ ନମ୍ବର ଜବତ କରିଛି।

## ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)

# ଭୁବନେଶ୍ୱରର ୬୦ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାରତ ସରକାରଙ୍କ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡ. ବିଚିତ୍ରସେନ ଗୁପ୍ତା, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶିକା (ଭାରପ୍ରାପ୍ତ ଅଧିକାରୀ ) ସୁଶ୍ରୀ ସୀମା ବେହେରା, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟ, ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର, ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ଉପାଧ୍ୟକ୍ଷ ସାମଦେନ ଦୋର୍ଜୀ ଲାମା ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ମଣ୍ଡଳ ବିକାଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଭୁବନେଶ୍ୱରରେ ଅବସ୍ଥିତ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀର କ୍ଷେତ୍ରୀୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରମୁଖ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଜଭାଷା ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ସାମଦେନ ଦୋର୍ଜୀ ଲାମାଙ୍କ ସ୍ୱାଗତ ଭାଷଣରୁ ବୈଠକ ଆରମ୍ଭ ହୋଇଥିଲା । ସ୍ୱାଗତ ଭାଷଣରେ ଶ୍ରୀ ଲାମା ନିଜ ନିଜ କାର୍ଯ୍ୟାଳୟରେ ରାଜଭାଷା



କାର୍ଯ୍ୟକାରିତା କ୍ଷେତ୍ରରେ ସକ୍ରିୟ ସହଯୋଗ ଏବଂ ସକ୍ରିୟ ମନୋଭାବ ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ । ଡ. ବିଚିତ୍ରସେନ ଗୁପ୍ତ ତାଙ୍କ ସମୀକ୍ଷା ସମୟରେ ଭୁବନେଶ୍ୱରର ନରାକାସ (ବ୍ୟାଙ୍କ) ର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି କହିଛନ୍ତି ଯେ ଏହି ସମିତି ଦେଶର ସର୍ବୋତ୍ତମ ସମିତି ମଧ୍ୟରୁ ଅନ୍ୟତମ। ଏହା ଏକ ଗର୍ବର ବିଷୟ ଯେ ଏହି ସମିତି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟ ସ୍ତରରେରାଜଭାଷା ସମ୍ମାନ ପୁରସ୍କାର ଗ୍ରହଣ କରୁଛି । ରାକେଶ କୁମାର ଯାଦବ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୭୨ଟି ନରାକାସ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବଶାଳୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଉତ୍ସାହ ଏବଂ ଶକ୍ତି ପ୍ରଦାନ କରୁଛି । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ (ଭାରପ୍ରାପ୍ତ ଅଧିକାରୀ) କହିଛନ୍ତି ଯେ ଏହି ସମିତି ସରକାରୀ ଭାଷାର ପ୍ରଚାର ପ୍ରସାରରେ ପ୍ରଶଂସନୀୟ କାର୍ଯ୍ୟ କରୁଛି ଏବଂ ଆମେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ୍ । ବିନୋଦ କୁମାର ଆର୍ଯ୍ୟ କହିଛନ୍ତି ଯେ ଗ୍ରାହକମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବଢ଼ାଇବା ଲାଗି ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି । ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ରାଜୀବ ରଞ୍ଜନ ସହାଇ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭାରତୀୟ ଷ୍ଟେଟ ବ୍ୟାଙ୍କର ସଦସ୍ୟ ସଚିବ ତଥା ଉପ ମହାପ୍ରବନ୍ଧକ (ରାଜଭାଷା) ବି.ବି. ଗୋପାଳ ରେଡ୍ଡୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏସବିଆଇର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ରାଜେଶ ଚତୁର୍ବେଦୀଙ୍କ ଧନ୍ୟବାଦ ଅର୍ପଣ ସହିତ ବୈଠକ ଶେଷ ହୋଇଥିଲା ।

# ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଯୁବତୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ଭରତପୁର ଥାନା ଅନ୍ତର୍ଗତ ସାମପୁର ଗ୍ରାମରେ ପରେଶ ସାମଲ ଭଡାକୁ ରୁହେ । ତାଙ୍କ ପଡୋଶୀ ଭାବେ ମା'ଝିଅ ରୁହନ୍ତି । ମା'-ଝିଅଙ୍କ ସହ ପରେଶ ବିଭିନ୍ନ ସମୟରେ କଥାବାର୍ତ୍ତା ହେବା ସହ ଝିଅ ଉପରେ ନଜର ରଖିଥିଲା । ମା'ଘରେ ନଥିବା ସୁଯୋଗରେ ପରେଶ ତାଙ୍କ ଘର ଭିତରକୁ ଯାଇ ୨୭ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରିଥିଲା । ଏ କଥା ତାଙ୍କ ମା' ଜାଣିବା ପରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ପରେଶକୁ ଗିରଫ କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା କରାଇଥିଲା । ମଙ୍ଗଳବାର ପରେଶକୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଦଧିଚିର ୨୨ ତମ ପ୍ରତିଷ୍ଠା ଉତ୍ସବ

କଟକ, (ସ୍ୱପ୍ର) : ସୁନ୍ଦରଗ୍ରାମ ସ୍ଥିତ ଦଧିଚି ଶୈକ୍ଷୟିକ ସଂସ୍ଥାନର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଦଧିଚି ଶିକ୍ଷାଳୟ ସମୂହର ଅଧ୍ୟକ୍ଷ ଡ଼ଃ. ମନୋଜ କୁମାର ଦାଶ ପତାକା ଉତୋଳନ କରି ଦିବସର ଶୁଭାରମ୍ଭ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠାନର ଅଧ୍ୟକ୍ଷଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଦଧିଚି ଶୈକ୍ଷିକ ସଂସ୍ଥାନର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ବବିତା ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ଼ଃ ଅର୍କ କୁମାର ଦାସ ମହାପାତ୍ର ଯୋଗ ଦେଇଥିଲେ । ଦଧିଚି ପ୍ରତିଷ୍ଠାନର ୬ଟି ଶାଖାର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ଭଞ୍ଜ, କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ପବିତ୍ର ମୋହନ ଦାସ, ଅଭିମନ୍ୟୁ ଜେନା, ନିବେଦିତା ମହାନ୍ତି ଏବଂ ଡ଼ଃ ରଜତ କୁମାର କର, ନିଜ ନିଜ ଅନୁଷ୍ଠାନର କାର୍ଯ୍ୟଧାରା ଓ ଭବିଷ୍ୟତର ଲକ୍ଷ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପରେ ଏକାଡେମିକ୍ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ



ଦଧିଚି ବିଦ୍ୟାଳୟ ସମୂହର ୨୦୩୦ ପର୍ଯ୍ୟନ୍ତ ଭବିଷ୍ୟତ ଲକ୍ଷ୍ୟ କଣ ସବୁ ରହିଛି ତା ଉପରେ ବିଶଦ ଆଲୋଚନା ରଖିଥିଲେ । ଦଧିଚିର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ପିଲାମାନଙ୍କୁ ସଂସ୍କାରୀ ଓ ଧୈର୍ଯ୍ୟଶୀଳ ହୋଇ ଶିକ୍ଷାଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରତିଷ୍ଠାନର କର୍ମଚାରୀ ମାନେ ନିଜ ନିଜ ଉତ୍କର୍ଷତା ପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ବିଭିନ୍ନ ଶାଖାର ଅଧ୍ୟକ୍ଷ, ଉତ୍ତମ ଶିକ୍ଷକ, ନବାଗତ ଦକ୍ଷ ଶିକ୍ଷକ, ଅନୁଷ୍ଠାନର ଅଭିଜ୍ଞ ତଥା ଉତ୍ସର୍ଗୀକୃତ ନିର୍ଦ୍ଦେଶକ, ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା କଲେଜର କିଛି ପୁରାତନ ଛାତ୍ର/ଛାତ୍ରୀ ସମସ୍ତେ ସମ୍ବର୍ଦ୍ଧିତ ହୋଇଥିଲେ । ପରିଶେଷରେ ଦଧିଚି ପବ୍ଲିକ୍ ସ୍କୁଲ୍‌ର ଏକାଡେମିକ୍ ସଂଯୋଜକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

# ଟେଟ୍ରାହେଡ୍ରନ ପକ୍ଷରୁ ଯୁବ ସମ୍ବାଦ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ ଜିଲ୍ଲା ଟାଙ୍ଗୀ ଠାରେ ଅବସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଓଲ୍ଡ କ୍ୟାମ୍ପସ





ସମ୍ମିଳନୀ କକ୍ଷରେ ଟେଟ୍ରାହେଡ୍ରନ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଯୁବ ସମ୍ବାଦ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ଦୂରଦର୍ଶନ ବିଚାରକ ତଥା ପ୍ରତିଷ୍ଠିତ ଲେଖକ ଡ଼ ରତନ ସାରଦା ଯୋଗଦେଇ ଶିକ୍ଷା କେବଳ ଡିଗ୍ରୀ ହାସଲ କରିବା ପାଇଁ ନୁହେଁ ଏହା ଚରିତ୍ର ଗଠନ ଓ ଦେଶସେବା ପାଇଁ ଏକ ମାଧ୍ୟମ ବୋଲି କହିଥିଲେ।ଏଥିସହ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।ଅନ୍ୟତମ ଅତିଥିଭାବେ ସମାଜସେବୀ ପ୍ରଦୀପ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ଯୁବ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ପ୍ରଶ୍ନର ଉତ୍ତର ଡ଼ ସାରଦା ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ନିର୍ମାଣ ଭିତ୍ତିକ ସଂଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ଦେବାଶିଷ ପ୍ରଧାନ ଓ ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଟାଙ୍ଗୀ ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ, ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ, ଆକାଶ ପାତ୍ର ଓ ଚୌଧୁରୀ ମାନସ ସାହୁଙ୍କ ସମେତ କଲେଜର କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଚାରି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଞ୍ଚଳର ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ।

## ବେଦାନ୍ତ ଆଲୁମିନିୟମ୍, ଭି-ସ୍ପାର୍କ ଡିପ୍‌ଟେକ୍ ପଦକ୍ଷେପକୁ

# ବ୍ୟାପକ କରିବା ସହିତ ୨୧୦୦ କୋଟି ଟଙ୍କାର ମୂଲ୍ୟ ସୃଷ୍ଟି ଲକ୍ଷ୍ୟ ରଖିଛି

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍ ଓ ଭାରତର ସର୍ବବୃହତ୍ ଉତ୍ପାଦନ କ୍ଷେତ୍ରଭିତ୍ତିକ ଡିପ୍‌ଟେକ୍ ଇନକ୍ୟୁବେଟର୍ ଭି-ସ୍ପାର୍କ ମିଳିତ ଭାବେ ଡିପ୍‌ଟେକ୍ ପଦକ୍ଷେପକୁ ବ୍ୟାପକ କରିବା ସହ ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରୟୋଗକୁ ତ୍ୱରାନ୍ୱିତ କରିବ। ଝାରସୁଗୁଡ଼ାରେ ଆୟୋଜିତ ବେଦାନ୍ତ ଆଲୁମିନିୟମ୍‌ର ପ୍ରଯୁକ୍ତି ପ୍ରଦର୍ଶନୀ 'ମେଟାଲଭର୍ସ'ରେ ଡିପ୍‌ଟେକ୍ ସମାଧାନ ପ୍ରୟୋଗ ପାଇଁ ଏକାଧିକ ବୁଝାମଣାପତ୍ର (ଏମ୍‌ଓୟୁ) ଘୋଷଣା କରାଯାଇଛି। ଏହି ଅବସରରେ ଓପନଏଆଇ, ମାଇକ୍ରୋସଫ୍ଟ ଓ ଏସଏପି ଭଳି ଅଗ୍ରଣୀ ପ୍ରଯୁକ୍ତି ସଂସ୍ଥା ସମେତ ଅନେକ ଅତ୍ୟାଧୁନିକ ପ୍ରଯୁକ୍ତି ପ୍ରଦାନକାରୀଙ୍କ ସହ ବେଦାନ୍ତ ଆଲୁମିନିୟମ୍ ଭାଗିଦାରି ଘୋଷଣା କରିଛି। କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲୀକରଣ ଓ ସ୍ୱୟଂଚାଳନ ପ୍ରଯୁକ୍ତିର ବ୍ୟାପକ ପ୍ରୟୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍‌ର ବିଭିନ୍ନ କାର୍ଯ୍ୟକଳାପରେ ସାମୂହିକ ଭାବେ ୨୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ






ସୃଷ୍ଟି କରିବା ଏହି ସହଯୋଗିତାର ଲକ୍ଷ୍ୟ ଅଟେ।

ବେଦାନ୍ତ ଆଲୁମିନିୟମ୍‌ର 'ମେଟାଲଭର୍ସ' କାର୍ଯ୍ୟକ୍ରମକୁ ବୃହତ୍ ଶିଳ୍ପ କାର୍ଯ୍ୟକଳାପରେ ନୂଆ ପିଢ଼ିର ପ୍ରଯୁକ୍ତି ପ୍ରୟୋଗକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରଣନୈତିକ ମଞ୍ଚ ଭାବେ ପରିକଳ୍ପନା କରାଯାଇଛି। ଏଥିରେ ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନୀ, ଉଦୀୟମାନ ଷ୍ଟାର୍ଟଅପ୍ ଏବଂ ଶୀର୍ଷ ବ୍ୟବସାୟିକ ବିଶେଷଜ୍ଞମାନେ ଏକାଠି ହୋଇଛନ୍ତି। ଏହି ଭାଗିଦାରି ଅଧୀନରେ ବେଦାନ୍ତ ଆଲୁମିନିୟମ୍‌ର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନୂଆ ପିଢ଼ିର ପ୍ରଯୁକ୍ତି ସମାଧାନର ମୂଲ୍ୟାଙ୍କନ, ପରୀକ୍ଷାମୂଳକ ପ୍ରୟୋଗ ଓ ବ୍ୟାପକ ପ୍ରୟୋଗ କରାଯିବ। କାରଖାନାର ଉତ୍ପାଦନକ୍ଷମତା ବୃଦ୍ଧି, ଖର୍ଚ୍ଚ ଅପ୍ଟିମାଇଜେସନ୍, ସମ୍ପତ୍ତିର ନିର୍ଭରଯୋଗ୍ୟତା ବୃଦ୍ଧି ଏବଂ ସ୍ଥାୟୀ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ୨୧୦୦ କୋଟି ଟଙ୍କାର ମୂଲ୍ୟ ସୃଷ୍ଟିର ସୁଯୋଗ ହାସଲ କରାଯିବ।

ବେଦାନ୍ତ ଆଲୁମିନିୟମ୍ ଓ ଭି-ସ୍ପାର୍କର ଏହି ପଦକ୍ଷେପ ଡିପ୍‌ଟେକ୍ ନବସୃଜନକୁ ବାସ୍ତବ ଶିଳ୍ପ ପ୍ରୟୋଗ ସହ ଯୋଡ଼ିବାର ଏକ ମିଳିତ ପ୍ରୟାସ। ଉଚ୍ଚ ପ୍ରଭାବଶାଳୀ ପ୍ରଯୁକ୍ତି ଚିହ୍ନଟ କରିବା, ବାସ୍ତବ କାର୍ଯ୍ୟ ପରିବେଶରେ ଏହାର ପରୀକ୍ଷା କରିବା ଏବଂ ସଫଳ ପ୍ରଯୁକ୍ତିଗୁଡ଼ିକୁ ଦ୍ରୁତ ଭାବେ ବ୍ୟାପକ ପ୍ରୟୋଗରେ ସାମିଲ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯିବ। ବେଦାନ୍ତ ଆଲୁମିନିୟମ୍ ଖଣି ଉତ୍ତୋଳନଠାରୁ ଆଲୁମିନା ବିଶୋଧନ ଓ ଆଲୁମିନିୟମ୍ ଉତ୍ପାଦନ ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ସମନ୍ୱିତ ମୂଲ୍ୟ ଶୃଙ୍ଖଳା ଗଢ଼ିଛି। କମ୍ପାନୀର ବୃହତ୍ ଓ ଅତ୍ୟାଧୁନିକ ଉତ୍ପାଦନ କାରଖାନାଗୁଡ଼ିକୁ ବୃହତ୍ ପରୀକ୍ଷା ଓ ନବସୃଜନର କ୍ଷେତ୍ର ଭାବେ ବ୍ୟବହାର କରି ଭି-ସ୍ପାର୍କ ନୂଆ ପ୍ରଯୁକ୍ତିକୁ ଶିଳ୍ପ ପ୍ରୟୋଗଯୋଗ୍ୟ କରିବା ସହ ଏକ ସୁଦୃଢ଼ କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ଉତ୍ପାଦନ ପରିବେଶ ଗଢ଼ିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ବେଦାନ୍ତ ଆଲୁମିନିୟମ୍ ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୭୦ଟି ଷ୍ଟାର୍ଟଅପ୍ ସହ ସକ୍ରିୟ ଭାବେ ସହଯୋଗ କରୁଛି। ଏହି ସହଯୋଗ ଓଡ଼ିଶାର ଲାଞ୍ଜିଗଡ଼ସ୍ଥିତ ବିଶ୍ୱର ଅନ୍ୟତମ ବୃହତ୍ ଆଲୁମିନା ବିଶୋଧନାଗାର, ଝାରସୁଗୁଡ଼ାସ୍ଥିତ ବିଶ୍ୱର ସର୍ବବୃହତ୍ ଏକକ-ସ୍ଥାନୀୟ ଆଲୁମିନିୟମ୍ ଉତ୍ପାଦନ କାରଖାନା ଏବଂ ଛତିଶଗଡ଼ର କୋରବାସ୍ଥିତ ଭାରତର ପ୍ରମୁଖ ଆଲୁମିନିୟମ୍ ଉତ୍ପାଦକ ବାଲ୍କୋର କାର୍ଯ୍ୟକଳାପକୁ ନେଇ ବିସ୍ତାରିତ ହୋଇଛି ।

# ଦେଶବ୍ୟାପୀ ଶିକ୍ଷକ ନିଯୁକ୍ତି ଉପରେ ଅନ୍ତରୀଣ ସ୍ଥଗିତାଦେଶ

ନୂଆଦିଲ୍ଲୀ: ସର୍ବୋଚ୍ଚ ନ୍ୟାୟାଳୟ ଦେଶବ୍ୟାପୀ ସ୍କୁଲ ଏବଂ କଲେଜରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ କେବଳ ଶିକ୍ଷା ଅଧିକାର (ଆରଟିଇ) ଆଇନ,ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ) ଆଇନ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଆଇନ ଅନୁଯାୟୀ ନିର୍ଦ୍ଧାରିତ ଶିକ୍ଷାଗତ ଏବଂ ବୃତ୍ତିଗତ ଯୋଗ୍ୟତା ପୂରଣ କରୁଥିବା ପ୍ରାର୍ଥୀମାନଙ୍କୁ ସ୍କୁଲ ଏବଂ କଲେଜରେ ନିଯୁକ୍ତି ଦିଆଯାଇପାରିବ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଆବଶ୍ୟକୀୟ ଯୋଗ୍ୟତା ବିନା ଶିକ୍ଷକମାନଙ୍କୁ ନିଯୁକ୍ତି କିମ୍ବା ଚାକିରିରେ




ରଖାଯାଇପାରିବ ନାହିଁ। ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣକୁ ଚ୍ୟାଲେଞ୍ଜ କରି ଆଗତ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି.ମୋହନଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରି ରାୟ ଦେଇଛନ୍ତି। ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣ ସହିତ ଜଡିତ ସାମ୍ବିଧାନିକ ଯୋଜନାକୁ ଚ୍ୟାଲେଞ୍ଜ କରି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀମାନେ ଦାବି କରିଛନ୍ତି ଯେ, ଏହି ଯୋଜନାଗୁଡ଼ିକ ସାଧାରଣ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ନ ଯାଇ କିଛି ଶିକ୍ଷକ ଏବଂ କର୍ମଚାରୀଙ୍କୁ ନିୟମିତ ସରକାରୀ ଚାକିରିରେ ସାମିଲ କରିବାର ଏକ ଅବସର ପ୍ରଦାନ କରୁଛି।ଆବେଦନରେ କୁହାଯାଇଛି ଯେ ଏପରି ଯୋଜନାଗୁଡ଼ିକ ନିରପେକ୍ଷ, ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ ନିଯୁକ୍ତି ନୀତିର ବିପରୀତ। ଏହା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ନିୟମିତ ଚୟନ ପ୍ରକ୍ରିୟା ବିନା ସରକାରୀ ଚାକିରିରେ ପ୍ରବେଶ କରିବାକୁ ଅନୁମତି ଦେଉଛି। ଆବେଦନକାରୀମାନେ ଏହି ଯୋଜନାଗୁଡ଼ିକର ସାମ୍ବିଧାନିକ ବୈଧତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ ଜଡିତ ପକ୍ଷମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି। କୋର୍ଟ ମଧ୍ୟବର୍ତ୍ତୀକାଳୀନ ଭାବରେ ସ୍ପଷ୍ଟ କରିଛନ୍ତି ଯେ, ନିର୍ଦ୍ଧାରିତ ଯୋଗ୍ୟତା ବିନା କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ନାହିଁ। କୋର୍ଟ ଏହା ମଧ୍ୟ କହିଛନ୍ତି, ଯଦି ଏପରି ଶିକ୍ଷକମାନେ ପ୍ରାସଙ୍ଗିକ ଆଇନ ଅନୁଯାୟୀ ଧାର୍ଯ୍ୟ ଯୋଗ୍ୟତା ପୂରଣ ନକରନ୍ତି ତେବେ ସେମାନଙ୍କୁ ଚାକିରି ଜାରି ରଖିବାକୁ ଅନୁମତି ଦିଆଯିବ ନାହିଁ।

## ୯/୧୧ ଆତଙ୍କୀ ହମଲା

# ଅଲ୍ କାଏଦା-ସାଉଦି ଲିଙ୍କ୍ ନେଇ ଚାଞ୍ଚଲ୍ୟ

ୱାଶିଂଟନ: ଆମେରିକାରେ ହୋଇଥିବା ୯/୧୧ ଆକ୍ରମଣକୁ ୨୫ ବର୍ଷ ବିତିଗଲାଣି। କିନ୍ତୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆତଙ୍କବାଦୀ ଆକ୍ରମଣକୁ ନେଇ ରହସ୍ୟର ପର୍ଦ୍ଦାଫାସ୍ ଏବେ ବି ହୋଇନି।୨୦୦୧ରେ ଆକ୍ରମଣର କିଛି ଦିନ ପରେ, ତଦନ୍ତକାରୀ ସଂସ୍ଥାଗୁଡ଼ିକୁ କିଛି ଏପରି ଭିଡିଓ ଏବଂ ତଥ୍ୟ ମିଳିଥିଲା ଯାହା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କର ଅଲ୍-କାଏଦା ଏବଂ ସାଉଦି ଆରବ ସରକାରୀ ଅଧିକାରୀଙ୍କ ସହ ସମ୍ପର୍କକୁ ସୂଚିତ କରିଥାଏ। ତେବେ ବାରମ୍ବାର ତଦନ୍ତ ସତ୍ତ୍ୱେ ଏହି ପ୍ରମାଣ ୨୫ ବର୍ଷ ପର୍ଯ୍ୟନ୍ତ ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍(ଏଫବିଆଇ)ର ନାଲିଫିତା ତଳେ ରହିଥିଲା। ବର୍ତ୍ତମାନ, ବିବିସିର ଏକ ରିପୋର୍ଟ ଏହି ଭିଡିଓଗୁଡ଼ିକୁ ପ୍ରକାଶ କରିଛି, ଯାହା ପୁରୁଣା ମାମଲାକୁ ପୁଣି ଥରେ ଲୋକଲୋଚନକୁ ଆଣିଛି। ଏହି ପୁରୁଣା ଭିଡିଓରେ, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଜଣେ ବ୍ୟକ୍ତିଙ୍କ ସହିତ ଦେଖାଯାଉଛି ଯିଏ ପରେ ଜଣେ ପ୍ରମୁଖ ଅଲ୍-କାଏଦା ନେତା ହୋଇଥିଲେ। ଏହା ବ୍ୟତୀତ, ତାଙ୍କ ସହିତ ଜଣେ ସାଉଦି ସରକାରୀ ଅଧିକାରୀ ମଧ୍ୟ ଦେଖାଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ୯/୧୧ ପୀଡିତଙ୍କ ପରିବାର ଦ୍ୱାରା ଦାୟର ୧ ଟ୍ରିଲିୟନ ଡଲାରର ମାମଲାର କେନ୍ଦ୍ରରେ ଥିବା ଓମାର ଅଲ୍-ବାୟୁମିଙ୍କର ସାଉଦି ଆରବର ସରକାରୀ ଅଧିକାରୀଙ୍କ ସହିତ ଘନିଷ୍ଠ ସମ୍ପର୍କ ଥିଲା। ସେ ଭବିଷ୍ୟତର ଜଣେ ଅଲ୍-କାଏଦା ନେତାଙ୍କ ସହିତ ପେଣ୍ଟବଲ୍ ଖେଳିଥିଲେ। ଏହାର ଏକ ଭିଡିଓ ବିବିସି ଦ୍ୱାରା ପ୍ରାପ୍ତ ହୋଇଛି। ଗୁରୁତ୍ୱପୂର୍ଣ୍ଣ



କଥା ହେଉଛି, ଏହି ଭିଡିଓଗୁଡ଼ିକ ୨୦୦୧ ମସିହାରେ ୯/୧୧ ଆକ୍ରମଣର କିଛି ଦିନ ପରେ ଏଫବିଆଇ ପାଖରେ ପହଞ୍ଚିଥିଲା । ରିପୋର୍ଟ ଅନୁଯାୟୀ, ଭିଡିଓରେ ଥିବା ବୟାନଗୁଡ଼ିକ ଗତ ୨୫ ବର୍ଷ ଧରି ଓମାର ଅଲ୍-ବାୟୁମିଙ୍କ ଦ୍ୱାରା କରାଯାଇଥିବା ଦାବିର ବିପରୀତ ରହିଛି। ସେ ଲଗାତାର ଭାବରେ ନିଜକୁ ଜଣେ ଆତଙ୍କବାଦୀ କିମ୍ବା ସାଉଦି ଗୁପ୍ତଚର ବୋଲି ଅସ୍ୱୀକାର କରିଆସୁଛନ୍ତି।

# ଯୁଦ୍ଧାସ୍ତ୍ର ଭର୍ତ୍ତି ସାଉଦି ଟ୍ରକ୍‌କୁ ଉଡ଼ାଇଲା ହୁତି

ତେହେରାନ : ଇରାନ ସମର୍ଥିତ ୟେମେନର ହୁତି ବିଦ୍ରୋହୀ ଘଟାଇଛନ୍ତି ଭୟଙ୍କର କାଣ୍ଡ। ହୁତି ପକ୍ଷରୁ ଯୁଦ୍ଧାସ୍ତ୍ର ଭର୍ତ୍ତି ସାଉଦି ଆରବର ଏକାଧିକ ଟ୍ରକ ଉପରେ ବାଲାଷ୍ଟିକ ମିସାଇଲ ମାଡ଼ କରାଯାଇଛି। ଟ୍ରକ ଗୁଡ଼ିକ ସାମରିକ ସରଞ୍ଜାମ ଧରି ସୀମାନ୍ତ ଅଲ ୱାଦିଆ ଅତିକ୍ରମ କରୁଥିବା ବେଳେ ହୁତି ବିଦ୍ରୋହୀମାନେ ଏହାକୁ ପୂରା ମାଟିରେ ମିଶାଇ ଦେଇଛନ୍ତି। ୟେମେନ ନ୍ୟୁଜ ଏଜେନ୍ସିର ରିପୋର୍ଟ ଅନୁସାରେ, ଆକ୍ରମଣରେ ବ୍ୟବହୃତ ମିସାଇଲ ଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ତିଆରି କରାଯାଇଥିଲା। ହୁତି ପକ୍ଷରୁ ପ୍ରଥମେ ସାଉଦି କ୍ୟାମ୍ପ ଓ ଟ୍ରୁପର ନୀରିକ୍ଷଣ ଅଲ ୱାଦିଆ ଠାରେ କରାଯାଇଥିଲା।ଏହି ସମୟରେ ଗୁଳିଗୋଳା ଓ ଯୁଦ୍ଧାସ୍ତ୍ର ଭର୍ତ୍ତି ବଡ଼ବଡ଼ ଟ୍ରକ୍ ସମ୍ପର୍କରେ ସଂଗଠନ ଜାଣିବାକୁ ପାଇଥିଲା। ଟ୍ରକରେ ବିପୁଳ ପରିମାଣର ଯୁଦ୍ଧାସ୍ତ୍ର ଥିବା ଜଣାପଡ଼ିବା ପରେ ହିଁ ସେଗୁଡ଼ିକ ଉପରେ ବାଲାଷ୍ଟିକ ମିସାଇଲ ମାଡ଼ କରାଯାଇଥିଲା।ଆକ୍ରମଣର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଯୁଦ୍ଧାସ୍ତ୍ର ଭର୍ତ୍ତି ଟ୍ରଗଗୁଡ଼ିକ ଉପରେ ମିସାଇଲ ମାଡ଼ ହେବା ପରେ ଆଖାପାଖ ଅଞ୍ଚଳରେ ମଧ୍ୟ ଛୋଟ ଛୋଟ ବିସ୍ଫୋରଣ ହୋଇଥିଲା।ଏହାପରେ



ପୂରା ଆକାଶ କଳାଧୂଆଁରେ ଆଚ୍ଛାଦିତ ହୋଇଯାଇଥିବାର ଭିଡିଓ ସାମ୍ନାକୁ ଆସିଛି। ବିସ୍ଫୋରଣ ପରେ ସୈନ୍ୟମାନେ ସେଠାରେ ଥିବା କ୍ୟାମ୍ପ ଛାଡ଼ି ଦୌଡୁ ଥିବା ଦେଖାଯାଉଛି। ସାଉଦି ଆରବ ଓ ହୁତି ମଧ୍ୟରେ ୪ ବର୍ଷ ଧରି ଲାଗୁ ହୋଇଥିବା ଯୁଦ୍ଧ ବିରତି ଚଳିତ ବର୍ଷ ଜୁଲାଇରେ ଭୁଶୁଡ଼ି ପଡ଼ିଛି। ଆମେରିକା-ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଏପରି ଘଟଣା ଘଟିଛି।

# ପ୍ରିନ୍ସ ହ୍ୟାରି,ମେଘାନଙ୍କୁ ଆଉ ମିଳିବନି ରାଜକୀୟ ମାନ୍ୟତା

ଲଣ୍ଡନ: ରାଜା ଚାର୍ଲ୍ସ ତୃତୀୟ କହିଛନ୍ତି, ତାଙ୍କ ପୁଅ ପ୍ରିନ୍ସ ହ୍ୟାରି ଏବଂ ପୁତ୍ରବଧୂ ମେଘାନ ମାର୍କେଲ ଆମେରିକାରୁ ବ୍ରିଟେନ୍ ପହଞ୍ଚିବା ପରେ ସେମାନଙ୍କୁ ଆଉ ରାଜପରିବାରର ସଦସ୍ୟ ଭାବରେ ବିବେଚନା କରାଯିବ ନାହିଁ। ରାଜପରିବାର ମଧ୍ୟରେ ବିବାଦ ଯୋଗୁଁ ଏହି ଦମ୍ପତି ୨୦୨୦ ମସିହାରେ ବ୍ରିଟେନ ଛାଡିଥିଲେ ଏବଂ ସେମାନଙ୍କର ରାଜକୀୟ ଦାୟିତ୍ୱ ପରିତ୍ୟାଗ କରିଥିଲେ। ଗତ ମାସରେ, ହ୍ୟାରି ଏବଂ ମେଘାନ ସେମାନଙ୍କର ଦୁଇ ଛୋଟ ପିଲାଙ୍କ ସହିତ ରହିବା ପାଇଁ ୟୁକେ ଫେରି ଆସିଛନ୍ତି। ଚାର୍ଲ୍ସ ଏକ ଚିଠିରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ, ଦମ୍ପତିଙ୍କ ସ୍ଥିତି ସାଧାରଣ ନାଗରିକଙ୍କ ପରି ଏବଂ ସେମାନଙ୍କୁ ସେମାନଙ୍କର ରାଜକୀୟ ମହାମହିମ ଭାବରେ ସମ୍ବୋଧିତ କରାଯିବ ନାହିଁ। କାର୍ଯ୍ୟରତ ରାଜକୀୟ ସଦସ୍ୟମାନେ ରାଜପରିବାରର ସଦସ୍ୟ ଯେଉଁମାନେ ରାଜା କିମ୍ବା ରାଣୀଙ୍କ ପକ୍ଷରୁ ସରକାରୀ କର୍ତ୍ତବ୍ୟପାଳନ କରିଥାନ୍ତି। ଏହା କରିବା ପାଇଁ, ସେମାନେ ରାଜକୀୟ ପରିବାରରୁ ପ୍ରଶାସନିକ ଏବଂ ଅନ୍ୟାନ୍ୟ ସମର୍ଥନ ପାଇଥାନ୍ତି। ରାଜପରିବାରର ସବୁଠାରୁ ବରିଷ୍ଠ ଅଧିକାରୀ ଲର୍ଡ ଚାମ୍ବରଲେନଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ଚିଠିରେ କୁହାଯାଇଛି ଯେ ରାଜକୁମାର ଏବଂ ମେଘାନଙ୍କ ସ୍ଥାନାନ୍ତର ପରେ ମାର୍ଗଦର୍ଶନ ପାଇଁ ଅନେକ ଅନୁରୋଧ ଆସିଥିଲା। କୌଣସି



ସନ୍ଦେହ କିମ୍ବା ଦ୍ୱନ୍ଦ୍ୱକୁ ଏଡାଇବା ପାଇଁ ଏହି ଚିଠି ଜାରି କରାଯାଇଛି। ଏଥିରେ କୁହାଯାଇଛି, ଏହା ସମସ୍ତଙ୍କୁ ଜଣା ଯେ ଜାନୁଆରି ୨୦୨୦ରେ, ହ୍ୟାରି ଏବଂ ମେଘାନ ଶାସକଙ୍କ ପକ୍ଷରୁ ସେମାନଙ୍କର ପ୍ରତିନିଧିତ୍ୱ ଦାୟିତ୍ୱ ନିର୍ବାହ କରିବା ବନ୍ଦ କରିଦେଇଥିଲେ ଏବଂ ଏବେ ସେମାନେ ଆଉ ରାଜପରିବାରର କାର୍ଯ୍ୟରତ ସଦସ୍ୟ ନୁହଁନ୍ତି। ଏହି ଭୂମିକା କାର୍ଯ୍ୟରତ ରାଜପରିବାର ଦ୍ୱାରା ସମ୍ପାଦିତ ସରକାରୀ ଏବଂ ରାଜକୀୟ କର୍ତ୍ତବ୍ୟଠାରୁ ଭିନ୍ନ। ତେବେ ଦମ୍ପତିଙ୍କ ନିଜସ୍ୱ ଆର୍ଥିକ ସ୍ୱାଧୀନତା ଏବଂ ଗୋପନୀୟତା ବ୍ୟବହାର କରିବାର ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ସମ୍ମାନ ଦିଆଯିବ।୨୦୨୦ ମସିହାରେ ହ୍ୟାରି ଏବଂ ତାଙ୍କ ପତ୍ନୀ ରାଜକୀୟ ଦାୟିତ୍ୱରୁ ଓହରି ଯିବା ପରେ, ତାଙ୍କ ଜେଜେମା, ରାଣୀ ଏଲିଜାବେଥ୍ ସେମାନଙ୍କୁ ସେମାନଙ୍କର ରୟାଲ ହାଇନେସ୍ ଉପାଧି, ପୁଲିସ ସୁରକ୍ଷା ଏବଂ ସରକାରୀ ପାଣ୍ଠିରୁ ବଞ୍ଚିତ କରିଥିଲେ। ବର୍ତ୍ତମାନର ବରିଷ୍ଠ କାର୍ଯ୍ୟରତ ରାଜପରିବାର ସଦସ୍ୟମାନେ ହେଉଛନ୍ତି, ଚାର୍ଲ୍ସ, ତାଙ୍କ ପତ୍ନୀ ରାଣୀ କାମିଲା, ପୁଅ ଏବଂ ଉତ୍ତରାଧିକାରୀ ପ୍ରିନ୍ସ ୱିଲିୟମ୍ ଏବଂ ତାଙ୍କ ପତ୍ନୀ କ୍ୟାଥରିନ, ୱେଲ୍ସର ରାଜକୁମାରୀ, ଏବଂ ଚାର୍ଲ୍ସଙ୍କ ଭଉଣୀ ରାଜକୁମାରୀ ଆନ୍ ଏବଂ ଭାଇ ଏଡୱାର୍ଡ ଏବଂ ତାଙ୍କ ପତ୍ନୀ ସୋଫି। ସେମାନେ ଏଡିନବର୍ଗର ଡ୍ୟୁକ୍ ଏବଂ ଡଚେସ୍। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ଅନେକ ସମ୍ପର୍କୀୟ ଭାଇଭଉଣୀ ଅନ୍ତର୍ଭୁକ୍ତ ଅଛନ୍ତି। ସୂଚନା ଅନୁଯାୟୀ ହ୍ୟାରି ଏବଂ ମେଘାନ, ଯେଉଁମାନେ ଆନୁଷ୍ଠାନିକ ଭାବରେ ସସେକ୍ସର ଡ୍ୟୁକ୍ ଏବଂ ଡଚେସ୍ ଭାବରେ କେନ୍ଦ୍ରୀୟ ଇଂଲଣ୍ଡର କଟ୍ସୱୋଲ୍ଡସ୍ ଅଞ୍ଚଳରେ ରହୁଛନ୍ତି ଏବଂ ଆଗାମୀ ଶିକ୍ଷାବର୍ଷ ପାଇଁ ସେମାନଙ୍କ ପିଲାମାନଙ୍କର ସେଠାକାର ଘରୋଇ ସ୍କୁଲରେ ନାମ ଲେଖାଇଥିବା କୁହାଯାଉଛି।

# ଚୀନରେ ପ୍ରଳୟଙ୍କରୀ ଭୂସ୍ଖଳନ : ୬ ମୃତ



ବେଜିଂ: ଗତ ଶନିବାର ଜିଆଙ୍ଗସି ପ୍ରଦେଶର ମିଙ୍ଗକେଙ୍ଗ ଗ୍ରାମରେ ମଡସ୍ଲାଇଡ୍ ଯୋଗୁଁ ୫ ଜଣଙ୍କର ମୃତ୍ୟୁ ଏବଂ ୭ ଜଣ ଏବେ ବି ନିଖୋଜ ଥିବା ବେଳେ ଆଜି ପୂର୍ବ ଚୀନରେ ଘୂର୍ଣ୍ଣିଝଡ଼ 'ସୌଦେଲ୍' ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ସଙ୍ଘଟିତ ଭୂସ୍ଖଳନରେ ୬ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୯ ଜଣ ନିଖୋଜ ଅଛନ୍ତି। ସେହିପରି ନିକଟସ୍ଥ ଜୁଓଆନ୍ ଓ ତାଙ୍ଗହୁ ସହରରେ ଅନ୍ୟ ଏକ ଭୂସ୍ଖଳନରେ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି ଏବଂ ୨ ଜଣ ନିଖୋଜ ରହିଛନ୍ତି। ସମସ୍ତଙ୍କୁ ଉଦ୍ଧାର ପାଇଁ ଜୋରଦାର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗତ ମାସ ଶେଷ ଆଡ଼କୁ ଚୀନର ପୂର୍ବ ଉପକୂଳରେ ସ୍ଥଳଭାଗ ଛୁଇଁଥିବା ଘୂର୍ଣ୍ଣିଝଡ଼ 'ସୌଦେଲ୍' ଯୋଗୁଁ କ୍ରମାଗତ ଅତି ପ୍ରବଳ ବର୍ଷା ଜାରି ରହିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଅନେକ ସହରରେ ସ୍କୁଲ, କାର୍ଯ୍ୟାଳୟ ଏବଂ ପରିବହନ ସେବା ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା। ମିଙ୍ଗକେଙ୍ଗ ଗ୍ରାମରେ ଭୂସ୍ଖଳନ ଯୋଗୁଁ ବହୁ ଘରଦ୍ୱାର ଭାଙ୍ଗିରୁଜି ଯାଇଥିବା ବେଳେ ରାସ୍ତାଘାଟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଘଟଣାସ୍ଥଳରେ ୧୭୦ରୁ ଉର୍ଦ୍ଧ୍ୱ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି।

# ବିଶ୍ୱ ୬-ଜି ଦୌଡ଼ରେ ଭାରତ ସାମିଲ

ୱାଶିଂଟନ : ଆମେରିକାର ବାଣିଜ୍ୟ ବିଭାଗ କହିଛି, ଭାରତ ପରବର୍ତ୍ତୀ ପିଢ଼ିର ୬-ଜି ଦୂରସଂଚାର ନେଟୱାର୍କର ବିକାଶ ଏବଂ ନିୟୋଜନ ପାଇଁ ଏକ ବିଶ୍ୱସ୍ତରୀୟ ପଦକ୍ଷେପରେ ଆମେରିକା ଏବଂ ଅନ୍ୟ ୨୪ଟି ଦେଶ ସହିତ ଯୋଗ ଦେଇଛି। ଭାରତ ଜ୍ଞାନକୌଶଳକୁ ସୁଦୃଢ଼ କରିବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆମ ସହିତ ସାମିଲ ହୋଇଛି। ବାଣିଜ୍ୟ ବିଭାଗ, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି, ଆମେରିକାର ଉତ୍ତର କାରୋଲିନାର ଚାପେଲ ହିଲରେ ଅନୁଷ୍ଠିତ ଜି-୨୦ ନବସୃଜନ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏବଂ ଭାରତର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଛି। ବୈଠକରେ ଭାରତ ୬-ଜି ଟେଲିକମ୍ୟୁନିକେସନ୍ ନେଟୱାର୍କ ବିକାଶ ଏବଂ ନିୟୋଜିତ କରିବା ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପରେ ଯୋଗ ଦେଇଛି। ଏହି ବୈଠକ ଆମେରିକାର ବାଣିଜ୍ୟ ବିଭାଗ ଏବଂ ହ୍ୱାଇଟ୍ ହାଉସ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନୀତି କାର୍ଯ୍ୟାଳୟ




ଦ୍ୱାରା ଆୟୋଜିତ ହୋଇଥିଲା। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅନୁଯାୟୀ, ଜିତିନ ପ୍ରସାଦଙ୍କ ସହିତ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଜିତ କୁମାର, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ବରିଷ୍ଠ ଅଧିକାରୀମାନେ ତଥା ଆମେରିକାରେ ଭାରତୀୟ ଦୂତାବାସର ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀସ୍ତରୀୟ ବୈଠକର ଶେଷରେ, ଜି-୨୦ ମନ୍ତ୍ରୀମାନେ ନବସୃଜନ ମନ୍ତ୍ରୀସ୍ତରୀୟ ବିବୃତି ଜାରି କରି ସ୍ୱୀକାର କରିଥିଲେ, ଆଗାମୀ ଦିନରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଆଣିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ସମସ୍ତ ଲୋକଙ୍କ ପାଇଁ ସୁଯୋଗ ବିସ୍ତାର କରିବାର ସମ୍ଭାବନା ରହିଛି।ଦ୍ୱିପାକ୍ଷିକ ଆଲୋଚନାରେ, ଉଭୟ ପକ୍ଷ ସେମିକଣ୍ଡକ୍ଟର, ଏଆଇ ଏବଂ ଡାଟା ସେଣ୍ଟରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମତ ବିନିମୟ କରିଥିଲେ। ବୈଠକରେ, ଜିତିନ ପ୍ରସାଦ ଏସଏମ-୨.୦ରେ ଅଧିକ ଆମେରିକୀୟ ନିବେଶର ସମ୍ଭାବନାକୁ ପ୍ରୋତ୍ସାହିତ କରିଥିଲେ, ଏଆଇ ପ୍ରଯୁକ୍ତି ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଏଆଇ ପାଇଁ ସୁରକ୍ଷା ପାଇଁ ଏକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିତିନ ପ୍ରସାଦ କହିଥିଲେ, ଭାରତ ପରି ଏକ ଉଦୀୟମାନ ଡିଜିଟାଲ ଅର୍ଥନୀତିର ଅତ୍ୟାବଶ୍ୟକ ନିର୍ମାଣକାରୀ ଅଂଶ ହେଉଛି ସେମିକଣ୍ଡକ୍ଟର ଏବଂ ଏଆଇ ଡାଟା ସେଣ୍ଟର। ଉଭୟ ପକ୍ଷ ବ୍ୟବହାରିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ଆଲୋଚନା କରିଛନ୍ତି।

## ଏଆଇ ପକ୍ଷରୁ ସ୍ୱଚ୍ଛ ସଫ୍ଟୱେୟାର ଭର୍ସନ

ମୁମ୍ବାଇ: ଏଆଇ ସ୍ମାର୍ଟଫୋନ ପକ୍ଷରୁ ନେକ୍ସଟ କ୍ୱାଣ୍ଟମ ଓଏସ ଭି୧.୧ର ଶୁଭାରମ୍ଭ କରାଯାଇଛି ଯାହା ଏହାର ଗୋପନୀୟତା ଢାଞ୍ଚକୁ ସୁଦୃଢ କରିଛି ଏବଂ ଆପ୍ଲିକେଶନଗୁଡିକ କିଭଳି ନିଜର ଡିଭାଇସ ଓ ଡାଟା ଆକ୍ସେସ କରୁଛନ୍ତି ତାହା ଉପରେ ଉପଭୋକ୍ତାଙ୍କୁ ଉନ୍ନତ ଦୃଶ୍ୟମାନତା ଓ ନିୟନ୍ତ୍ରଣ ପ୍ରଦାନ କରିଥାଏ । ଡାଟା ଅଖଣ୍ଡତା ଓ ସୁରକ୍ଷା ପାଇଁ ପ୍ରତିବଦ୍ଧତାର ଅଂଶ ଭାବେ ନେକ୍ସଟ କ୍ୱାଣ୍ଟମ ଏକ କଠୋର ସାର୍ବଭୌମ୍ୟ ଡାଟା ସୀମା ଲାଗୁ କରିଥାଏ, ଯାହା ନିଶ୍ଚିତ କରିଥାଏ ଯେ, ୧୦୦% ଆପ୍ଲିକେଶନ ଡାଟା ଟ୍ରାଫିକ ସ୍ଥାନୀୟ, ଭାରତ-ଆୟୋଜିତ ଭିତିଭୂମି ମାଧ୍ୟମରେ ପଠାଯାଇଛି । ଏହି ମଜବୁତ ସିଷ୍ଟମ ପରିଧି ସୁରକ୍ଷା ନିଶ୍ଚିତ କରିବା ପାଇଁ ୧୦୦୦ରୁ ଅଧିକ କନେକ୍ସନ ଓ ୧୭୨ଟି ସ୍ୱତନ୍ତ୍ର ଡେଷ୍ଟିନେଶନ ଆଇପିଓରେ ସୋର୍ସ ନିୟମଗୁଡିକର ସ୍ୱଂଚାଳିତ ବିଶ୍ଳେଷଣ କରିଥାଏ ।ଏହି ଅପଡେଟ୍ ଉପରେ ମନ୍ତବ୍ୟ ଦେଇ, ନେକ୍ସଟକ୍ୱାଂଟମ ସିଫଫ ଟେକ୍ନୋଲୋଜିସ୍ ଏଆଇ ସ୍ମାର୍ଟଫୋନର ସିଇଓ ମାଧବ ସେଠ କହିଛନ୍ତି, ଟେକ୍ନୋଲୋଜିର ଭବିଷ୍ୟତ ଏହା କ'ଣ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇନଥାଏ । ବରଂ ଏହା ଲୋକମାନେ ଏହାକୁ କେତେ ବିଶ୍ୱାସ କରିପାରିବେ ଏବଂ ଏହା ଆକାଂକ୍ଷାଗୁଡିକୁ କିଭଳି ସକ୍ଷମ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇଥାଏ ।

# ଧରାପଡ଼ିଲା ନକଲି ପିଏମଓ ଅଧିକାରୀ

ମୁମ୍ବାଇ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷା ପ୍ରତି ବିପଦ। ମୋଦିଙ୍କ କାର୍ଯ୍ୟକ୍ରମ ସ୍ଥଳରୁ ଧରାପଡ଼ିଛି ଜଣେ ନକଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ) ଅଧିକାରୀ। ଧରାପଡ଼ିଥିବା ବ୍ୟକ୍ତି ସହ ଜଣେ ବଡିଗାର୍ଡ ବି ରହିଥିଲା। ପୁଲିସ୍ ବଡିଗାର୍ଡ ଠାରୁ ଗୋଟିଏ ବନ୍ଧୁକ ଜବତ କରିବା ଘଟଣା ହଇଚଇ ସୃଷ୍ଟି କରିଛି। ଆଉ କିଛି ସମୟ ପରେ ପ୍ରଧାନମନ୍ତ୍ରୀ ମୋଦି ମୁମ୍ବାଇ ସ୍ଥିତ ଜିଓ ୱାର୍ଲ୍ଡ କେନ୍ଦ୍ରରେ ଗ୍ଲୋବାଲ ଫିନଟେକ ଫେଷ୍ଟ ୨୦୨୬ର ଉଦଘାଟନ କରିବେ।ଏହି କାର୍ଯ୍ୟକ୍ରମରେ ଅନାଧିକାର ଭାବେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ଜଣେ ବ୍ୟକ୍ତି ନିଜକୁ ପିଏମଓ ଅଧିକାରୀ କହୁଥିଲା। ତା' ପାଖରୁ ପିଏମଓର ନକଲି ପରିଚୟପତ୍ର ମଧ୍ୟ ମିଳିଛି। ନକଲି ପିଏମଓ ନିଜର ଦବାଦବା ଦେଖାଇବାକୁ ଜଣେ ଯୁବକଙ୍କୁ ବଡିଗାର୍ଡ ଭାବେ କାର୍ଯ୍ୟକ୍ରମ ସ୍ଥଳକୁ ଆଣିଥିଲା। ଯାଞ୍ଚ ପରେ ବଡିଗାର୍ଡ ନିକଟରୁ ପୁଲିସ ବନ୍ଧୁକ ଜବତ କରିଛି। ମୁମ୍ବାଇ ପୁଲିସ୍ର କହିବା କଥା ଯେ ଗିରଫ ଅଭିଯୁକ୍ତ ଜଣକ ହେଲା ରୋହନ ପାରେଖ। ସେ ସେପ୍ଟେମ୍ବର ୭ରେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ପ୍ରବେଶ ପାଇଁ ଉଦ୍ୟମ କରୁଥିଲା। ତେବେ ସୁରକ୍ଷାକର୍ମୀମାନେ ତା'ର ଗତିବିଧି ଉପରେ ସନ୍ଦେହ କରିଥିଲେ। ତା' ପାଖରେ ଥିବା ପରିଚୟପତ୍ରକୁ ମଧ୍ୟ ଯାଞ୍ଚ କରାଯାଇଥିଲା।ଏହି ସମୟରେ ପିଏମଓର ପରିଚୟପତ୍ରଟି ନକଲି ବୋଲି ଜଣାପଡ଼ିଛି। ରୋହନ ପାରେଖ ସହ ଥିବା ଆଉ ଜଣେ ଯୁବକଙ୍କ ଠାରୁ ବନ୍ଧୁକ ଜବତ ହୋଇଛି। ସେ ନିଜକୁ ରୋହନର ବଡିଗାର୍ଡ ବୋଲି କହୁଥିଲା। ଏହି ଘଟଣା ପରେ ବିକେସି ପୁଲିସ୍ ଷ୍ଟେସନରେ ରୋହନ ପାରେଖ ଓ ତା' ବଡିଗାର୍ଡ ବିରୋଧରେ ମାମଲା ରୁଜୁ ହୋଇଛି। ରୋହନ ପାରେଖ ଗୋଟିଏ ଡ୍ରୋନ ଟେକ୍ନୋଲୋଜି ବ୍ୟବସାୟ ଚଳାଉଥିବା ଜଣାପଡ଼ିଛି। ପୁଲିସ୍ ମାମଲା ରୁଜୁ କରିଥିବା ବେଳେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଦାୟିତ୍ୱ ହାତକୁ ନେଇଛି। ସେହିପରି ଦୁଇ ଜଣ ବ୍ୟକ୍ତି ନକଲି ପରିଚୟପତ୍ର ଓ ବନ୍ଧୁକ ଧରି କାର୍ଯ୍ୟକ୍ରମ ସ୍ଥଳକୁ ଯିବାକୁ ଚାହୁଁଥିଲେ, ତା'ର ଖୋଳତାଡ଼ ଆରମ୍ଭ କରିଛି। ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ସହ ଏହାର କିଛି ଲିଙ୍କ ଅଛି କି ନାହିଁ, ତା'ର ମଧ୍ୟ ଯାଞ୍ଚ କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ୭ମ ଗ୍ଲୋବାଲ ଫିନଟେକ ଫେଷ୍ଟକୁ ଉଦଘାଟନ କରିବା ସହ ଏଠାରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧନ କରିବେ। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୧ ଯାଏ ଚାଲିବ। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଦିନକ ପୂର୍ବରୁ ହିଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ରାହୁଲ ଗାନ୍ଧୀଙ୍କୁ ହାଇକୋର୍ଟରୁ ଝଟକା

ମୁମ୍ବାଇ: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବମ୍ବେ ହାଇକୋର୍ଟରୁ ଏକ ବଡ଼ ଝଟକା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ମନ୍ତବ୍ୟ ପାଇଁ ଏକ ମାନହାନି ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ଦ୍ୱାରା ଜାରି ସମନକୁ ହାଇକୋର୍ଟ ଖାରଜ କରିବାକୁ ମନା କରିଦେଇଛନ୍ତି । ଅଭିଯୋଗକାରୀ ବିଜେପି କର୍ମୀ ମହେଶ ଶ୍ରୀଶ୍ରୀମଲ୍ ଅଭିଯୋଗ କରିଛନ୍ତି ଯେ, ରାହୁଲ ଗାନ୍ଧୀ ସେପ୍ଟେମ୍ବର ୨୦୧୮ରେ ରାଜସ୍ଥାନରେ ଏକ ରାଲିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମାନହାନିଜନକ ବକ୍ତବ୍ୟ ଦେଇଥିଲେ। ସେ ପ୍ରଧାନମନ୍ତ୍ରୀଙ୍କୁ ଚୋରଙ୍କ ସର୍ଦ୍ଦାର ବୋଲି କହିଥିଲେ। ଶ୍ରୀମଲ୍ ଗିରଗାଓଁ ମାଜିଷ୍ଟ୍ରେଟ୍ କୋର୍ଟରେ ରାହୁଲଙ୍କ ବିରୋଧରେ ମାନହାନି ମାମଲା ଦାୟର କରିଥିଲେ। ଏହା ପରେ, ମାଜିଷ୍ଟ୍ରେଟ୍ କୋର୍ଟ ଅଗଷ୍ଟ ୨୦୧୯ରେ ରାହୁଲ ଗାନ୍ଧୀଙ୍କୁ



ହାଜର ହେବାକୁ ସମନ କରିଥିଲେ। ଜୁଲାଇ ୨୦୨୧ରେ ସମନ ପାଇବା ପରେ, ରାହୁଲ ଗାନ୍ଧୀ ଏହି ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ। ରାହୁଲ ଗାନ୍ଧୀ ହାଇକୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ବିଜେପି କର୍ମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଆଇନଗତ ଭାବରେ ଅବୈଧ। ସେ ଯୁକ୍ତି ଦର୍ଶାଇଥିଲେ ଯେ ଅଭିଯୋଗରେ ଦଳର ନାମ ନିଆଯାଇନାହିଁ ଏବଂ କୌଣସି ଚିହ୍ନିତ କିମ୍ବା ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଇନାହିଁ। ତେଣୁ, କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ସ୍ପଷ୍ଟ ଭାବରେ ମାନସିକ ଭାବେ ଆଘାତ ହୋଇନାହାନ୍ତି। ବମ୍ବେ ହାଇକୋର୍ଟର ବିଚାରପତି ନୀତିନ ବୋରକର ରାହୁଲ ଗାନ୍ଧୀଙ୍କ ଯୁକ୍ତିକୁ ଖାରଜ କରିଛନ୍ତି। ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କାର୍ଯ୍ୟଧାରା ଛଅ ସପ୍ତାହ ପାଇଁ ସ୍ଥଗିତ ରହିବ।

# ୨୦୨୭ରେ ଦେଶର ପ୍ରଥମ ସ୍ୱଦେଶୀ ବୁଲେଟ୍ ଟ୍ରେନର ଟ୍ରାକ୍ ଟେଷ୍ଟିଂ

ନୂଆଦିଲ୍ଲୀ: ଭାରତର ପ୍ରଥମ ଘରୋଇ ଜ୍ଞାନକୌଶଳରେ ନିର୍ମିତ ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି ଏବଂ ଆସନ୍ତା ୨୦୨୭ ମେ' କିମ୍ବା ଜୁନ୍ ସୁଦ୍ଧା ଏହା ଟ୍ରାକ୍ରେ ପରୀକ୍ଷାମୂଳକ ଚାଲିବ। ମଙ୍ଗଳବାର ଗୁଜରାଟର ଭଦୋଦରାଠାରେ ଆୟୋଜିତ 'ନମୋ ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୫,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଛନ୍ତି। ସଭାକୁ ସମ୍ବୋଧିତ



କରି ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି ଯେ, ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ନିର୍ମାଣ ଶେଷ ହେବା ପରେ ଏହାକୁ "ସ୍କ୍ୱଇଜ୍ ଟେଷ୍ଟ" ପାଇଁ ପଠାଯାଇଛି। ଆସନ୍ତା ବର୍ଷ ମେ' କିମ୍ବା ଜୁନ୍ ମାସ ସୁଦ୍ଧା ଏହା ପରୀକ୍ଷାମୂଳକ ଭାବେ ଟ୍ରାକକୁ ଆସିବ ଏବଂ ୨ରୁ ୪ ମାସର କଠିନ ପରୀକ୍ଷଣ ପରେ ପ୍ରଧାନମନ୍ତ୍ରୀ ନିଜେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିବେ। ଏହି ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ ହେବା ପରେ ଭଦୋଦରାରୁ ମୁମ୍ବାଇ ଯାତ୍ରା ସମୟ ହ୍ରାସ ପାଇ ମାତ୍ର ୧ ଘଣ୍ଟା ୩୦ ମିନିଟରେ ପହଞ୍ଚିବ। ଏଥିସହିତ ଗୁଜରାଟର ସୁରଟରୁ ବିଲିମୋରା ମଧ୍ୟରେ ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ କରିଡରର ପ୍ରଥମ ପର୍ଯ୍ୟାୟ ସେବା ଆସନ୍ତା ବର୍ଷଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଦାଦ୍ରିରୁ ଜେଏନପିଟି ପର୍ଯ୍ୟନ୍ତ "ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର" ସମ୍ପର୍କରେ ଆଲୋଚନା କରି ରେଳମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଏହି କରିଡରର ପରିକଳ୍ପନା କରାଯାଇଥିଲା। ମାତ୍ର ପରବର୍ତ୍ତୀ କଂଗ୍ରେସ ସରକାରଗୁଡ଼ିକ ଏହା ପ୍ରତି ଧ୍ୟାନ ଦେଇନଥିଲେ। ୨୦୧୪ରେ ପ୍ରଧାନମନ୍ତ୍ରୀ ମୋଦୀ ଦାୟିତ୍ୱ ଗ୍ରହଣ କରିବା ବେଳକୁ କରିଡରର ଗୋଟିଏ କିଲୋମିଟର କାମ ମଧ୍ୟ ଶେଷ ହୋଇନଥିଲା। ମୋଦୀ ସରକାର ଆସିବା ପରେ ପାଣ୍ଠି, ଡିଜାଇନ୍ ଏବଂ ଜମି ଅଧିଗ୍ରହଣ ଜନିତ ସମସ୍ତ ଜଟିଳ ସମସ୍ୟାର ସମାଧାନ କରି ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇଛନ୍ତି।

ସମୟ

# ଏସିଆ ପାସିଫିକ୍ କ୍ରୀଡ଼ା : ଅନ୍ୱିତାଙ୍କୁ ରୌପ୍ୟ




କୋଲକାତା, ୮।୯(ଏଜେନ୍ସି) : ହେରିଟେଜ୍ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅନ୍ୱିତା ମୁଖାର୍ଜୀ ଥାଇଲାଣ୍ଡରେ ଅନୁଷ୍ଠିତ ୩ୟ ଡବ୍ଲ୍ୟୁଏଫ୍ଏଫ୍ୱାଇଏସଆଇ ଏସିଆ ପାସିଫିକ୍ ସ୍ପୋର୍ଟସ୍ (ଯୋଗ) ଚାମ୍ପିଅନସିପ ୨୦୨୬ରେ ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ଦ୍ୱାରା ସେ ହେରିଟେଜ୍ ସ୍କୁଲର ଗୌରବ ବଢ଼ାଇଛନ୍ତି। ଏକ ଅନ୍ତର୍ଜାତୀୟ କ୍ରୀଡ଼ା ମଞ୍ଚରେ ପ୍ରତିଯୋଗିତା କରି ଅନ୍ୱିତା ନିଜର ଅସାଧାରଣ ଦକ୍ଷତା, ନିଷ୍ଠା ଓ ଦୃଢ଼ ସଂକଳ୍ପର ପରିଚୟ ଦେଇ ପୋଡିୟମରେ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ଅଧ୍ୟବସାୟ, ଶୃଙ୍ଖଳା ଓ ନିଜର ପସନ୍ଦର କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପ୍ରତି ତାଙ୍କର ପ୍ରତିବଦ୍ଧତାର ପ୍ରମାଣ। ଅନ୍ୱିତାଙ୍କ ଏହି ଉଲ୍ଲେଖନୀୟ ସଫଳତା ସମଗ୍ର ବିଦ୍ୟାଳୟ ସମୁଦାୟ ପାଇଁ ଗର୍ବର ବିଷୟ ହୋଇଛି। ଏହା ହେରିଟେଜ୍ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା କ୍ରୀଡ଼ା ପ୍ରତିଭାକୁ ମଧ୍ୟ ପ୍ରତିଫଳିତ କରୁଛି। ଅନ୍ୱିତାଙ୍କ ସଫଳତା ସହପାଠୀମାନଙ୍କୁ ନିଜର ରୁଚି ଓ ଆଗ୍ରହକୁ ଅନୁସରଣ କରିବା, ନିଜକୁ ଚ୍ୟାଲେଞ୍ଜ କରିବା ଏବଂ ଶ୍ରେଣୀଗୃହ ବାହାରେ ମଧ୍ୟ ଉତ୍କର୍ଷ ପାଇଁ ପ୍ରୟାସ କରିବାକୁ ପ୍ରେରଣା ଯୋଗାଇବ। ହେରିଟେଜ୍ ସ୍କୁଲ ପକ୍ଷରୁ ଅନ୍ୱିତା ମୁଖାର୍ଜୀଙ୍କୁ ତାଙ୍କର ଏହି ଉଲ୍ଲେଖନୀୟ ଅନ୍ତର୍ଜାତୀୟ ସଫଳତା ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଆଗାମୀ କ୍ରୀଡ଼ା ଯାତ୍ରା ପାଇଁ ନିରନ୍ତର ସଫଳତା କାମନା କରାଯାଇଛି।

**ଏସିଆଡ ଆଉ ୧୨ ଦିନ**

# ସିଓଲରେ ଦୌଡରାଣୀ ପିଟି ଉଷାଙ୍କ ଦମଦାର ପ୍ରଦର୍ଶନ




ନୂଆଦିଲ୍ଲୀ, ୮।୯(ସବ୍ୟୁ) : ଏସିଆନ୍ ଗେମ୍ସକୁ ଆଉ ୧୨ ଦିନ। ଆଇଚି-ନାଗୋୟା ଏସିଆନ୍ ଗେମ୍ସକୁ ନେଇ କାଉଣ୍ଟଡାଉନ୍ ଜାରି ଥିବା ବେଳେ ମନେ ପଡ଼ିଯାଏ ୧୯୮୬ ସିଓଲ୍ ଏସିଆନ୍ ଗେମ୍ସର ସ୍ମରଣୀୟ ଅଧ୍ୟାୟ। ୧୦ମ ଏସିଆନ୍ ଗେମ୍ସରେ ଭାରତ ମୋଟ ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୨୩ କାଂସ୍ୟ ସହ ୩୭ଟି ପଦକ ଜିତି ପଦକ ତାଲିକାରେ ପଞ୍ଚମ ସ୍ଥାନରେ ରହିଥିଲା। ୧୯୮୨ ନୂଆଦିଲ୍ଲୀ ଏସିଆନ୍ ଗେମ୍ସର ୫୭ ପଦକ ତୁଳନାରେ ଏଥର ଭାରତର ମୋଟ ପଦକ ସଂଖ୍ୟା କମିଥିଲା। ହେଲେ ଭାରତୀୟ ଅଭିଯାନର ମୁଖ୍ୟ ଆକର୍ଷଣ ଥିଲେ ପି.ଟି. ଉଷା। ଭାରତ ଜିତିଥିବା ୫ଟି ସ୍ୱର୍ଣ୍ଣ ମଧ୍ୟରୁ ୪ଟି ଏକାକୀ ଜିତିଥିଲେ ଉଷା। ସେ ୨୦୦ ମିଟର, ୪୦୦ ମିଟର, ୪୦୦ ମିଟର ହର୍ଡଲ୍ସ ଓ ୪×୪୦୦ ମିଟର ରିଲେରେ ସ୍ୱର୍ଣ୍ଣ ଜିତିଥିବା ବେଳେ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ଭାରତର ଅନ୍ୟ ସ୍ୱର୍ଣ୍ଣଟି ପୁରୁଷ ୧୦୦ କେଜି ଫ୍ରିଷ୍ଟାଇଲ୍ କୁସ୍ତିରେ କରତାର ସିଂହ ଜିତିଥିଲେ। ଆଥଲେଟିକ୍ସ ଓ ବକ୍ସିଂରୁ ଭାରତକୁ ୯ଟି ଲେଖାଏଁ ପଦକ ମିଳିଥିଲା। ଜୁଡୋରେ ୪ଟି କାଂସ୍ୟ ସହ ଶୁଟିଂ, ଅଶ୍ୱାରୋହଣ, ହକି, ସେଲିଂ, ସନ୍ତରଣ, ବ୍ୟାଡମିଣ୍ଟନ୍, ଭଲିବଲ୍ ଓ ଭାରୋତ୍ତୋଳନରେ ମଧ୍ୟ ଭାରତ ପଦକ ଜିତିଥିଲା। ଶାଇନି ଆବ୍ରାହାମ୍ ୪୦୦ ମିଟରରେ ରୌପ୍ୟ, ଖଜାନ୍ ସିଂହ ୨୦୦ ମିଟର ବଟରଫ୍ଲାଇରେ ରୌପ୍ୟ, ସୋମା ଦତ୍ତ ଶୁଟିଂରେ ରୌପ୍ୟ ଏବଂ ଫାରୋକ୍ ତାରାପୋରେ ଓ ଧ୍ରୁବ ଭଣ୍ଡାରୀ ସେଲିଂରେ ରୌପ୍ୟ ଜିତିଥିଲେ। ଭାରତୀୟ ପୁରୁଷ ଓ ମହିଳା ହକି ଦଳ ସହ ପୁରୁଷ ଭଲିବଲ୍ ଦଳ ମଧ୍ୟ କାଂସ୍ୟ ପଦକ ପାଇଥିଲା। ଅଶ୍ୱାରୋହଣରେ ଟିମ୍ ଡ୍ରେସେଜ୍ ଓ ଟିମ୍ ଇଭେଣ୍ଟିଂରୁ ଆସିଥିଲା ଆଉ ଦୁଇଟି କାଂସ୍ୟ। ସିଓଲ୍ ୧୯୮୬ ଭାରତର ବହୁମୁଖୀ କ୍ରୀଡ଼ା ପ୍ରତିଭାର ଆଉ ଏକ ପ୍ରମାଣ ଥିଲା। ତେବେ ସମସ୍ତଙ୍କ ଉପରେ ରହିଥିଲା ପି.ଟି. ଉଷାଙ୍କ ନାମ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ। ଏସିଆନ୍ ଗେମ୍ସ ଇତିହାସରେ ଜଣେ ଭାରତୀୟ ଆଥଲେଟଙ୍କ ଅନ୍ୟତମ ଶ୍ରେଷ୍ଠ ବ୍ୟକ୍ତିଗତ ପ୍ରଦର୍ଶନ ଭାବେ ଏହା ସ୍ମରଣୀୟ।

**ଏସିଆନ୍ ଗେମ୍ସ**

# ଜାପାନ ଗଲା ଭାରତୀୟ ହକି ଦଳ

ବେଙ୍ଗାଲୁରୁ, ୮।୯(ଏଜେନ୍ସି) : ଏସିଆନ୍ ଗେମ୍ସ ଅଭିଯାନ ପାଇଁ ଜାପାନ ଯାତ୍ରା କରିଛନ୍ତି ଭାରତୀୟ ପୁରୁଷ ଓ ମହିଳା ହକି ଦଳ। ଆଇଚି-ନାଗୋୟା ୨୦୨୬ ଏସିଆନ୍ ଗେମ୍ସରେ ଦଳର ଲକ୍ଷ୍ୟ ରହିଛି ସ୍ୱର୍ଣ୍ଣ ଜିତିବା ସହ ଲସ୍ ଏଞ୍ଜେଲସ୍ ୨୦୨୮ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବା। ଅଧିନାୟକ ହରମନପ୍ରୀତ ସିଂ ଓ ସଲିମା ଟେଟେ ତଥା ପୁରୁଷ ଓ ମହିଳା ଦଳର ପ୍ରଶିକ୍ଷକଙ୍କ ନେତୃତ୍ୱରେ ଭାରତୀୟ ଦଳ ମଙ୍ଗଳବାର ବେଙ୍ଗାଲୁରୁରୁ ଜାପାନ ଅଭିମୁଖେ ଯାତ୍ରା କରିଛି। ମାରିଜନେଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳର ପ୍ରଦର୍ଶନ ଚଳିତ ବର୍ଷ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ରୌପ୍ୟ ପଦକ ଜିତିଥିଲା। ଏହାପରେ ଅକଲାଣ୍ଡରେ ଅନୁଷ୍ଠିତ ଏଫ୍ଆଇଏଚ୍ ମହିଳା ନେସନ୍ସ କପରେ ଅପରାଜିତ ରହି ଚାମ୍ପିଅନ୍ ହୋଇଥିଲା। ଫାଇନାଲରେ ଭାରତ ଆୟୋଜକ ନ୍ୟୁଜିଲାଣ୍ଡକୁ ୨-୦ରେ ହରାଇଥିଲା। ଏହି ସଫଳତା ଭାରତକୁ ପରବର୍ତ୍ତୀ ସିଜନର ପ୍ରୋ ଲିଗକୁ ପଦୋନ୍ନତି ମଧ୍ୟ ଦେଇଛି। ବିଶ୍ୱକପରେ ମଧ୍ୟ ଭାରତୀୟ ମହିଳା ଦଳ ଦମଦାର ପ୍ରଦର୍ଶନ କରି ପଞ୍ଚମ ସ୍ଥାନ ହାସଲ କରିଥିଲା। ୧୯୭୪ର ପ୍ରଥମ ବିଶ୍ୱକପ୍ ପରେ ଏହା ଭାରତର ସର୍ବଶ୍ରେଷ୍ଠ ବିଶ୍ୱକପ୍ ସଫଳତା। ଟୁର୍ଣ୍ଣାମେଣ୍ଟରେ ଭାରତ ମାତ୍ର ଗୋଟିଏ ମ୍ୟାଚ୍ ହାରିଥିଲା। ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଡ୍ର କରିବା ସହ ଦକ୍ଷିଣ ଆଫ୍ରିକାକୁ



୬-୧ ଏବଂ ବିଶ୍ୱ ମାନ୍ୟତାର ପଞ୍ଚମ ସ୍ଥାନରେ ଥିବା ଜର୍ମାନୀକୁ ୩-୧ରେ ପରାସ୍ତ କରିଥିଲା। ଅଲିମ୍ପିକ୍ସ ଟିକେଟ୍ ପାଇଁ ସ୍ୱର୍ଣ୍ଣ ହିଁ ଲକ୍ଷ୍ୟ ଏଫ୍ଆଇଏଚର ଲସ୍ ଏଞ୍ଜେଲସ୍ ୨୦୨୮ ଯୋଗ୍ୟତା ନିୟମ ଅନୁଯାୟୀ, ଏସିଆନ୍ ଗେମ୍ସର ମହିଳା ହକିରେ ସର୍ବୋଚ୍ଚ ସ୍ଥାନରେ ଥିବା ଯୋଗ୍ୟ ଦଳ ଅଲିମ୍ପିକ୍ସ କୋଟା ହାସଲ କରିବ। ଅନ୍ୟ କୌଣସି ମାର୍ଗରେ ଯୋଗ୍ୟତା ହାସଲ କରିନଥିଲେ ଏହି ଦଳ ସିଧାସଳଖ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ ସ୍ଥାନ ପାଇବ। ତେଣୁ ଭାରତ ସାମ୍ନାରେ ଲକ୍ଷ୍ୟ ସ୍ପଷ୍ଟ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତ ଏବଂ ଅଲିମ୍ପିକ୍ସ ଟିକେଟ୍ ନିଶ୍ଚିତ କର। ଭାରତ ପୁଲ୍-ବିରେ ଜାପାନ, ଥାଇଲାଣ୍ଡ, ସିଙ୍ଗାପୁର, ଇଣ୍ଡୋନେସିଆ ଓ ଉଜବେକିସ୍ତାନ ସହ ସ୍ଥାନ ପାଇଛି। ସେପ୍ଟେମ୍ବର ୨୦ରେ ଉଜବେକିସ୍ତାନ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ୨୧ରେ ଇଣ୍ଡୋନେସିଆ, ୨୩ରେ ଥାଇଲାଣ୍ଡ, ୨୫ରେ ଜାପାନ ଏବଂ ୨୭ରେ ସିଙ୍ଗାପୁରକୁ ଭେଟିବ। ସେପ୍ଟେମ୍ବର ୩୦ରୁ ନକ୍ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ ଏବଂ ସେହିଦିନ ସେମିଫାଇନାଲ୍ ଖେଳାଯିବ। ଅକ୍ଟୋବର ୨ରେ ହେବ ସ୍ୱର୍ଣ୍ଣ ପଦକ ମ୍ୟାଚ୍। ଚଳିତ ବର୍ଷ ନେସନ୍ସ କପ୍ ବିଜୟ ଏବଂ ବିଶ୍ୱକପରେ ଐତିହାସିକ ପଞ୍ଚମ ସ୍ଥାନ ପରେ ଭାରତୀୟ ମହିଳା ଦଳ ଏବେ ଏହି ସଫଳତାର ଧାରାକୁ ଏସିଆନ୍ ଗେମ୍ସରେ ଜାରି ରଖି ସ୍ୱର୍ଣ୍ଣ ସହ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିଛି।

ସେହିଭଳି ପୁରୁଷ ଦଳ ତଥା ଡିଫେଣ୍ଡିଂ ଚାମ୍ପିଅନ ଭାରତ ପୁଲ୍ ଏ ରେ ସ୍ଥାନ ପାଇଛି। ଏହି ପୁଲରେ ଇଣ୍ଡୋନେସିଆ, ଜାପାନ, ବାଂଲାଦେଶ, ଶ୍ରୀଲଙ୍କା ସହ ଭାରତ ଥିବାରୁ ସ୍ୱର୍ଣ୍ଣ ଆଶା ବଢ଼ିଯାଇଛି। ଆଗାମୀ ସେପ୍ଟେମ୍ବର ୨୦ ରେ ଭାରତୀୟ ଦଳ ଇଣ୍ଡୋନେସିଆ ବିପକ୍ଷ ମ୍ୟାଚରୁ ଏସିଆଡ ଅଭିଯାନ ଆରମ୍ଭ କରିବ। ଏହି ଏସିଆଡର ମୁଖ୍ୟ ସହର ଜାପାନର ନାଗୋୟା ଠାରୁ ୩୫ କିମି ଦୂରରେ ଥିବା କାକାମିଗାହାରାରେ ହକି ପ୍ରତିଯୋଗିତା ହେବ। ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଉଭୟ ପୁରୁଷ ଓ ମହିଳା ଦଳର ହକି ପ୍ରତିଯୋଗିତା କାକାମିଗାହାରାରେ ଖେଳାଯିବ। ଚଳିତ ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ରେ ଭାରତ ଅଷ୍ଟମ ସ୍ଥାନ ସହ ଅଭିଯାନ ଶେଷ କରିଥିଲା। ତେଣୁ ଦଳ ୨୦୨୮ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ପାଇଁ ଏସିଆଡରେ ଯୋଜନା କରିଛି। ଯଦି ଭାରତ ସ୍ୱର୍ଣ୍ଣ ଜିତିବାରେ ସଫଳ ହୁଏ,ତେବେ ସିଧାସଳଖ ଅଲିମ୍ପିକ୍ସ ଟିକେଟ୍ ମିଳିବ।

# ସାସ୍ରୋଲିରୁ ଆଇଚି-ନାଗୋୟା

## ପଦକ ଲକ୍ଷ୍ୟରେ ସୁରୁଚୀ





ନୂଆଦିଲ୍ଲୀ ୮।୯(ଏଜେନ୍ସି): ୨୦୧୯ରେ ମାତ୍ର ୧୩ ବର୍ଷ ବୟସରେ ପ୍ରଥମଥର ପିସ୍ତଲ ହାତରେ ଧରିଥିଲେ ସୁରୁଚି ଫୋଗାଟ। ହରିୟାଣାର ଭିୱାନିସ୍ଥିତ ଗୁରୁ ଦ୍ରୋଣାଚାର୍ଯ୍ୟ ଶୁଟିଂ ଏକାଡେମୀରେ ରାଇଫଲ୍ ନଥିବାରୁ ସେ ପିସ୍ତଲ ଶୁଟିଂ ଆରମ୍ଭ କରିଥିଲେ। ଏହା ପଛରେ ଥିଲେ ତାଙ୍କ ବାପା, ଯିଏ ଝିଅକୁ ଜଣେ କ୍ରୀଡ଼ାବିତ୍ ଭାବେ ଗଢ଼ିବାକୁ ଦୃଢ଼ସଂକଳ୍ପ କରିଥିଲେ। ଆଜି ୨୦ ବର୍ଷୀୟା ସୁରୁଚି ଭାରତୀୟ ଶୁଟିଂ ଦଳର ଅନ୍ୟତମ ଭରସା। ଚଳିତ ମାସରେ ହେବାକୁ ଥିବା ଏସିଆନ୍ ଗେମ୍ସର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ତାଙ୍କଠାରୁ ପଦକ ଆଶା କରାଯାଉଛି। ଗତ ୧୮ ମାସର ଚମତ୍କାର ପ୍ରଦର୍ଶନ ତାଙ୍କୁ ଏହି ଆଶାର ଅନ୍ୟତମ କାରଣ କରିଛି। ନିଜର ପ୍ରଥମ ଏସିଆନ୍ ଗେମ୍ସକୁ ନେଇ ସୁରୁଚି କହିଛନ୍ତି, "ମୋ ଭିତରେ କେବଳ ଉତ୍ସାହ ଅଛି। ନା ଭୟ, ନା ଚାପ କିଛି ନାହିଁ" ଭାରତୀୟ ଶୁଟିଂ ଦଳର ସବୁଠାରୁ କନିଷ୍ଠ ସଦସ୍ୟା ଭାବେ ସେ ସମସ୍ତେ ସମାନ ବୋଲି କହିଥିଲେ ମଧ୍ୟ କୋଚିଂ ଓ ସ୍ପୋର୍ଟ୍ସ ସାଇନ୍ସ ଟିମର କିଛି ସଦସ୍ୟ ଯାତ୍ରା ସମୟରେ ତାଙ୍କ ପ୍ରତି ଅଧିକ ଯତ୍ନଶୀଳ ବୋଲି ସ୍ୱୀକାର କରିଛନ୍ତି। ସୁରୁଚିଙ୍କ ସଫଳତା ଯାତ୍ରା ମଧ୍ୟ ବେଶ୍ ରୋମାଞ୍ଚକର। ଝଜ୍ଜର ଜିଲ୍ଲାର ସାସ୍ରୋଲି ଗାଁରୁ ପ୍ରାୟ ୧୦୦ କିଲୋମିଟର ଯାତ୍ରା କରି ସେ ସ୍ଥାନୀୟ ଟ୍ରେନରେ ଏକାଡେମୀକୁ ଯାଉଥିଲେ। ବାପା ଓ ଭାଇ ତାଙ୍କ ସହ ପଦକ ଜିତିବା

ଆରମ୍ଭ କଲେ, ଟ୍ରେନ୍ର ନିୟମିତ ଯାତ୍ରୀମାନେ ତାଙ୍କୁ ଚିହ୍ନିବା ଆରମ୍ଭ କରିଥିଲେ। ଗତ ୧୮ ମାସରେ ସୁରୁଚି ଲଗାତାର ୪ଟି ବିଶ୍ୱକପ୍ ଓ ବିଶ୍ୱକପ୍ ଫାଇନାଲ୍ ଜିତିଛନ୍ତି। ଏହି ସମୟରେ ସେ ୧୦ ମିଟର ଏୟାର ପିସ୍ତଲରେ ଜାତୀୟ ରେକର୍ଡ ଓ ବିଶ୍ୱ ଜୁନିୟର ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ଏହାସହ ସେ ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନକୁ ଉଠିଛନ୍ତି। ଆଇଚି-ନାଗୋୟା ତାଙ୍କ ପାଇଁ ଏକ ବଡ଼ ମଞ୍ଚ, ହେଲେ ସୁରୁଚିଙ୍କ ଯାତ୍ରା ଏଠାରେ ଶେଷ ନୁହେଁ , ଏହା କେବଳ ଆରମ୍ଭ।

# ଓଡିଶା ହ୍ୟାଣ୍ଡବଲ ସଙ୍ଘ ନିର୍ବାଚନ

ପୁରୀ, ୮।୯(ସବ୍ୟୁ) : ଓଡିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏସନର ବାର୍ଷିକ ସାଧାରଣ ବୈଠକ ପୁରୀର ଝାଡେଶ୍ୱରରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରିତ୍ୱିକ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ତଥା ସାଧାରଣ ନିର୍ବାଚନରେ ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ କୁମାର ନାୟକ ଏବଂ ହ୍ୟାଣ୍ଡବଲ ଆସୋସିଏସନ ଅଫ ଇଣ୍ଡିଆ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଝାଡଖଣ୍ଡ ହ୍ୟାଣ୍ଡବଲ ଆସୋସିଏସନର କୋଷାଧ୍ୟକ୍ଷ ସୟଦ ସମିମି ଅହମ୍ମଦ ଉପସ୍ଥିତ ଥିଲେ। ଆଗାମୀ ୪ ବର୍ଷ ପାଇଁ ରାଜ୍ୟ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ବିପ୍ଳବ ଚୌଧୁରୀ




## ବିପ୍ଳବ ସଭାପତି, ମାନସ ସମ୍ପାଦକ

ରାଜ୍ୟ ସଂଘର ନୂତନ ସଭାପତି ତଥା ମାନସ କୁମାର ସିଂ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ରିତିକ୍ ଅଧିକାରୀ, ସୁରେଶ ଚନ୍ଦ୍ର ପାଢୀ, ରମେଶ ପୃଷ୍ଟି, ପାର୍ଥ ସାରଥୀ ମହାପାତ୍ର ଉପସଭାପତି ତଥା ଗୌରୀଶଙ୍କର ମିଶ୍ର ଓ ଗୀତାଞ୍ଜଳି ଦାସ ଯୁଗ୍ମ ସମ୍ପାଦକ, ସୀତେନ୍ଦ୍ର ନାଥ ଦାସ କୋଷାଧ୍ୟକ୍ଷ ଭାବେ ଆଗାମୀ ୪ ବର୍ଷ ପାଇଁ କାର୍ଯ୍ୟ କରିବେ। କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟରେ ସାରଦା ପ୍ରସାଦ ଦାସ, ପ୍ରଶାନ୍ତ ରଥ, ଶୁଭେନ୍ଦ୍ର ନାରାୟଣ ଚୌଧୁରୀ, ପ୍ରତାପ କୁମାର ମହାନ୍ତି, ପ୍ରଣୟ କୁମାର ପାଣି ଓ ବିଷ୍ଣୁପ୍ରସାଦ ପଟ୍ଟନାୟକ ଅଛନ୍ତି। ବାର୍ଷିକ ସାଧାରଣ ବୈଠକରେ ବର୍ଷ ତମାମର ସଂଘର କାର୍ଯ୍ୟକ୍ରମ, ପୂର୍ବ ବର୍ଷ କାର୍ଯ୍ୟର ସମୀକ୍ଷା ଏବଂ ଆଗାମୀ ୪ ବର୍ଷ ମଧ୍ୟରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ଓ ହ୍ୟାଣ୍ଡବଲର ବିକାଶ ଦିଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଭୁବନେଶ୍ୱର ହ୍ୟାଣ୍ଡବଲ ସଙ୍ଘ ଉପସଭାପତି ସକଳେଶ୍ୱର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁଏସ୍ ଓପନରୁ ଓସାକା ବିଦା; ପୋଷାକକୁ ନେଇ ଟ୍ରୋଲ୍

ନ୍ୟୁୟର୍କ, ୮।୯(ଏଜେନ୍ସି) : ୟୁଏସ୍ ଓପନରେ ଚାରିଥରର ଗ୍ରାଣ୍ଡସ୍ଲାମ୍ ବିଜୟିନୀ ନାଓମି ଓସାକାଙ୍କ ଅଭିଯାନ ଶେଷ ହୋଇଛି। ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ବିଶ୍ୱ ନମ୍ବର-୨ ଏଲେନା ରିବାକିନାଙ୍କଠାରୁ ଓସାକା ୧-୬, ୪-୬ ସିଧାସଳଖ ସେଟରେ ପରାସ୍ତ ହୋଇ କ୍ୱାର୍ଟର ଫାଇନାଲରୁ ବଞ୍ଚିତ ହୋଇଛନ୍ତି। ମ୍ୟାଚ୍ ପୂର୍ବରୁ ଓସାକାଙ୍କ ନୂଆ ଫ୍ୟାଶନ୍ ଲୁକ୍ ଚର୍ଚ୍ଚାର କେନ୍ଦ୍ରରେ ଥିଲା। ସେ ମୋଟା ଫକ୍ସ-ଫର୍ ଲାଗିଥିବା ଏକ ବଡ଼ ହୁଡେଡ୍ କୋଟ୍ ପିନ୍ଧି କୋର୍ଟକୁ ପ୍ରବେଶ କରିଥିଲେ। ତେବେ ମ୍ୟାଚରେ ତାଙ୍କ ପ୍ରଦର୍ଶନ ଆଶାନୁରୂପ ନ ହେବା ପରେ ସୋସିଆଲ୍ ମିଡିଆରେ କିଛି ପ୍ରଶଂସକ ତାଙ୍କ ପୋଷାକକୁ ନେଇ ଟ୍ରୋଲ୍ କରିଥିଲେ। ରିବାକିନା ଆରମ୍ଭରୁ ଆକ୍ରମଣାତ୍ମକ ଟେନିସ୍ ଖେଳି ମାତ୍ର ୨୨ ମିନିଟରେ ପ୍ରଥମ ସେଟ୍ ୬-୧ରେ ଜିତିଥିଲେ। ଦ୍ୱିତୀୟ ସେଟରେ ଓସାକା ଲଢ଼େଇ କରିଥିଲେ ମଧ୍ୟ ରିବାକିନାଙ୍କ ଶକ୍ତିଶାଳୀ ସର୍ଭିସ୍ ଓ ଗ୍ରାଉଣ୍ଡଷ୍ଟ୍ରୋକ୍ ସାମ୍ନାରେ ଟିକିପାରିନଥିଲେ। ତେବେ ଓସାକାଙ୍କ ଫ୍ୟାଶନକୁ ନେଇ ହୋଇଥିବା ସମାଲୋଚନାକୁ ସମସ୍ତେ ସମର୍ଥନ କରିନଥିଲେ। ଦ୍ୱିତୀୟ ରାଉଣ୍ଡରେ ଓସାକାଙ୍କ ସହ ଖେଳିଥିବା ଡୋନା ଭେକିଚ୍ ପ୍ରଶଂସକଙ୍କୁ 'ରିଲାକ୍ସ' କରିବାକୁ କହିବା ସହ ଫ୍ୟାଶନ୍ ମାଧ୍ୟମରେ ଓସାକା ନିଜକୁ ପ୍ରକାଶ କରୁଥିବାରୁ ଏହାକୁ ସମ୍ମାନ କରିବା ଉଚିତ ବୋଲି କହିଥିଲେ।

# ନୀଳ ଜର୍ସି ପିନ୍ଧି ଓହ୍ଲାଇବେ ଭାରତୀୟ ହକି ଖେଳାଳି

ନୂଆଦିଲ୍ଲୀ, ୮।୯(ଏଜେନ୍ସି) : ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା ଦଳ ପୁଣି ଥରେ ନିଜର ପାରମ୍ପରିକ ନୀଳ ଜର୍ସି ପିନ୍ଧି ଖେଳିବେ। ନିକଟରେ ନେଦରଲାଣ୍ଡସ୍ ଓ ବେଲଜିୟମରେ ଅନୁଷ୍ଠିତ ବିଶ୍ୱକପରେ ଭାରତୀୟ ଦଳ କମଳା ରଙ୍ଗର ଜର୍ସି ପିନ୍ଧିଥିଲା। ଯାହାକୁ ନେଇ ବେଶ୍ ବିବାଦ ଦେଖାଦେଇଥିଲା। ଜୁଲାଇ ୨୭ରେ ହକି ଇଣ୍ଡିଆ ସ୍ପଷ୍ଟିକରଣ ଦେଇଥିଲା ଯେ, ନୀଳ ରଙ୍ଗର ଟର୍ଫ ହେତୁ ଖେଳାଳିଙ୍କୁ ଚିହ୍ନିବାରେ ଅସୁବିଧା ହେଉଥିବାରୁ କମଳା ରଙ୍ଗର ଜର୍ସି ବ୍ୟବସ୍ଥା ହୋଇଥିଲା ।ଧନରାଜ ପିଲେ, ବିରେନ ରସକିହ୍ନା, ପର୍ଗତ ସିଂ, ଅଜିତ ପାଲ ସିଂ ଓ ବାସୁଦେବନ ଭାସ୍କରନ ଭଳି ପୂର୍ବତନ ଅଧିନାୟକ ମାନେ ଭାରତୀୟ ଦଳର ଜର୍ସିକୁ ବିରୋଧ କରିଥିଲେ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡା, ୮।୯(ସବ୍ୟୁ) : କେନ୍ଦ୍ରାପଡା ବ୍ୟାଡମିଣ୍ଟନ ଆସୋସିଏସନ୍ ତରଫରୁ ପଂଚମ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ ଏହି ପ୍ରତିଯୋଗୀତାରେ ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ/ବାଳିକା ବିଭାଗରେ ବି.ଏସ୍ ଓ ଜିଏସ୍ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ଛାତ୍ରଛାତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ । ଉଦୀୟମାନ ଖେଳାଳୀମାନେ ନିଜର ଦକ୍ଷତା, ଶୃଙ୍ଖଳା ଓ ଉତ୍ସାହ ସହ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଖେଳାଳୀମାନେ ନିୟମିତ ଅଭ୍ୟାସ, ଶୃଙ୍ଖଳା ଓ ନିଷ୍ଠା ମାଧ୍ୟମରେ ଭବିଷ୍ୟତରେ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିବାକୁ ପରାମର୍ଶ ଦେଇଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ଦୁଲୀପ ଟ୍ରଫି ଫାଇନାଲ



## ପୂର୍ବାଞ୍ଚଳର ବିଶାଳ ସ୍କୋର, ଦକ୍ଷିଣାଞ୍ଚଳର ସଂଘର୍ଷ

- ପୂର୍ବାଞ୍ଚଳ ପ୍ରଥମ ଇନିଂସ ୭୦୮
- ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ୨୪୨/୬
- ଇଶାନ କିଶାନ ୨୭୦



ଚେନ୍ନାଇ, ୮।୯(ଏଜେନ୍ସି) : ମର୍ଯ୍ୟାଦାଜନକ ଦୁଲୀପ ଟ୍ରଫି ଫାଇନାଲ ରୋଚକ ମୋଡ ନେଇଛି। ଇଶାନ କିଶାନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ପ୍ରଥମ ଇନିଂସରେ ୭୦୮ ରନର ବିଶାଳ ସ୍କୋର କରି ଦକ୍ଷିଣାଞ୍ଚଳ ପାଇଁ ଅଡୁଆ ସୃଷ୍ଟି କରିଛି। ମ୍ୟାଚର ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଦକ୍ଷିଣାଞ୍ଚଳ ୮୦ ଓଭରରେ ୬ ୱିକେଟ ହରାଇ ୨୪୨ ରନ କରିଛି। ଏବେବି ଦଳ ୪୬୬ ରନ ପଛରେ ଥିବାରୁ ଫଲୋଅନ ଏଡାଇବାକୁ ସଂଘର୍ଷ ଜାରି ରଖିଛି। ଅଧିନାୟକ ଇଶାନ କିଶାନ ଦୁଲୀପ ଟ୍ରଫି ଫାଇନାଲରେ ୨୭୦ ରନର ସ୍ମରଣୀୟ ଇନିଂସ ଖେଳି ଦଳକୁ ବିଜୟର ନିକଟତର କରାଇଛନ୍ତି। କିନ୍ତୁ ମ୍ୟାଚର ଆଉ ୨ ଦିନ ଖେଳ ବାକି ଥିବାରୁ ଦକ୍ଷିଣାଞ୍ଚଳ ମ୍ୟାଚ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରିବ।

ପୂର୍ବାଞ୍ଚଳର ପ୍ରଥମ ଇନିଂସ ବେଶ୍ ରୋଚକ ଥିଲା। ଭାରତୀୟ ଦଳରେ ଖେଳିସାରିଥିବା ଏକାଧିକ ତାରକାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଫାଇନାଲ ମ୍ୟାଚକୁ ମଜାଦାର କରିଛି। ଅଭିଜ୍ଞ ଅଭିମନ୍ୟୁ ଇଶ୍ୱରନ ୭୨, ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ୪୪, ଶିଖର ମୋହନ ୮୫, ଅଧିନାୟକ ଇଶାନ କିଶାନ ୨୭୦, କୁମାର କୁଶଂଗ୍ର ୧୦୧, ଅନୁକୂଳ ରୟ ୪୫, ମହମ୍ମଦ କୌନାନି କ୍ୟୁରେସି ୪୦, ମହମ୍ମଦ ସାମି ୨୮ ରନ କରିଥିଲେ। ତେଣୁ ପୂର୍ବାଞ୍ଚଳ ପ୍ରଥମ ପାଳିରେ ୧୬୩ ଓଭରରେ ୭୦୮ ରନ କରି ଅଲ ଆଉଟ୍ ହୋଇଥିଲା। ଦକ୍ଷିଣାଞ୍ଚଳର ତ୍ରିପୁରନ ବିଜୟ ସର୍ବାଧିକ ୪ ୱିକେଟ୍ ସଫଳତା ହାସଲ କରିଥିଲେ। ଜବାବ୍‌ରେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ଖରାପ ଆରମ୍ଭ ସତ୍ତ୍ୱେ ସଂଘର୍ଷ କରିଛି। ଓପନର ରିକି ଭୁଇ ୧ ରନ କରି ଶୀଘ୍ର ପାଭିଲିୟନ ଫେରିଯାଇଥିଲେ। ଏହାପରେ ନାରାୟଣ ଜଗଦେଶାନ ୩୨, ଦେବଦତ୍ତ ପଡିକାଲ ୬୨, ଶେଖ୍ ରସିଦ ୨୭, ଅଧିନାୟକ ତିଲକ ବର୍ମା ଅପରାଜିତ ୫୬, ରବିଚନ୍ଦ୍ରନ ସ୍ମରଣ ୨୩ ଓ ଶ୍ରେୟାସ ଗୋପାଳ ୨୬ ରନ କରିଥିଲେ। ତିଲକ ବର୍ମାଙ୍କ ସହ ଟାମା ମିଲିନ୍ଦ ୭ମ ୱିକେଟ୍ ପାଇଁ ବ୍ୟାଟିଂ ଜାରି ରଖିଛନ୍ତି। ଦଳ ୮୦ ଓଭରରେ ୬ ୱିକେଟ ହରାଇ ୨୪୨ ରନ କରିଛି। ପୂର୍ବାଞ୍ଚଳର ମହମ୍ମଦ ସାମି ଓ ମୁକେଶ କୁମାରଙ୍କୁ ଦୁଇଟି ଲେଖାଏଁ ୱିକେଟ ସଫଳତା ମିଳିଥିବା ବେଳେ ମହମ୍ମଦ କୌନାନି ଓ ଶିଖର ମୋହନଙ୍କୁ ଗୋଟିଏ କରି ୱିକେଟ ମିଳିଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି